

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୦ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 10 NOVEMBER 2020

Vol.No. 30 ■ No. 284 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର୍ ଅବସାନ ଘଟାଇ ଖୁବ୍ ଶୀଘ୍ର ପ୍ରକାଶ ପାଉଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଆଜି ଖୋଲିବ ଇଭିଏମ୍‌ରେ ସିଲ ଥିବା ପ୍ରାର୍ଥୀଙ୍କ ଭାଗ୍ୟ



ଭୁବନେଶ୍ୱର,୯।୧୧ (ନି.ପ୍ର): ଆସନ୍ତାକାଲି (ମଙ୍ଗଳବାର) ବାଲେଶ୍ୱର ସଦର ଓ ତିର୍ତୋଲ ଉପନିର୍ବାଚନର ଭୋଟ୍ ଗଣତି କରାଯିବ। ମଙ୍ଗଳବାର ସକାଳ ୮ଟାରୁ ଭୋଟ୍ ଗଣତି ଆରମ୍ଭ ହେବ। ଗଣତି ପାଇଁ ୧୪ଟି ଟେବୁଲ ରହିବ। ପ୍ରଥମେ ପୋଷ୍ଟାଲ୍ ବାଲାଟ୍ ଏବଂ ୮ଟା ୩୦ରେ ଇଭିଏମ୍ ଭୋଟ୍ ଗଣତି ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ପ୍ରତିଥର ଭୋଟ ଗଣତି ବେଳେ ଗୋଟିଏ କାଉଂଟିଂ ହଲ୍ ରେ ୧୪ଟି ଟେବୁଲ ରଖାଯାଉଥିଲା। ଏଥର ଗୋଟିଏ ହଲ୍ ରେ ୭ ଟି ଟେବୁଲ ରହିବ। ୩ ଟି କାଉଂଟିଂ ହଲ୍ ମଧ୍ୟରୁ ଗୋଟିଏରେ ପୋଷ୍ଟାଲ ବାଲାଟ୍ ଗଣତି କରାଯିବ। ବାଲେଶ୍ୱର ସଦର ପାଇଁ ୩ ଜଣ ଅତିରିକ୍ତ ଏଆରଓ ଏବଂ ତିର୍ତୋଲ ପାଇଁ ୨ ଜଣ ଅତିରିକ୍ତ ଏଆରଓଙ୍କ ନିଯୁକ୍ତି ଦିଆଯାଇଛି। ପ୍ରତ୍ୟେକ ଟେବୁଲରେ ୩ ଜଣ କାଉଂଟିଂ କର୍ମଚାରୀ ରହିବେ। ମୋଟ ୧୧୦ ଜଣ କାଉଂଟିଂ କର୍ମଚାରୀ ଓ ୫୭ ଜଣ ମାଇକ୍ରୋ ଅବଜରଭରଙ୍କୁ ନିଯୁକ୍ତ କରାଯାଇଛି। ପ୍ରତ୍ୟେକ ଟେବୁଲ ପାଇଁ ପ୍ରାର୍ଥୀ ଜଣେ ଲେଖାଏଁ କାଉଂଟିଂ ଏଜେଂଟ ଦେଇପାରିବେ। କୋଭିଡ ନିୟମ ମାନି ଭୋଟ ଗଣତି ହେବ। ସାମାଜିକ ଦୂରତା, ମାସ୍କ, ଫେସ ସିଲ୍ଡ, ସାନିଟାଇଜର, ୱେୟାରଲେସ ବାରିକେଡ ଓ ଟ୍ରାନ୍ସପରେଂଟ ପଲିଥିନ ସିଟ ରହିବ । ଫଳାଫଳ ବାହାରିବା ପାଇଁ କ୍ୟାମେରା ଓ ଟିଭି ରଖାଯାଇଛି। ଶେଷରେ ଭିଭିପାଟ ଗଣନା ହେବ। ନିର୍ବାଚନ କମିସନ୍ ୱେବସାଇଟ (ରେଜଲ୍ଟ ଡଟ୍ ଇସିଆଇ ଡଟ୍ ଜିଓଭି ଡଟ୍ ଇନ୍)ରେ ଫଳାଫଳ ପ୍ରତି ରାଉଣ୍ଡରେ ଆସିବ।କାଉଂଟିଂ ସେଂଟରରେ ମଧ୍ୟ ଘୋଷଣା କରାଯିବ। ଗଣମାଧ୍ୟମକୁ ଛୋଟ ଛୋଟ ଗ୍ରୁପରେ ସୁଟିଂ ପାଇଁ ଅନୁମତି ଦିଆଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଗଣତି କେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ପ୍ରତି ରାଉଣ୍ଡ

▶▶ପୃଷ୍ଠା ୭

## କରୋନା ନେଲା ଆଉ ୧୬ ଜୀବନ



ଭୁବନେଶ୍ୱର,୯।୧୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୬ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୪୪୧ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଓକେନ୍ଦୁଝର ଜିଲ୍ଲାରୁ ୩ ଜଣ ଲେଖାଏଁ , ସମ୍ବଲପୁର ରୁ ୨ ଜଣ , ବାଲେଶ୍ୱର, ବରଗଡ, ବୌଦ୍ଧ , କଟକ, ଯାଜପୁର , ମୟୂରଭଂଜ, ନୟାଗଡ ଓ ରାଉରକେଲାରୁ ଜଣେ ଲେଖାଏଁ ବ୍ୟକ୍ତି ରହିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲାର ମୃତକଙ୍କ ମଧ୍ୟରେ ଭୁବନେଶ୍ୱରର ୨ ଜଣ ପୁରୁଷ ରହିଛନ୍ତି । ସେମାନଙ୍କ ବୟସ ଯଥାକ୍ରମେ ୫୩ ଓ ୬୨। ଖୋର୍ଦ୍ଧା ଜିଲ୍ଲାର ଅନ୍ୟଜଣେ ୬୫ ବର୍ଷୀୟ ପୁରୁଷ। ସେହିପରି କେନ୍ଦୁଝରର ୩ ମୃତକଙ୍କ ମଧ୍ୟରେ ୫୫ ଓ ୩୮ ବର୍ଷର ୨ ଜଣ ପୁରୁଷ ଓ ୮୦ ବର୍ଷର ଜଣେ ବୃଦ୍ଧା ରହିଛନ୍ତି। ସମ୍ବଲପୁରର ୨ ମୃତକଙ୍କ ମଧ୍ୟରେ ୭୦ ଓ ୯୦ ବର୍ଷର ୨ ଜଣ ପୁରୁଷ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱରର ୫୫ ବର୍ଷର ମହିଳା, ବରଗଡର ୫୭ ବର୍ଷ ପୁରୁଷ, ବୌଦ୍ଧର ୬୪ ବର୍ଷର ପୁରୁଷ, କଟକର ୭୫ ବର୍ଷର ପୁରୁଷ , ଯାଜପୁରର ୪୬ ବର୍ଷର ପୁରୁଷ , ମୟୁରଂଭଜର ୬୫ ବର୍ଷର ପୁରୁଷ, ନୟାଗଡର ୫୧ ବର୍ଷର ପୁରୁଷ ଓ ରାଉରକେଲାର ୪୫ ବର୍ଷର ପୁରୁଷ ମୃତ୍ୟୁବରଣ କରିଛନ୍ତି।

## ଭୁବନେଶ୍ୱର ବାଲିଯାତ୍ରା ବନ୍ଦ

ଭୁବନେଶ୍ୱର,୯।୧୧ (ନି.ପ୍ର): କଟକ ପରେ ଭୁବନେଶ୍ୱର ବାଲିଯାତ୍ରାକୁ ମଧ୍ୟ କୋଭିଡ୍ -୧୯ ମହାମାରୀ କାରଣରୁ ବାତିଲ କରାଯାଇଛି। ସୋମବାର ଟ୍ୱିନ୍ ସିଟି ପୋଲିସ୍ କମିଶନର ସୁଧାଂଶୁ ଷଡଙ୍ଗୀଙ୍କ ସହ ଆୟୋଜକ କମିଟି ସଦସ୍ୟଙ୍କ ଆଲୋଚନା ପରେ ଏହି ନିଷ୍ପତି ନିଆଯାଇଛି। ବାଲିଯାତ୍ରା ହେଲେ ପ୍ରବଳ ଭିଡ ଯୋଗୁଁ କରୋନା ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି। ତେଣୁ ଏଥର ବାଲିଯାତ୍ରା ବନ୍ଦ ରଖିବାକୁ ସ୍ଥିର କରାଯାଇଛି। ଏହାପୂର୍ବରୁ ଅକ୍ଟୋବର ୩୧ ତାରିଖରେ କଟକ ଜିଲ୍ଲା ପ୍ରଶାସନ ଚଳିତ ବର୍ଷ ମହାନଦୀ ବାଲିପାରେ ଅନୁଷ୍ଠିତ ହେଉଥିବା ଐତିହାସିକ ବାଲିଯାତ୍ରା ଆୟୋଜନ ନକରିବାକୁ ନିଷ୍ପତି ନେଇଥିଲା।

## ଖସୁଛି ପାରଦ : ୧୨ ଡିଗ୍ରୀ ତଳେ ୬ ସ୍ଥାନ

### ସୋନପୁର ସବୁଠୁ ଥଣ୍ଡା ସହର



ଭୁବନେଶ୍ୱର,୯।୧୧ (ନି.ପ୍ର): ଧିରେ ଧିରେ ପାରଦ ଖସିବା ସହ ଥଣ୍ଡା ବି ବଢି ଚାଲିଛି। ବିଶେଷ କରି ପଶ୍ଚିମ ଓଡିଶାରେ ତାପମାତ୍ରା କମୁଛି। ଆଜି ସୋନପୁର ରାଜ୍ୟର ସବୁଠାରୁ ଥଣ୍ଡା ସହର ରହିଛି। ଏଠାରେ ୯.୪ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ରାଜ୍ୟର ମୋଟ ୬ଟି ସ୍ଥାନର ତାପମାତ୍ରା ୧୨ ଡିଗ୍ରୀ ତଳେ ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଦାରିଙ୍ଗବାଡି ରେ୯.୫ ଡିଗ୍ରୀ , ଫୁଲବାଣୀ ୧୦.୦ ଡିଗ୍ରୀ, ଅନୁଗୁଳ ରେ ୧୧. ୦ ଡିଗ୍ରୀ, କୋରାପୁଟରେ ୧୧.୨ ଡିଗ୍ରୀ, ଭବାନୀପାଟଣାରେ ୧୧.୪ ଡିଗ୍ରୀ, ଝାରସୁଗୁଡାରେ ୧୩.୪ ଡିଗ୍ରୀ ତାଳଚେର ୧୩.୫ ଡିଗ୍ରୀ ,କେନ୍ଦୁଝରରେ ୧୪.୪ ଡିଗ୍ରୀ , ବଲାଙ୍ଗୀରରେ ୧୪.୦ ଡିଗ୍ରୀ ଏବଂ ମାଲକାନଗିରିରେ ୧୪.୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଭୁବନେଶ୍ୱର ରେ ୧୬.୩ ଡିଗ୍ରୀ ଏବଂ କଟକ ରେ ୧୬.୦ ତାପମାତ୍ରା ରେକର୍ଡ ହୋଇଛି ।

## ଜଳସଂପଦ ବିଭାଗର ୪ଟି ଅନ୍‌ଲାଇନ ସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୯।୧୧ (ନି.ପ୍ର): ଏଣିକି ଜଳସେଚନ ସମସ୍ୟା ପାଇଁ ଚାଷ କାମ ଛାଡି ଆଉ ଚାଷୀ କୁ ଅଫିସକୁ ଦୌଡିବାକୁ ଦରକାର ହେବ ନାହିଁ। ମୋବାଇଲ ଫୋନର ଫଟୋ ଓ ଭିଡିଓ ଜରିଆରେ ଚାଷୀ ଜଳସେଚନ ସମସ୍ୟା ସଂପର୍କରେ ଜଳସଂପଦ ବିଭାଗକୁ ସିଧା ଜଣାଇପାରିବେ। ଅନ୍‌ଲାଇନ ଅଭିଯୋଗ ପରାଚାଳନା ବ୍ୟବସ୍ଥା “ସେଚ ସମାଧାନ” ଚାଷୀମାନଙ୍କୁ ଏହି ସୁବିଧା ଯୋଗାଇବ। ଏଥିସହ ମୁଖ୍ୟମନ୍ତ୍ରୀଙ୍କର ୫-ଟି କାର୍ଯ୍ୟକ୍ରମ ଚାଷୀ ଓ ଜଳସଂପଦ ବିଭାଗକୁ ସିଧାସଳଖ ଯୋଡି ପାରିଛି। “ସେଚ ସମାଧାନ” ସହିତ ବିଜୁ କୃଷକ ଯୋଜନାରେ ଗୋଷ୍ଠୀ ଉଠାଜଳସଚେନ ପ୍ରକଳ୍ପ ପାଇଁ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା, ଶିଳ୍ପସଂସ୍ଥା ମାନଙ୍କ ପାଇଁ ଜଳ ଆବଂଟନ ଆବେଦନ ପକ୍ରିୟା ଏବଂ ବ୍ୟବସାୟିକ ଓ ଅନ୍ୟ ସଂସ୍ଥା ପାଇଁ ଆବେଦନ ପୋର୍ଟାଲ ଏହିପରି ୪ଟି ଗୋଟି ଅନ୍‌ଲାଇନ ସେବା ବ୍ୟବସ୍ଥାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସୋମବାର ଶୁଭାରମ୍ଭ କରିଛନ୍ତି। ଆଜି ଲୋକାର୍ପିତ ଅନ୍‌ଲାଇନ ଅଭିଯୋଗ ପରିଚାଳନା ବ୍ୟବସ୍ଥା ସେଚ ସମାଧାନ ଏକ ଦ୍ୱିଭାଷୀୟ ମୋବାଇଲ ଆପ୍ । ଏହି ପଦ୍ଧତିରେ ଚାଷୀ ଜଳସଂପଦ ବିଭାଗ ଅଫିସକୁ ନ ଆସି ତାଙ୍କ ଅଭିଯୋଗ ଫଟୋ ବା ଭିଡିଓ ମୋବାଇଲ

▶▶ପୃଷ୍ଠା ୭

## ପବ୍ଲିକ୍ ଆକାଉଂଟସ୍ କମିଟି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୯।୧୧ (ନି.ପ୍ର): ପବ୍ଲିକ୍ ଆକାଉଂଟସ୍ କମିଟିର ବିଠକ ଏହାର ଅଧକ୍ଷ ନରସିଂହ ମିଶ୍ରଙ୍କ ଅଧକ୍ଷତାରେ ବିଧାନସଭାର ୫୯ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଖାଦ୍ୟଯୋଗାଣ, ହସ୍ତତନ୍ତ ଏବଂ ବୟନ ଶିଳ୍ପ, ସମବାୟ ବିଭାଗ ଉପରେ ଆଲୋଚନା ହୋଇଥିଲା । କୋଭିଡ୍ କଟକଣା ଯୋଗୁଁ ଭିଡ଼ିଓ କନ୍‌ଫରେନ୍ସ

▶▶ପୃଷ୍ଠା ୭

## ଆଜି ବିହାର ରେଜଲ୍ଟ

### ରାଜ୍ୟର ୩୮ ଟି ଜିଲ୍ଲାରେ ୫୫ ଟି ଗଣନା କେନ୍ଦ୍ର

ପାଟନା,୯।୧୧ (ନି.ପ୍ର): ଆସନ୍ତାକାଲି (ମଙ୍ଗଳବାର) ବିହାର ବିଧାନସଭା ନିର୍ବାଚନର ଭୋଟ ଗଣତି ସକାଳ ୮ ଟାରୁ ଆରମ୍ଭ ହେବ। ବିଭିନ୍ନ ପର୍ଯ୍ୟାୟରେ ଭୋଟ୍ ଗଣତି ପରେ ମଧାହ୍ନ ସୁଦ୍ଧା ଚିତ୍ର ସ୍ୱଷ୍ଟ ହୋଇଯିବ। ଭୋଟ ଗଣତି ପାଇଁ ରାଜ୍ୟର ସମସ୍ତ ୩୮ ଟି ଜିଲ୍ଲାରେ ୫୫ ଟି ଗଣନା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ୪୧୪ ଟି ହଲରେ ଗଣନା କରାଯିବ । ସିସିଟିଭି ପାଇଁ ସ୍ୱତନ୍ତ୍ର ମନିଟରିଂ ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ସୁରକ୍ଷା ବ୍ୟବସ୍ଥା ପାଇଁ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳର ୭୮ ଟି କମ୍ପାନୀ ମଧ ନିୟୋଜିତ ହୋଇଛନ୍ତି। ବିହାର ବିଧାନସଭାରେ ୨୪୩ ଟି ଆସନ ପାଇଁ ତିନୋଟି ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୨୮ ଅକ୍ଟୋବରରେ ପ୍ରଥମ ପର୍ଯ୍ୟାୟରେ ୭୧ ଟି ସିଟ୍,୩ ନଭେମ୍ବରରେ ଦ୍ୱିତୀୟ ପର୍ଯ୍ୟାୟରେ ୯୪ ଟି ଆସନ ଏବଂ ୭ ନଭେମ୍ବରରେ ୭୮ ଟି ସିଟ୍ ଲାଗି ଭୋଟ୍ ଗ୍ରହଣ ହୋଇଥିଲା।ମୋଟ ୫୭.୦୫ ପ୍ରତିଶତ ମତଦାନ ହୋଇ ଥିଲା। ଏଥର ମୁଖ୍ୟ ପ୍ରତିଯୋଗିତା ଶାସକ ଏନଡିଏ ଏବଂ ବିରୋଧୀ ଦଳ ମଧରେ ରହିଛି।

## ଡ୍ରଗ୍ସ ଲିଙ୍କ୍ : ଅଭିନେତା ଅର୍ଜୁନ୍ ରାମପାଲଙ୍କ ଘରେ ଏନସିବିର ଚଢାଉ




ମୁମ୍ବାଇ,୯।୧୧ (ନି.ପ୍ର): ବଲିଉଡର ଡ୍ରଗ୍ସ ଲିଙ୍କ୍ ମାମଲାରେ ଏନସିବି ଅଭିନେତା ଅର୍ଜୁନ ରାମପାଲଙ୍କ ଘରେ ଚଢାଉ କରିଛି।ସୋମବାର ସକାଳେ ଅର୍ଜୁନ୍ ଙ୍କ ବାନ୍ଦ୍ରାସ୍ଥିତ ଘରେ ଏନସିବି ଅଧିକାରୀମାନେ ପହଂଚି ଯାଂଚ କରିଥିଲେ। ଯାଂଚ ବେଳେ ଅର୍ଜୁନ ରାମପାଲଙ୍କ ଘରୁ କିଛି ଡିଜିଟାଲ ଉପକରଣ ଓ ବ୍ୟାନ୍ ମେଡିସିନ୍ ଜବତ କରାଯାଇଛି, ଯାହାର ଏନସିବି ଅନୁସନ୍ଧାନ କରିବ। ଅନ୍ୟପକ୍ଷରେ ଆସନ୍ତା ନଭେମ୍ବର ୧୧ ରେ ଅର୍ଜୁନଙ୍କୁ ଏନସିବି ର ମୁମ୍ବାଇ କାର୍ଯ୍ୟାଳୟରେ ହାଜର ହେବାକୁ କୁହାଯାଇଛି। ଏଥିସହ, ଏନସିବି ଅର୍ଜୁନ ରାମପାଲଙ୍କ ଲିଭ-ଇନ୍ ପାର୍ଟନର ଗାବ୍ରିଏଲାଙ୍କୁ ମଧ୍ୟ ଡକାଇଛି। ବ୍ୟାନ୍ ମେଡିସିନ୍ ସମ୍ପର୍କରେ ତାଙ୍କୁ ପଚରାଉଚରା କରାଯିବ। ରବିବାର ଦିନ ଏନସିବି ବଲିଉଡ ଫିଲ୍ମ ନିର୍ମାତା ଫିରୋଜ ନାଡିଆଡୱାଲାଙ୍କ ଘରେ ଚଢାଉ କରିଥିଲା। ଚଢାଉ ବେଳେ ତାଙ୍କ ଘରୁ କିଛି ଡ୍ରଗ୍ସ ମିଳିଥିବା ସୂଚନା ମିଳିଛି। ଉଲ୍ଲେଖ୍ୟଯୋଗ୍ୟ ଡ୍ରଗ୍ସ ଲିଙ୍କ୍ ମାମଲାରେ ବର୍ତମାନ ସୁଦ୍ଧା ରିୟା ଚକ୍ରବର୍ତୀଙ୍କ ସମେତ ପ୍ରାୟ ୨୩ ଜଣଙ୍କୁ ଗିରଫ କରାଯାଇଛି। ଅକ୍ଟୋବରରେ ରିୟାଙ୍କୁ ଜାମିନ ମିଳିଥିଲା।

## ୨୪ ଘଂଟାରେ ଆଉ ୧୨୧୯ ପଜିଟିଭ୍ , ଖୋର୍ଦ୍ଧାରେ ୧୦୦ ତଳେ ସଂକ୍ରମିତ




ଭୁବନେଶ୍ୱର,୯।୧୧ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଉଛି। ସଂକ୍ରମଣରେ ଆଗରେ ଥିବା ଖୋର୍ଦ୍ଧା ଜିଲ୍ଲାରେ ଦୀର୍ଘଦିନ ପରେ ସଂକ୍ରମିତଙ୍କ ସଂଖ୍ୟା ୧୦୦ ତଳେ ରହିଛି। ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୨୧୯ ଜଣ କରୋନା ସଂକ୍ରମିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭୦୮ ଜଣ ସଂଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ବାକି ୫୧୧ ଜଣ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ସମୁଦାୟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩ ଲକ୍ଷ ୨ ହଜାର ୭୯୩ରେ ପହଂଚିଛି। ସେମାନଙ୍କ ମଧ୍ୟରୁ ୨ ଲକ୍ଷ ୮୮ ହଜାର ୧୬୮ ଜଣ ସୁସ୍ଥ ହୋଇ ସାରିଲେଣି । ବର୍ତମାନ ୧୩ ହଜାର ୧୩୧ ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ୬୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୦୭ ଜଣ, ବରଗଡ଼ରୁ ୩୯ ଜଣ, ଭଦ୍ରକରୁ ୨୨ ଜଣ, ବଲାଙ୍ଗୀରରୁ ୪୬ ଜଣ, ବୌଦ୍ଧରୁ ୫ ଜଣ, କଟକରୁ ୧୦୬ ଜଣ, ଦେବଗଡ଼ରୁ ୯ ଜଣ, ଢେଙ୍କାନାଳରୁ ୩୦ ଜଣ, ଗଜପତିରୁ ୯ ଜଣ, ଗଞ୍ଜାମରୁ ୧୫ ଜଣ, ଜଗତ୍‌ସିଂହପୁରରୁ ୫୩ ଜଣ, ଯାଜପୁରରୁ ୩୨ ଜଣ, ଝାରସୁଗୁଡ଼ାରୁ

▶▶ପୃଷ୍ଠା ୭

## ବିଶିଷ୍ଟ ଚିତ୍ରଶିଳ୍ପୀ ଶିବ ପାଣୀଗ୍ରାହୀଙ୍କ ପରଲୋକ



କଟକ/ଭୁବନେଶ୍ୱର,୯।୧୧ (ନି.ପ୍ର): ଓଡ଼ିଶା ଲଳିତ କଳା ଏକାଡ଼େମୀର ପୂର୍ବତନ ସଭାପତି ତଥା ବିଶିଷ୍ଟ ଚିତ୍ରଶିଳ୍ପୀ ଶିବ ପାଣୀଗ୍ରାହୀଙ୍କର ସୋମବାର ଅପରାହ୍ଣ ୨ଟା ୩୦ ମିନିଟ୍ ସମୟରେ କଟକ ସିଡ଼ିଏ ସେକ୍ଟର-୬ସ୍ଥିତ ବାସ ଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ଗତ କିଛି ବର୍ଷ ହେବ ସେ ଅସୁସ୍ଥ ଥିଲେ। ୧୯୪୫ ମସିହାରେ ସେ ମୟୂରଭଞ୍ଜ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ। ଖଲ୍ଲିକୋଟ ଆର୍ଟ କଲେଜରୁ ଚିତ୍ରକଳାରେ ଡ଼ିପ୍ଲୋମା ହାସଲ

▶▶ପୃଷ୍ଠା ୭

## ସାଉଥ୍ ସୁପରଷ୍ଟାର ଚିରଞ୍ଜୀବୀ କରୋନା ପଜିଟିଭ୍



ନୂଆଦିଲ୍ଲୀ ,୯।୧୧ (ନି.ପ୍ର): ସାଉଥ୍ ଫିଲ୍ମ ସୁପରଷ୍ଟାର ଚିରଞ୍ଜୀବୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି।ଏସମ୍ପର୍କରେ ସେ ଟ୍ୱିଟ୍ କରି ପ୍ରଶଂସକମାନଙ୍କୁ ସୂଚନା ଦେଇଛନ୍ତି। ଏହା ସହିତ ଗତ ପାଂଚ ଦିନ ମଧରେ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ନିଜର କରୋନା ପରୀକ୍ଷା କରିବାକୁ ସେ ଅନୁରୋଧ କରିଛନ୍ତି।

▶▶ପୃଷ୍ଠା ୭

## ଆଜିଠାରୁ ବାଣ ଉପରେ କଟକଣା

ଭୁବନେଶ୍ୱର,୯।୧୧ (ନି.ପ୍ର): ଆସନ୍ତାକାଲି (ମଙ୍ଗଳବାର)ଠାରୁ ବାଣ ବିକ୍ରି ଓ ବାଣ ଫୁଟାଇବା ଉପରେ କଟକଣା ଲାଗୁ ହେବ। ନଭେମ୍ବର ୧୦ରୁ ୩୦ପର୍ଯ୍ୟନ୍ତ ଏହି କଟକଣା ବଳବତର ରହିବ। ଗତ ୩ ତାରିଖରେ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ଏସମ୍ପର୍କିତ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାସହ ଆଲୋକର ପର୍ବ ଦୀପାବଳିକୁ ପାରମ୍ପରିକ ଭାବେ ମାଟି ଦୀପ, ମହମବୀ ତଥା ଅନ୍ୟ ଆଲୋକୀକରଣ ପଦାର୍ଥ ଦ୍ୱାରା ପାଳନ କରିବାକୁ ପରାମର୍ଶ ଦେଇଥିଲେ। କୋଭିଡ୍ ୧୯ ମହାମାରୀ ସମୟରେ ବାଣ ଫୁଟାର ଫଳାଫଳ ଏବଂ ଶୀତ ଦିନରେ ସଂକ୍ରମଣ ବୃଦ୍ଧି ଆଶଙ୍କାକୁ ଦୃଷ୍ଟିରେ ରଖି ଓଡିଶା ସରକାର ବାଣ ବିକ୍ରି ଓ ବାଣ ଫୁଟାଇବାକୁ ନିଷିଦ୍ଧ କରିଛନ୍ତି। ନଭେମ୍ବର ୧୪ ତାରିଖରେ ଦୀପାବଳି ପଡୁଥିବାରୁ ନଭେମ୍ବର ୧୦ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ। କୌଣସି ବ୍ୟକ୍ତି ଏହାର ଅବମାନନା କଲେ ବିପର୍ଯ୍ୟୟ ପରିଚାଳନା ଆଇନ୍ ,୨୦୦୫ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ,ପ୍ରଶାସନ ଓ ପୋଲିସ୍ କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ବାଣ ବ୍ୟତୀତ ଦୀପ ଓ ମହମବତୀ ସହ ଅନ୍ୟାନ୍ୟ ସାମଗ୍ରୀ ବିକ୍ରୀ ପାଇଁ ଅସ୍ଥାୟୀ ଦୋକାନ ଗୁଡିକୁ ଅନୁମତି ଦିଆଯିବ ବୋଲି ବିଏମସି କମିଶନର ପ୍ରେମ୍‌ଚନ୍ଦ୍ରଚୌଧୁରୀ କହିଥିଲେ। ଭିଡ ଏଡାଇବା ପାଇଁ ରାସ୍ତା କଡ ପରିବର୍ତେ ନିର୍ଦ୍ଦିଷ୍ଟ ସ୍ଥାନରେ ଅସ୍ଥାୟୀ ଦୋକାନ ଖୋଲିବ ଓ ସ୍ଥାୟୀ ଦୋକାନରେ ସାମାଜିକ ଦୂରତା ପାଳନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଥିଲେ ।

## ଅଦାଲତରେ ଗଡୁଛି ଗଣଶିକ୍ଷା ବିଭାଗର ୨୯ ହଜାର ମାମଲା

ଭୁବନେଶ୍ୱର,୯।୧୧ (ନି.ପ୍ର): ଠିକ୍ ସମୟରେ ଅଦାଲତଙ୍କ ରାୟକୁ କାର୍ଯ୍ୟକାରୀ କରିବାକୁ ଅଗ୍ରାଧିକାର ଦେବା ଓ ଆବଶ୍ୟକ ସ୍ଥଳେ ଆଇନ ବିଭାଗର ମତାମତ ନେଇ ପରବର୍ତୀ ପଦକ୍ଷେପ ନେବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁ ଅଧିକାରୀମାନେ

▶▶ପୃଷ୍ଠା ୭

## ଭୁବନେଶ୍ୱରରୁ ୭୦ ପଜିଟିଭ୍ , ୯୦ ସୁସ୍ଥ

ଭୁବନେଶ୍ୱର,୯।୧୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଏହି କ୍ରମରେ ରବିବାର ରାଜଧାନୀରୁ ଆଉ ୭୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୨୦ ଜଣ ସଂଗରୋଧ ଓ ୫୦ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି। ଅନ୍ୟପକ୍ଷରେ ୯୦ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ ୨ ଜଣଙ୍କର ମୃତ୍ୟୁ ହୋଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୨୯,୭୭୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୨୮,୭୬୦ ଜଣ ସୁସ୍ଥ ହୋଇସାରିଛନ୍ତି। ଏବେ ୮୧୦ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୧୮୩ ଜଣଙ୍କର ମୃତ୍ୟୁ ହୋଇଛି।

▶▶ପୃଷ୍ଠା ୭

# ବିଧବା ମଥାରେ ସିନ୍ଦୁର ଦେଇ ଉଦାହରଣ ସୃଷ୍ଟି କଲେ ନୀଳଗିରିର ଯୁବକ ହରେକୃଷ୍ଣ




ନୀଳଗିରି,୯।୧୧ (ନି.ପ୍ର): ଜଣେ ବିଧବା ମହିଳାଙ୍କୁ ମଥାରେ ସିନ୍ଦୁର ଦେଇ ପତ୍ନୀ ଭାବରେ ଗ୍ରହଣ କରି ମାନବିକତାର ପରିଚୟ ଦେଇ ଏକ ଉଦାହରଣ ସୃଷ୍ଟି କରିଛନ୍ତି ନୀଳଗିରିର ଯୁବକ ହରେକୃଷ୍ଣ ଜେନା । ସୂଚନା ଅନୁଯାୟୀ ମାର୍କଣା ବାଲିକଣା ଗ୍ରାମର ରବି ପୁହାଣଙ୍କର କନ୍ୟା ସଂଜୁକ୍ତାଙ୍କୁ ହରି ନାୟକ ବିବାହ ଦେଇଥିଲେ । ସୁଖର ସଂସାର ଚାଲିଥିବା ବେଳେ ହଠାତ ରୋଗରେ ପଡି ହରି ନାୟକ ଆରପାରିକୁ ଚାଲିଗଲେ । ସେତେବେଳକୁ ସଂଯୁକ୍ତାର ଏକ କନ୍ୟା ସନ୍ତାନ ଜନ୍ମଲାଭ କରିଥିଲା । ଦୁଃଖରେ କଳାତିପାତ କରୁଥିବା ବେଳେ ଦେବଦୂତ ସାଜି ନୀଳଗିରି ବଡଅଡା ଗ୍ରାମର ସାଧୁପ୍ରସାଦ ଜେନାଙ୍କ ପୁଅ ହରେକୃଷ୍ଣ(୩୨)ଙ୍କ ସହିତ ସମ୍ପର୍କରେ ଆସିଥିଲେ । ଉଭୟ ପରସ୍ପରକୁ ସ୍ୱାମୀସ୍ତ୍ରୀ ଭାବେ ସଂସାର କରିବାର ନିଷ୍ପତି ନେଇଥିଲେ । ଗତ ଅକ୍ଟୋବର ୯ ତାରିଖ ଦିନ ଉଭୟ ନୀଳଗିରି ସବରେଜିଷ୍ଟାର ଅଫିସରେ ରେଜେଷ୍ଟ୍ରି ମ୍ୟାରେଜ କରିଛନ୍ତି । ଝିଅ ଗୀତାଞ୍ଜଳିକୁ ନିଜର କନ୍ୟା ଭାବେ ସ୍ୱୀକାର କରିବା ସହିତ ମା ଝିଅକୁ ଘରକୁ ଆଣି ସୁଖର ସଂସାର କରିବାର ଇଚ୍ଛା ଏକ ମାନବିକତାର ପରିଚୟ ଦେଇ ହରେକୃଷ୍ଣ ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି । ଏନେଇ ନୀଳଗିରି ଅଂଚଳରେ ହରେକୃଷ୍ଣଙ୍କୁ ଭୁରି ଭୁରି ପ୍ରଶଂଶା କରାଯାଇଛି ।

## ଆଜି ଖୋଲିବ ଗାନ୍ଧୀପାର୍କ

ପୁରୀ,୯।୧୧ (ନି.ପ୍ର): ଦୀର୍ଘ ୮ମାସ ଧରି କରୋନା କଟକଣା ଯୋଗୁଁ ଦିଗବାରେଣୀ ଖୁଣ୍ଟି ନିକଟରେ ଥିବା ଗାନ୍ଧୀପାର୍କ ପର୍ଯ୍ୟଟକ ଓ ସହରବାସୀଙ୍କ ପାଇଁ ବନ୍ଦ ରହିଥିଲା । ସୋମବାରଠାରୁ ଏହା ଖୋଲିବ ବୋଲି ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସୂଚନା ଦେଇଛନ୍ତି । ପ୍ରତହ୍ୟ ସହରର ବରିଷ୍ଠ ନାଗରିକ ଓ ଅନେକ କ୍ରୀଡାବିତ୍ ପ୍ରାତଃ ଓ ଅପରାହ୍ନରେ ଗାନ୍ଧୀପାର୍କରେ ଥିବା ଚଲାପଥରେ ଚାଲିବା ସହ ବ୍ୟାୟାମ କରୁଥିଲେ । ଗାନ୍ଧୀପାର୍କର ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ପ୍ରଶାସନ, ଜିଲ୍ଲା ଓ ପୌର ପ୍ରଶାସନଙ୍କ ସହ ନାଲକୋ ସହଯୋଗ କରି ଏହାର ଦାୟିତ୍ୱ ନେଇ ଉନ୍ନତିକରଣ କରିଛି ।

## ଅସହାୟ ମହିଳାଙ୍କୁ ଉଦ୍ଧାର କଲେ ସାମ୍ବାଦିକ, ସ୍ୱଳ୍ପ ରହଣୀ କେନ୍ଦ୍ରରେ ଆଶ୍ରୟ

କେନ୍ଦ୍ରାପଡ଼ା,୯।୧୧ (ନି.ପ୍ର): ନିଜର ଘର ପାଉ ନଥିବା ଜଣେ ମହିଳାଙ୍କୁ କେନ୍ଦ୍ରାପଡା ର ସଖୀ ୱାନ୍ ଷ୍ଟପ ସେଣ୍ଟର ସ୍ୱଳ୍ପ ରହଣୀ କେନ୍ଦ୍ରରେ ଆଶ୍ରୟ ଦିଆଯାଇଛି । ରବିବାର ପୂର୍ବାହ୍ନରେ ଏହି ମହିଳା କାବେରୀ ବେରା(୫୦) ଜିଲ୍ଲା କାର୍ଯ୍ୟାଳୟ ନିକଟରେ ବସି କାନ୍ଦୁଥିବା ବେଳେ ସାମ୍ବାଦିକ ବିରେନ ଦାସଙ୍କ ଦୃଷ୍ଟିରେ ପଡିଥିଲେ । ଏହାର କାରଣ ଜାଣିବା ସହ ବୁଝାବୁଝି କରିବା ପରେ ସେ ନିଜ ଘର ପାଉ ନଥିବା ପ୍ରକାଶ କରିଥିଲେ । ତେବେ ଆଂଶିକ ମାନସିକ ବ୍ୟତିକ୍ରମ ଥିବା ଜଣା ପଡୁଥିବା ବେଳେ କେତେବେଳେ ଘରେ କଳି କଜିଆ କରି ପଳାଇ ଆସିଥିବା କହୁଥିବା ବେଳେ କେତେବେଳେ ବାବାଙ୍କ ପ୍ରରୋଚନା ରେ ପଳାଇ ଆସିଥିବା କହୁଥିଲେ । କଟକ ନୟା ବଜାର ର ଦରଖାପାଟଣା ର ମଦନ ମୋହନ ଲେନରେ ତାଙ୍କ ଘର ଥିବା ଆଧାର କାର୍ଡରୁ ଜଣା ପଡିଛି । ଟାଉନ ଫାଣ୍ଡି ଜମାଦାର ନରେନ୍ଦ୍ର ନାଥ ସୋରେନ ଖବର ପାଇବା ପରେ ତାଙ୍କୁ ପୋଲିସ ହେପାଜତ କୁ ସ୍ୱଳ୍ପ ରହଣୀ କେନ୍ଦ୍ରରେ ଆଶ୍ରୟ ଦେଇଥିବା ଜଣା ପଡିଛି ।

## ବରିଷ୍ଠ ଆଇନଜୀବି ସୁରେନ୍ଦ୍ର ନାଥ କର ପିସିସି ଆଇନ ପ୍ରକୋଷ୍ଠର ଅଧକ୍ଷ

ଭୁବନେଶ୍ୱର,୯।୧୧ (ନି.ପ୍ର):- ପିସିସି ଆଇନଜୀବି ପ୍ରକୋଷ୍ଠର ନୂତନ ଅଧକ୍ଷ ଭାବେ ନିଯୁକ୍ତି ପାଇଲେ ହାଇକୋର୍ଟର ବରିଷ୍ଠ ଆଇନଜୀବି ସୁରେନ୍ଦ୍ର ନାଥ କର । ପିସିସି ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକଙ୍କ ପରାମର୍ଶ କ୍ରମେ ଏଆଇସିସି ଆଇନ ପ୍ରକୋଷ୍ଠର ଅଧକ୍ଷ ତଥା ରାଜ୍ୟସଭା ସାଂସଦ ବିବେକ ଟାଙ୍ଖା ହାଇକୋର୍ଟର ବରିଷ୍ଠ ଆଇନଜୀବି ଶ୍ରୀ ସୁରେନ୍ଦ୍ର ନାଥ କରଙ୍କୁ ଓଡ଼ିଶା ଆଇନ ପ୍ରକୋଷ୍ଠର ଅଧକ୍ଷଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି । ବରିଷ୍ଠ ଆଇନଜୀବି ହିସାବରେ ତାଙ୍କର ଅଭିଜ୍ଞତା ଏବଂ କଂଗ୍ରେସ ସହିତ ଜଡ଼ିତ ଥିବା ଶ୍ରୀ କର ପିସିସି ଆଇନ ବିଭାଗକୁ ସୁସଂଗଠିତ କରିବା ସହିତ କଂଗ୍ରେସ ଦଳକୁ କିପରି ମଜବୁତ ଓ କ୍ରିୟାଶୀଳ କରାଯାଇ ପାରିବ ସେଥିପାଇଁ ସେ କାର୍ଯ୍ୟକରିବେ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ପିସିସି ରାଜ୍ୟ ଗଣମାଧମ ସଂଯୋଜକ ଶ୍ରୀ ଦୀପକ କୁମାର ମହାପାତ୍ର ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ।

# ସରକାରୀ ଅନ-ଲାଇନ ସିଷ୍ଟମ କ୍ଷୁଦ୍ରଶିଳ୍ପ ବିଲୁପ୍ତର ରାସ୍ତା ଦେଖାଇବ : ମୟୂରଭଞ୍ଜ ଜିଲ୍ଲା ଶିଳ୍ପ ସଂଘ

ବାରିପଦା,୯।୧୧ (ନି.ପ୍ର): ସରକାରଙ୍କ ଅନ-ଲାଇନ ସିଷ୍ଟମ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ପୁର୍ନ ଉଦ୍ଧାର ଓ ଅଗ୍ରଗତି ଅପେକ୍ଷା ଏହା ବିଲୁପ୍ତର ପଥ ପ୍ରଦର୍ଶକ ହେବ । ସରକାରଙ୍କ ଅନ-ଲାଇନ ସିଷ୍ଟମଗୁଡ଼ିକୁ ସରକାରୀ କାର୍ଯ୍ୟାଳୟରେ ପଦାଧିକାରୀ, ଅଧିକାରୀ ଓ କାର୍ଯ୍ୟରତ କିରାଣୀମନାନେର ସଠିକ୍ ଭାବେ ଜାଣନ୍ତି ନାହିଁ । ଇପିଏମ ଓ ରେଟ କଂଟ୍ରାକ୍ଟ ଉଠିଯିବା , ତା ବଦଳରେ ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ଯଦି ଉଚିତ ପଦକ୍ଷେପ ତେବେ ଏହାଦ୍ୱାରା ଆମର ଶିଳ୍ପର ବିକାଶ ସହ ଇଏସଏମଇ ଉଦ୍ୟୋଗୀମାନେ ଲାଭବାନ ହେବା ଉଚିତ । ନଚେତ ସରକାର ବିଭିନ୍ନ ସମୟରେ ନୂଆ ନୂଆ ସିଷ୍ଟମ ଇମ୍ପ୍ଲିମେଂଟ କରାଇ ବାହାର ରାଜ୍ୟର କମ୍ପାନୀମାନଙ୍କ ନିକଟରୁ ଓଡ଼ିଶା ରାଜ୍ୟର ସମସ୍ତ ଜିନିଷ କିଣାଯିବ । ଏହି ସମୟରେ ଆମ ରାଜ୍ୟର ଉଦ୍ୟୋଗୀମାନେ ବିଭିନ୍ନ ବିଭାଗକୁ ଦୌଡ଼ି ନୟାନ୍ତ ହେବା କଣ ଏକ ପରିପକ୍ୱ ମୋ ସରକାରର ଆଭିମୁଖ୍ୟ । ଏଥିରେ କଣ ରାଜ୍ୟର ଉଦ୍ୟୋଗୀମାନେ ଉପକୃତ ହୋଇ ପାରିବେ ବା ଖୁସୀ ହୋଇ ପାରିବେ । ସେହିପରି ଯେଉଁ ସରକାରୀ କର୍ମଚାରୀମାନେ ସରକାରଙ୍କର ଏହି ଅନ-ଲାଇନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଇବେ ସେମାନେ ଅନ-ଲାଇନ ବ୍ୟବସ୍ଥାକୁ ସଠିକ୍ ଭାବେ ବୁଝି ପାରୁ ନ ଥିବାରୁ ସେମାସନେ ମଧ ଶାନ୍ତିରେ ରହି ପାରିବେ ବୋଲି ମୟୂରଭଞ୍ଜ ଜିଲ୍ଲା ଶିଳ୍ପ ସଂଘ ପକ୍ଷରୁ ପ୍ରଶ୍ନ ଉଠାଯାଇଛି । ସେହିପରି ଆମ ଜାଣିବା ମଧ୍ୟରେ କୌଣସି ଛୋଟ ଛୋଟ କାର୍ଯ୍ୟ ପାଇଁ ଜିଲ୍ଲାର ଉଦ୍ୟୋଗୀ ଭାଇ, ଭଉଣୀମାନେ ଦିନ ଦିନ ଧରି ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟରେ ଚକ୍କର କାଟୁଥିବା ସମୟରେ କାର୍ଯ୍ୟ ହୋଇପାରୁ ନାହିଁ । ପୂର୍ବରୁ ସରକାରଙ୍କ ଯେଉଁ ବ୍ୟବସ୍ଥା ଥିଲା ନାହିଁ ମାମୁଁଠାରୁ କଣା ମାମୁଁ ଭଲ ନ୍ୟାୟରେ ଚଳାଇ ନିଆଯାଉଥିଲା ; ମାତ୍ର ବର୍ତମାନର ସ୍ଥିତାବସ୍ଥାସମ୍ପୂର୍ଣ୍ଣ ଭାବେ ଓଲଟା । କୌଣସି ଉଦ୍ୟୋଗୀ ଭାଇ, ଭଉଣୀ କୌଣସି ସରକାରୀ କାର୍ଯ୍ୟାଳୟକୁ ଯାଇ ଅଧିକାରୀ, କିରାଣୀଙ୍କୁ ସାକ୍ଷାତ କରି କାର୍ଯ୍ୟ ହାସଲ କରାଇ ପାରିବେ ନାହିଁ । ଇଡ଼କୋର ଜମି ସଂକ୍ରାନ୍ତିୟ ହେଉ ଅଥବା ଇପିଏମ ହେଉ କିମ୍ବା ଯେକୌଣସି ଛୋଟ ବଡ଼ କାର୍ଯ୍ୟ ବିଷୟରେ ଜାଣିବା ବା କରାଇବା ସହଜ ଓ ସରଳ ହେବ ନାହିଁ ବୋଲି ଜିଲ୍ଲା ଶିଳ୍ପ ସଂଘ ନିଜର ପୂର୍ବ ଅନୁଭୂତିକୁ ନେଇ ଅନୁମାନ କରିଛି । ରାଜ୍ୟରେ ଏମଏସଏମଇ ସେକ୍ଟରରେ ଅଗ୍ରଗତି ପଛକୁ ପଛକୁ ଯାଉଛି । ରାଜ୍ୟର ବିଭିନ୍ନ ଜିଲ୍ଲାଗୁଡ଼ିକରେ କ୍ଷୁଦ୍ରଶିଳ୍ପଗୁଡ଼ିକରେ ଦେଖାଦେଇଥିବା ସମସ୍ୟାଗୁଡ଼ିକୁ ନେଇ ସରକାରଙ୍କ ନିକଟରେ ବିଧିବଦ୍ଧ ଭାବେ ସୂଚନା ନାହିଁ । କାରଣ ସରକାରୀ ପଦାଧିକାରୀ, ଅଧିକାରୀମାନଙ୍କ ଜିଲ୍ଲା ଗସ୍ତ କେବଳ ନାମକୁ ମାତ୍ର ବୈଠକ ଡ଼କାଇବାର ଏକ ମାତ୍ର ଉଦ୍ଦେଶ୍ୟ ରହୁଥିବା ସମୟରେ ଉଦ୍ୟୋଗୀମାନଙ୍କ ସମସ୍ୟା ଓ ଏହାର ସମାଧାନ ନିମନ୍ତେ ଉଦ୍ଦିଷ୍ଟ ନ ଥାଏ । ବର୍ତମାନର ସ୍ଥିତିରେ ଏକ ପରିବର୍ତନ ଆସି ସମସ୍ତେ କେମିତି ବଂଚି ରହିବେ ସେ ବିଷୟରେ ଚିନ୍ତା କରୁଛନ୍ତି । ତେଣୁ ପରିସ୍ଥିତିକୁ ନଜରରେ ରଖି ଉଦ୍ୟୋଗୀ ମାରଣ ନୀତିକୁ ପରିହାର କରି କେମିତି କ୍ଷୁଦ୍ର ଶିଳ୍ପ ବଂଚି ରହିବ ସେ ସମ୍ପର୍କରେ ସରକାରୀ ଓ ବେସରକାରୀସ୍ତରରେ ସମସ୍ତେ ଯତ୍ନବାନ ହେବାର ସମୟ ଉପନୀତ ହୋଇଛି ବୋଲି ମୟୂରଭଞ୍ଜ ଜିଲ୍ଲା ଶିଳ୍ପ ସଂଘ ଆହ୍ୱାନ ଦେବା ସହ ପରାମର୍ଶ ଦେଇଛି । ଏଣୁ ସଂଘ ପକ୍ଷରୁ ପ୍ରଚଳିତ ବ୍ୟବସ୍ଥାରେ ପରିବର୍ତନ ଆଣାଯିବା ସାଙ୍ଗକୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକ କିପରି ଆଗାମୀ ଦିନରେ ବଂଚି ରହିବ ସେ ସମ୍ପର୍କରେ ବିହିତ ପଦକ୍ଷେପ ଗ୍ରହଣ କରିବା ସଂଗେସଂଗେ ସରକାରୀ କାର୍ଯ୍ୟକୁ ସହଜ ଓ ସରଳ କରାଇବା ନିମନ୍ତେ ଦାବି କରାଯାଇଛି ।

# ପୁରୀ ହେବ ବିଶ୍ୱସ୍ତରୀୟ ସଫେଇ ସହର : ମୋ ଧାମ ମୋ ଗର୍ବ ଅଭିଯାନ ଉଦଯାପିତ

ପୁରୀ,୯।୧୧ (ନି.ପ୍ର): ପୁରୀକୁ ବିଶ୍ୱସ୍ତରୀୟ ସଫେଇ ସହରଭାବେ ଗଢି ତୋଳିବା ପାଇଁ ରବିବାର ସକାଳୁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଆହ୍ୱାନ ଦେଇଛନ୍ତି । ସମଗ୍ର ବିଶ୍ୱର ହିନ୍ଦୁଧର୍ମାଲମ୍ବୀ ବ୍ୟକ୍ତିମାନଙ୍କ ସ୍ୱତନ୍ତ୍ର ଆକର୍ଷଣ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କ ପ୍ରତି ରହିଛି । ପ୍ରତିଦିନ ହଜାର ହଜାର ଭକ୍ତ ଶ୍ରୀକ୍ଷେତ୍ରକୁ ଆସିଥାନ୍ତି । ସେମାନେ ଯେପରି ପୁରୀକୁ ଦେଖି ସ୍ୱଚ୍ଛସହର ଭାବେ ଅନୁଭବ କରିବେ ସେଥିପାଇଁ ରାଜ୍ୟ ଓ ଜିଲ୍ଲା ପ୍ରଶାସନ ଅନେକ କାର୍ଯ୍ୟ ହାତକୁ ନେଇଛି । ଆଜି ସକାଳୁ ବ୍ଲୁଫ୍ଲାଗ ବିଚରେ ଶହ ଶହ ବ୍ୟକ୍ତି ଏକାଠି ହୋଇ ବିଚ୍ ଓ ସହରକୁ ସ୍ୱଚ୍ଛ କରିବା ପାଇଁ ଶପଥ ନେଇଥିଲେ । ଏହି ଉଦଯାପନୀ ଦିବସରେ ମନ୍ତ୍ରୀଙ୍କ ସହ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ଜିଲ୍ଲାପାଳ ବଲବନ୍ତ ସିଂ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ଓ ଅତିରିକ୍ତ ପୌର ଅଧିକାରୀ ସରୋଜ ସ୍ୱାଇଁ ପ୍ରମୁଖ ଯୋଗଦେଇ ପୁରୀର ଐତିହ୍ୟକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ଏ ସଂପର୍କରେ ଜିଲ୍ଲାପାଳ ଗଣମାଧମକୁ ସୂଚନା ଦେଇ କହିଲେ ଏକ ସପ୍ତାହ ଧରି ପୁରୀ ସହରର ବିଭିନ୍ନ ସ୍ଥାନରୁ ଅଳିଆ ସଫା କରାଯାଇଥିଲା । ଏହାସହ ସପ୍ତାହବ୍ୟାପୀ ଦସ୍ତଖତ ଅଭିଯାନ ଜାରି ରହିଥିଲା । ସହରବାସୀ, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ, ପର୍ଯ୍ୟଟକ, ତୀର୍ଥଯାତ୍ରୀ ଓ ଗଣମାଧମର ସହଯୋଗରେ ଏହି ସ୍ୱଚ୍ଛତା ବଜାୟ ରଖିବା ପାଇଁ ନିବେଦନ କରିଥିଲେ । ଅକ୍ଟୋବର ୩୧ ତାରିଖରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିଥିଲା । ଅଳିଆ ପୃଥକୀକରଣ, ସ୍ୱଚ୍ଛତା, ସଫା ଓ ସୁନ୍ଦର ରଖିବା ପାଇଁ ସହରବାସୀ ସହଯୋଗ କରିଛନ୍ତି । ଯେପରି ଜଣେ ପର୍ଯ୍ୟଟକ ପୁରୀରୁ ଏହି ସ୍ୱଚ୍ଛତା ଦେଖି ଭଲମନରେ ଫେରିବ ସେଥିପାଇଁ ସମସ୍ତେ ଉଦ୍ୟମ ଜାରି ରଖିଛନ୍ତି । ୪ ତାରିଖରେ ଅବଢ଼ା କୁଡୁଆ ଓ ଲାଗି ପୂଜା ସାମଗ୍ରୀ ଅଲଗା କରି ନେବା ପାଇଁ କୈବଲ୍ୟରଥ ଗଢିଥିଲା । ତୀର୍ଥସହର ଶ୍ରୀକ୍ଷେତ୍ରରେ ରାତ୍ର ସଫେଇ ୫ ତାରିଖରେ ଆରମ୍ଭ ହୋଇଥିଲା । ୬ ଓ ୭ ତାରିଖ ଦସ୍ତଖତ ଅଭିଯାନ ଓ ୮ ତାରିଖରେ ଉଦଯାପିତ ହୋଇଥିଲା । ୪ ପ୍ରକାର ଆବର୍ଜନା ଅଲଗା କରି ରଖିବା ପାଇଁ ସଚେତନ କରାଯାଇଥିଲା । ଶୁଖିଲା, ଓଦା, ବାୟୋମେଡିକାଲ ଓ କଠିନ ବର୍ଜ୍ୟବସ୍ତୁ ଅଲଗା ରଖି ସ୍ୱଚ୍ଛ ସବାରୀରେ ଦେବା ପାଇଁ ସଚେତନ କରାଯାଇଛି । ପୌରସଂସ୍ଥା ପକ୍ଷରୁ ସ୍ୱଚ୍ଛସାଥୀ, ସ୍ୱଚ୍ଛ ନିରୀକ୍ଷକ ଭୋର ୪ଟାରୁ ସହର ସଫେଇ ଆରମ୍ଭ କରୁଛନ୍ତି । ଏଥିପାଇଁ ଏକ ହେଲପ୍ ଲାଇନ୍ ପୌରସଂସ୍ଥାରେ ଖୋଲାଯିବ । ୨ଜଣ କର୍ମଚାରୀ ଏହି ଦାୟିତ୍ୱରେ ରହିବେ । ସହରର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ଗଦାହେଲେ ଜନସାଧାରଣ ପୋନ୍ କଲ, ଭିଡିଓ ମେସେଜ୍ ଓ ହ୍ୱାଟସପ୍ ନମ୍ବରରେ ଫଟୋଚିତ୍ର ଓ ସ୍ଥାନର ନାମ ଲେଖିଲେ ସେହିସ୍ଥାନ ୨୪ରୁ ୪୮ ଘଣ୍ଟା ମଧ୍ୟରେ ସଫା କରାଯିବ । ଏହି ଅଭିଯାନରେ ଗଣମାଧମମାନେ ସହଯୋଗ କରି ଅଧିକ ପ୍ରଚାର ପ୍ରସାର ସଚେତନ କରିଥିବାରୁ ଗଣମାଧମକୁ ବଧାଇ ଜଣାଇଥିଲେ । ଏହି ଅଭିଯାନ ସପ୍ତାହେ ନୁହଁ ବର୍ଷ ବର୍ଷ ଧରି ଜାରି ରହିଲେ ପୁରୀ ବିଶ୍ୱସ୍ତରରେ ସୁନାମ ଅର୍ଜନ କରିବ । ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଯୋଗଦେଇ କହିଲେ ପ୍ରତିଦିନ ବିଭିନ୍ନ ରାଜ୍ୟରୁ ତୀର୍ଥଯାତ୍ରୀ ଆସିଥାନ୍ତି । ସହରକୁ ସ୍ୱଚ୍ଛ ସୁନ୍ଦର ରଖିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ପୌରକାର୍ଯ୍ୟ ନିର୍ବାହୀ ଅଧିକାରୀ କହିଲେ ସହରବାସୀଙ୍କ ସହଯୋଗ କରିବା ଯୋଗୁଁ ଆସ୍ତେ ଆସ୍ତେ ସହର ସ୍ୱଚ୍ଛ ହେବାରେ ଲାଗିଛି । ସପ୍ତାହକ ଭିତରେ ୩୦ କ୍ୟୁ.ବି ମିଟର ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଛି । ୨୭ଶହ କ୍ୟୁବି ମିଟର ଆବର୍ଜନାକୁ ସ୍ଥାନାନ୍ତର କରାଯାଇଛି । ୧୮୪ଟି ଅଳିଆ ସ୍ଥାନକୁ ସଫା କରାଯାଇଛି । ସାଢେ ୧୭ କିଲୋମିଟର ରାସ୍ତା ପାଖରୁ ଅଳିଆ ବୁଦା ସଫା କରାଯାଇଛି ବୋଲି କହିଥିଲେ ।

# ଆଗରପଡ଼ାରେ ଓୟୁଜେର ବାର୍ଷିକୋତ୍ସବ ଓ ସମ୍ବର୍ଦ୍ଧନା ସଭା, ଗଣତନ୍ତ୍ର ରାଷ୍ଟ୍ରରେ ସାମ୍ବାଦିକମାନେ ଜାଗ୍ରତ ପ୍ରହରୀ

ଭଦ୍ରକ, ୯/୧୧ (ହି.ସ.) - ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆଗରପଡ଼ା ପୂର୍ତବିଭାଗ ଡ଼ାକବଙ୍ଗଳା ଠାରେ ଆଜି କୋଭିଡ଼ କଟକଣା ମଧ୍ୟରେ ଓଡ଼ିଶା ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ (ଓୟୁଜେ) ଭଦ୍ରକ ଶାଖାର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଉଦ୍‌ଘାଟକ ଭାବେ ଯୋଗଦେଇ କହିଲେ, ଉତ୍କଳ କେଶରୀ ଡ଼ଃ. ହରେକୃଷ୍ଣ ମହତାବଙ୍କ ପରି ପ୍ରଖ୍ୟାତ ସାମ୍ବାଦିକ ଏହି ମାଟିରେ ଜନ୍ମ ଗ୍ରହଣ କରିଥିଲେ । ଏ ଅ ଳରେ ଥିବା ସାମ୍ବାଦିକ ମାନଙ୍କର ପରିଚୟ ନିଆରା । ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସଂସଦଙ୍କ ମାଧ୍ୟମରେ ପାର୍ଲାମେଂଟ ଓ ବିଧାୟକଙ୍କ ମାଧ୍ୟମରେ ବିଧାନସଭାରେ ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିକାଶ ଚନ୍ଦ୍ର ଦାଶ ଯୋଗଦେଇଥିଲେ । ବିଶିଷ୍ଟ ନାଟ୍ୟକାର ଅଧାପକ ଡ଼ଃ. ସୁଧାଂଶୁ ଶେଖର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ଗଣମାଧମର ଦାୟିତ୍ୱ ବହୁତ ବଢ଼ିଯାଇଛି, ରାଷ୍ଟ୍ରରେ ଏହା ଜାଗ୍ରତ ପ୍ରହରୀ ସଦୃଶ କାର୍ଯ୍ୟ କରୁଛି । ଅନ୍ୟପକ୍ଷରେ ଗଣାମାଧମ ପ୍ରତିନିଧିମାନେ ଲକ୍ଷ୍ମଣରେଖା ମଧ୍ୟରେ ରହି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ଜିଲ୍ଲାପରିଷଦ ସଭ୍ୟ ପ୍ରଶାନ୍ତ ଦାଶ କାମଳ ସାମ୍ବାଦିକତା ସମାଜ ପାଇଁ ବିପଦ ସୃଷ୍ଟି କରିଥାଏ ଓ ନିର୍ଭିକ, ସଚ୍ଚୋଟ ସାମ୍ବାଦିକମାନେ ଚିର ନମସ୍ୟ ହୋଇଥାନ୍ତି । ସମାଜର ମଙ୍ଗଳ ପାଇଁ ସାମ୍ବାଦିକମାନେ କାର୍ଯ୍ୟ କରିବାକୁ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପଦ୍ମନ ରାୟ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଂସଦଙ୍କ ପ୍ରତିନିଧି ଶ୍ରୀନାଥ ମହାନ୍ତି, ପୂର୍ବତନ ସରପ ପୃଥୀରାଜ ଦାସ, ଯୁବନେତା ସତ୍ୟସାଧନ ବେଜ, ଓୟୁଜେ ରାଜ୍ୟ ସମ୍ପାଦକ କିଶାନ ରାଉତ ବକ୍ତବ୍ୟ ପ୍ରଦାନ କରିଥିଲେ । ଓୟୁଜେ ଜିଲ୍ଲା ଉପସଭାପତି ହେମନ୍ତ ସିଂହଙ୍କ ମଂଚ ସଂଚାଳନରେ ଜିଲ୍ଲା ସଭାପତି ଡ଼ଃ. ହରିହର ନାୟକ ସଭାପତିତ୍ୱ କରିଥିଲେ । ସାଧାରଣ ସମ୍ପାଦକ ଗୌରହରି ନାୟକ ସ୍ୱାଗତ ଭାଷଣ ଓ ପ୍ରଦ୍ୟୁମ୍ନ ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କରୋନା ଯୋଦ୍ଧା ଡ଼ାକ୍ତର ଦୀପକ ଜେନା, ପ୍ରାଣିଧନ ନିରୀକ୍ଷକ ପ୍ରିୟବ୍ରତ ରାଉତ, ଅବସରପ୍ରାପ୍ତ ପ୍ରାଣିଧନ ନିରୀକ୍ଷକ ଅର୍ଜୁନ ଚରଣ ରାଉତ, ଶିକ୍ଷାବିତ୍ ରଥ ବେହେରା, କୈଳାସ ଚନ୍ଦ୍ର ଧଳ, ଇଂ ମଧୁସୂଦନ ସାହୁ, ରବିନ୍ଦ୍ର ଜେନା, ସାମ୍ବାଦିକ ନାରାୟଣ ବାରିକ, ପରମାନନ୍ଦ ଦାସ, ଅନୀଲ ନାୟକ, ବନମାଳୀ ବାରିକ, ସମାଜସେବୀ ମନ୍ମଥ ଦାସ, ମ୍ୟାଟ୍ରିକ ଟପ୍ପର କଳ୍ପଲତା କୁଣ୍ଡୁ, କୁମାର ଗୌରବ କର, ଜ୍ୟୋତିପ୍ରଜ୍ଞା ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ କଣ୍ଠଶିଳ୍ପୀ କ୍ଷୀରାବ୍ଧି ତନୟା ପଣ୍ଡା ଶ୍ଳୋକ ଆବୃତି, ବନ୍ଦନା ଜେନା ଓଡ଼ଶୀ ନୃତ୍ୟ, ବାବା ମାଧବାନନ୍ଦ ଦାସ ଏକତାରା ଭଜନ ପରିବେଷଣ କରିଥିଲେ । ସାମ୍ବାଦିକ ଅକ୍ଷୟ ସିଂହ, ପ୍ରଶାନ୍ତ ସାହୁ, ଜିତେନ୍ଦ୍ର ଶତପଥୀ, ବିଶ୍ୱନାଥ ସିଂହ, ସୁକାନ୍ତ ଜେନା, ରବିନ୍ଦ୍ର ସେଠୀ, ଧରଣୀଧର କର, ଲିପିକା ରାଉତଙ୍କ ସମେତ ବିଜୟ କୁମାର ପାଢୀ, ମଲ୍ଲିକା ବିଶ୍ୱାଳ, ମୋନାଲିସା ସାହୁ, ଶ୍ରଦ୍ଧାଞ୍ଜଳି ସାହୁ, ଚିକି ଗୋଛାୟତ, ରଶ୍ମିତା ସାହୁ କାର୍ଯ୍ୟକ୍ରମକୁ ପରିଚ୍ଳଳନାରେ ସହଯୋଗ କରିଥିଲେ ।

## ଅଖିଳ ଭାରତ ହିନ୍ଦୁ ମହାସଭାର ସ୍ୱାଗତ ସମ୍ବର୍ଦ୍ଧନା

ଭୁବନେଶ୍ୱର,୯।୧୧ (ନି.ପ୍ର): ଅଖିଳ ଭାରତ ହିନ୍ଦୁ ମହାସଭା ଓଡ଼ିଶା ଶାଖା ପକ୍ଷରୁ ଭୁବନେଶ୍ୱରରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାସଭାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଡଃ ଷ୍ଟାଲିନ ମିଶ୍ର, ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷା ଗୀତା ଚୟିନୀ, ପ୍ରଦେଶ କାର୍ଯ୍ୟକାରୀ ଅଧ୍ୟକ୍ଷ ଡଃ ଚିତରଞ୍ଜନ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ । ହିନ୍ଦୁ ମହାସଭାର ଅନେକ ରାଜ୍ୟ କର୍ମକର୍ତାମାନେ ମଧ ଯୋଗ ଦେଇଥିଲେ । ସବରକର, ମଦନ ମୋହନ ମାଲବ୍ୟ, ଲାଲା ଲାଜପତ ରାୟ ତଥା ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପରି ମହାମନିଷୀମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଦଳ ମହାସଭାକୁ ଓଡ଼ିଶାର ପୁରପଲ୍ଲୀରୁ ଦିଲ୍ଲୀ ଯାଏ ଘରେ ଘରେ ପରିଚିତ କରାଇବା ପାଇଁ ତଥା ଆଗାମୀ ଦିନରେ ସଂଗଠନକୁ ମଜଭୁତ କରିବା ପାଇଁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଡଃ ମିଶ୍ର କର୍ମକର୍ତାମାନଙ୍କୁ ପରାମର୍ଶ ଦେଇଥିଲେ ।

# ମୟୂରଭଞ୍ଜ : ଖସୁଛି ତାପମାତ୍ରା, ବଢୁଛି ଶୀତ

ବାରିପଦା,୯।୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଦିନକୁ ଦିନ ତାପମାତ୍ରା ଖସିବା ଆରମ୍ଭ କରିଛି । ଫଳରେ ଶୀତ ଅସ୍ତେ ଆସ୍ତେ ବଢ଼ିବା ଆରମ୍ଭ କରିଛି । ନଭେମ୍ବର ଆରମ୍ଭରେ ଜିଲ୍ଲାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡ଼ିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୨୪ ଡ଼ିଗ୍ରୀ ରହିଥିବା ସମୟରେ ନଭେମ୍ବର ୨ରେ ସର୍ବୋଚ୍ଚ ତାପମାତ୍ରା ୩୪ ଡ଼ିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୨୪ ଡ଼ିଗ୍ରୀ, ୩ରେ ସର୍ବୋଚ୍ଚ ତାପମାତ୍ରା ୩୩ ଡ଼ିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୨୨ ଡ଼ିଗ୍ରୀ, ୪ରେ ସର୍ବୋଚ୍ଚ ତାପମାତ୍ରା ୩୨ ଡ଼ିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୨୨ ଡ଼ିଗ୍ରୀ , ୫ରେ ସର୍ବୋଚ୍ଚ ତାପମାତ୍ରା ୩୩ ଡ଼ିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୨୦ ଡ଼ିଗ୍ରୀ, ୬ରେ ସର୍ବୋଚ୍ଚ ତାପମାତ୍ରା ୩୨ ଡ଼ିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୨୦ ଡ଼ିଗ୍ରୀ, ୭ରେ ସର୍ବୋଚ୍ଚ ତାପମାତ୍ରା ୩୨ ଡ଼ିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୧୯ ଡ଼ିଗ୍ରୀ ଏବଂ ଆଜି ଦିନରେ ସର୍ବୋଚ୍ଚ ତାପମାତ୍ରା ୩୨ ଡ଼ିଗ୍ରୀ ରହିଥିବା ବେଳେ ରାତିରେ ସର୍ବନିମ୍ନ ତାପମାତ୍ରା ୧୮ ଡ଼ିଗ୍ରୀ ତଳକୁ ଖସି ଆସିବାର ପୂର୍ବାନୁମାନ କରାଯାଇଛି । ଶୀତର ଆଗମନକୁ ଦେଖି ଜନସାଧାରଣଙ୍କ ମଧ୍ୟରେ ଶୀତ ବସ୍ତ୍ର କିଣିବାରେ ଆଗ୍ରହ ପ୍ରକାଶ ପାଇଛି । ବଜାରକୁ ଶୀତବସ୍ତ୍ର କିଣିବାକୁ ଆସିଥିବା ପୋଡ଼ାଅସ୍ତିଆ ଗ୍ରାମର ପ୍ରଭାସ ସେଠୀଙ୍କ କହିବା ଅନୁସାରେ ଆଗର ଶୀତ ଆଉ ଦେଖିବାକୁ ମିଳୁ ନାହିଁ । ପୂର୍ବରୁ ବାରିପଦା ବଡ଼ଦାଣ୍ଡରେ କୁମାର ଉତ୍ସବରେ ଅନୁଷ୍ଠିତ ମେଲୋଡ଼ି କାର୍ଯ୍ୟକ୍ରମ ଦେଖିବାକୁ ଆସୁଥିବା ଜାକେଟ ଟୋପି ଆଦିରେ ଶରୀରକୁ ଘୋଡ଼େଇ ଆସୁଥାଉ । କାଳୀପୂଜା ସମୟ ବେଳକୁ ରାତିରେ ରେଜେଇ ଘୋଡ଼େଇ ହୋଇ ଶୋଇ ଥାଉ । କିନ୍ତୁ ବର୍ତ୍ତମାନ ସେହି ଶୀତ ନାହିଁ କି ପୂର୍ବର ମୟୂରଭଞ୍ଜର ହାଡ଼ ଥରା ଶୀତ ଆଉ ଅନୁଭୂତ ହେଉ ନାହିଁ । ତଥାପି ଦୁଇ ଦିନ ହେବ ରାତି ସମୟରେ ଶୀତ ଅନୁଭୂତ ହେଉଛି । ତେଣୁ ଶୀତକୁ ଲକ୍ଷ କରି ଘରର ଛୋଟ ପିଲାମାନଙ୍କ ନିମନ୍ତେ ଶୀତ ବସ୍ତ୍ର କିଣିବାକୁ ଆସିଥିଲେ ବୋଲି ପ୍ରକାଶ କରିଥିଲେ ।

# ବିନା ବ୍ୟାଣ୍ଡ ବାଜା ରେ ସରିଲା କେନ୍ଦ୍ରାପଡାର ଲକ୍ଷ୍ମୀପୂଜା ଭସାଣୀ

କେନ୍ଦ୍ରାପଡ଼ା,୯।୧୧ (ନି.ପ୍ର): କେନ୍ଦ୍ରାପଡାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ୯ଦିନ ବ୍ୟାପି ଅନୁଷ୍ଠିତ ହେଲା ପରେ ବିନା ବ୍ୟାଣ୍ଡ ବାଜା ଓ ଶୋଭାଯାତ୍ରା, ବାଦ୍ୟ, କୋଳାହଳ ମଧ୍ୟରେ ମୂର୍ତୀ ଗୁଡିକ ବିସର୍ଜିତ ହୋଇଥିବା ଜଣା ପଡିଛି । କୋଭିଡ-୧୯ କରୋନା ମହାମାରୀ ର କଟକଣା ଯୋଗୁଁ ଚଳିତ ବର୍ଷ ଆବଦ୍ଧ ମଣ୍ଡପ ମଧ୍ୟରେ କୁମାର ପୂର୍ଣ୍ଣିମା ଠାରୁ ଗଜଲକ୍ଷ୍ମୀ ମୂର୍ତୀ ଗୁଡିକ ପୂଜା ପାଇ ଆସୁଥିଲେ । ସବୁ ବର୍ଷ ୭ଦିନ ଧରି ମଣ୍ଡପରେ ମୂର୍ତୀ ଗୁଡିକୁ ପୂଜା କରାଯାଉ ଥିବାବେଳେ ଚଳିତ ବର୍ଷ ଗୁରୁବାର ପାଇଁ ବିସର୍ଜନକୁ ଦୁଇ ଦିନ ଘୁଂଚାଇ ଦିଆଯାଇ ଥିଲା । ଶନିବାର ଅପରାହ୍ନରୁ ବିସର୍ଜନ ପୂଜା ଆରମ୍ଭ କରାଯାଇ ସେହି ରାତିକ ମଧ୍ୟରେ ଶେଷ କରାଯାଇ ଥିଲା । ଚଳିତ ବର୍ଷ ମେଲଣ କୁ ବାତିଲ କରାଯାଇ ଥିବାରୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇନଥିଲା । ସକାଳ ସାଢେ ୧୦ ମଧ୍ୟରେ ମୂର୍ତୀ ଗୁଡିକ ବିସର୍ଜନ ଘାଟରେ ସରକାରଙ୍କ ପକ୍ଷରୁ କରାଯାଇଥିବା କୃତିମ ପୋଖରୀ ରେ ଜଳ ଉତ୍ସର୍ଗ କରାଯାଇ ଥିଲା । ଘଣ୍ଟ ବଜାଇ ଓ ଶଙ୍ଖ ଫୁଙ୍କି ପୂଜା କମିଟିର ସଦସ୍ୟ ମାନେ ବିନା ଶୋଭାଯାତ୍ରା ରେ ମୂର୍ତୀ ଗୁଡିକୁ ଘାଟକୁ ନେଇ ବିସର୍ଜନ କରିଥିଲେ । ପାଖାପାଖି ଦୀର୍ଘ ୧୦୦ ବର୍ଷର ପରମ୍ପରା ମେଲଣ ଓ ଶୋଭାଯାତ୍ରା ଚଳିତ ବର୍ଷ ପାଳନ କରାଯାଇ ଥିବାରୁ ଗଣପର୍ବର ମାନ୍ୟତା ପାଇଥିବା କେନ୍ଦ୍ରାପଡା ର ଗଜଲକ୍ଷ୍ମୀ ପୂଜା ନିରାଡମ୍ବର ରେ ଶେଷ ହୋଇଥିବା ଜଣା ପଡିଛି ।

# କୋଭିଡ୍ ଯୋଦ୍ଧା ସମ୍ମାନ ପାଇଲେ ସମାଜସେବୀ ପ୍ରତାପ ସାହୁ

ଭୁବନେଶ୍ୱର,୯।୧୧ (ନି.ପ୍ର): ବିଶିଷ୍ଟ ସମାଜସେବୀ ପ୍ରତାପ କୁମାର ସାହୁଙ୍କୁ କୋଭିଡ୍ ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଛି । ଦୈନିକ ଖବରକାଗଜ ପ୍ରଗତିବାଦୀର ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳଙ୍କ ଜୟନ୍ତୀ ସମାରୋହ ଉତ୍ସବରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହି ଉତ୍ସବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଥିବା ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମନ୍ତ୍ରୀ ପ୍ରତାପ ଜେନା, କଟକ ସାଂସଦ ଭର୍ତୃହରି ମହାତାବ ଏବଂ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୦ଜଣ ବ୍ୟକ୍ତିଙ୍କୁ କୋଭିଡ୍ ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅତିଥିମାନେ ଶ୍ରୀ ସାହୁଙ୍କୁ ଉପୌଢକନ, ମାନପତ୍ର ଓ ୫ ହଜାର ଟଙ୍କା ସହ ସମ୍ମାନିତ କରାଯାଇଥିଲା । ଏହି ସମ୍ମାନ ପାଇଥିବାରୁ ମୋତେ ଆଗକୁ ଏଭଳି ଅନେକ କାମ କରିବାକୁ ପ୍ରେରଣା ଯୋଗାଇବ ଏବଂ ପାଇଥିବା ଅର୍ଥରାଶିରେ ଗରିବ ଅସହାୟ ଲୋକମାନଙ୍କୁ ହର୍ଲିକ୍ସ, ଭିଟାମିନ୍ ଟାବଲେଟ ବଂଟନ କରିବି ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ।

# ଶ୍ରୀକ୍ଷେତ୍ରରେ ଗରୁଡ ଦେବତାଙ୍କୁ ଅସମ୍ମାନ: ପ୍ରବେଶ ପଥ ଓ ଟ୍ରାଫିକ୍ ଜଗିଛନ୍ତି

ପୁରୀ,୯।୧୧ (ନି.ପ୍ର): ମହାପ୍ରଭୁଙ୍କ ବାହନ ଗରୁଡ ଦେବତାଙ୍କୁ ଶ୍ରୀକ୍ଷେତ୍ରରେ ଅସମ୍ମାନିତ କରାଯାଇଛି ବୋଲି ଶ୍ରୀଜଗନ୍ନାଥ ଭକ୍ତ ପରିଷଦ ଅଭିଯୋଗ କରିଛି । ଅଠରନଳାଠାରେ ମୂଷାନଇ ଭିତରେ ଦଳ, ଆବର୍ଜନା ଓ ଚାରିପଟେ ମାଂସ କଟା ହେଉଥିବା ସ୍ଥାନରେ ଗରୁଡଙ୍କୁ ସ୍ଥାପନ କରାଯାଇଥିବାରୁ ଏହା ଧାର୍ମିକ ଭାବନାକୁ କୁଠାର ଘାତ କରୁଛି ବୋଲି ପରିଷଦ ଅଭିଯୋଗ କରିଛି । ସେହିପରି ଷ୍ଟେସନ ଛକ ବିଦ୍ୟୁତ୍ ଅଫିସ ନିକଟରେ ଟ୍ରାଫିକ୍ ଛକରେ ଟ୍ରାଫିକ୍ ଜଗିବା ପରି ଗରୁଡ ବସିଛନ୍ତି । ଗରୁଡ ଦେବତା ସଦାବେଳେ ପ୍ରଭୁଙ୍କ ମୁହଁଙ୍କୁ ଚାହିଁ ବସିଥାନ୍ତି, ପ୍ରଭୁ ଶୋଇଲେ ଶୋଇଥାନ୍ତି ଓ ପ୍ରଭୁ ଉଠିଲେ ଉଠିଥାନ୍ତି । ଆଷାଢ ଗରୁଡ ଶୟନ ଏକାଦଶୀରେ ମହାପ୍ରଭୁ ଶୟନ କଲେ ଗରୁଡ ମଧ ଶୋଇଥାନ୍ତି । କାର୍ତିକ ଶୁକ୍ଳ ଦ୍ୱାଦଶୀରେ ଉଠିଥାନ୍ତି । ଗରୁଡ ସ୍ନାନଜଳରେ ଭକ୍ତମାନେ ସ୍ନାନ କଲେ ଅନେକ ରୋଗରୁ ମୁକ୍ତି ମିଳିଥାଏ ବିଶ୍ୱାସ ରହିଛି । ଗରୁଡ ଖମ୍ବ ପଛରେ ଚତୁର୍ଦ୍ଧାମୂର୍ତିଙ୍କୁ ଦର୍ଶନ କଲେ ମହାପୁଣ୍ୟ ମିଳିଥାଏ । ଗରୁଡ ଦେବତାଙ୍କୁ ବାଟରେ ଘାଟରେ, ନଦୀ ମଜିରେ ଓ ଟ୍ରାଫିକ୍ ଛକରେ ରଖି ଅସମ୍ମାନ କରାଗଲେ ଏହା ରାଜ୍ୟ ପାଇଁ ମହାବିପତି ଆଣିବ ବୋଲି ପରିଷଦର ଆବାହକ ସୂର୍ଯ୍ୟନାରାୟଣ ରଥ ଓ ମୁଖ୍ୟ ଉପଦେଷ୍ଟା ଦୁର୍ଗାପ୍ରସାଦ ମହାପାତ୍ର ଗଣମାଧମକୁ ଜଣାଇଛନ୍ତି । ଉଭୟ ଗରୁଡଙ୍କୁ କୌଣସି ଦେବାଳୟ ସମ୍ମୁଖରେ ସ୍ଥାପନ କରିବା ପାଇଁ ଦାବି କରିଛନ୍ତି ।

# ଟେରାକୋଟା ପ୍ରଦର୍ଶନୀରେ ୨ ଦିନରେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବିକ୍ରିବଟା

ଭୁବନେଶ୍ୱର,୯।୧୧ (ନି.ପ୍ର): ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ନଭେମ୍ବର ୬ ତାରିଖଠାରୁ ପଂଚଦଶ ମୃତିକା ହସ୍ତଶିଳ୍ପ (ଟେରାକୋଟା) ପ୍ରଦର୍ଶନୀ ଆରମ୍ଭ ହୋଇଛି । ଏହି ପ୍ରଦର୍ଶନୀରେ ରାଜ୍ୟର ୨୦ଟି ଜିଲ୍ଲାର ୧୬୫ରୁ ଉର୍ଦ୍ଧ୍ୱ କାରିଗର ଯୋଗ ଦେଇଛନ୍ତି । ଏହି ପ୍ରଦର୍ଶନୀରେ ଏ ପର୍ଯ୍ୟନ୍ତ ୧୧୧ଟି ଷ୍ଟଲ ଖୋଲାଯାଇଛି । ଏହି ଷ୍ଟଲ ଗୁଡ଼ିକରେ ରଙ୍ଗ ବେରଙ୍ଗର ଦୀପ, ମାଟିର ଘରସଜ୍ଜା ସାମଗ୍ରୀ, ମାଟିର କଳାକୃତି ଉପଲବ୍ଧ ହେଉଛି । ପ୍ରଦର୍ଶନୀରେ ଗତ ଦୁଇଦିନ ମଧ୍ୟରେ କାରିଗରମାନଙ୍କର ଆକର୍ଷଣୀୟ କାରିଗରୀର ବିକ୍ରି ପରିମାଣ ୧୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱରେ ପହଂଚିଛି । ପ୍ରଦର୍ଶନୀରେ ଜନସାଧାରଣଙ୍କର ବେଶ୍ ସମାଗମ ହେଉଛି । ଆୟୋଜକଙ୍କ ପକ୍ଷରୁ କୋଭିଡ଼-୧୯ର ନିୟମ ଅନୁସାରେ ପ୍ରଦର୍ଶନୀକୁ ଆସୁଥିବା ସମସ୍ତ ଜନସାଧାରଣଙ୍କ ନିମନ୍ତେ ଥର୍ମାଲ ସ୍କ୍ରିନିଂ ଓ ସାନିଟେସନ୍ ଆଦିର ବ୍ୟବସ୍ଥା କରାଯାଇଛି । ଏହି ଟେରାକୋଟା ପ୍ରଦର୍ଶନୀ ନଭେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଦିନ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହୁଛି । ଦର୍ଶକମାନଙ୍କ ପାଇଁ ମେଳାରେ କାରିଗରମାନେ ମୃତିକାରେ କିଭଳି ସୁନ୍ଦର ସାମଗ୍ରୀ ତିଆରି କରାଯାଉଛି ତାର ପ୍ରତ୍ୟକ୍ଷ ପ୍ରଦର୍ଶନ ମଧ କରୁଛନ୍ତି ।

# ଏଗ୍ ଚିକେନ୍ ମୁଗଲାଇ ପରଟା

**ଆବଶ୍ୟକ ସାମଗ୍ରୀ :**
ଫେଣ୍ଟା ଯାଇଥିବା ଅଣ୍ଡା-୩ଟା, ଚିକେନ୍ କିମା-୨୦୦ଗ୍ରାମ, କଟାଯାଇଥିବା(ପିଆଜ-୧ଟି, କଞ୍ଚା ଲଙ୍କା-୨ଟି, ଟମାଟୋ-୧ଟି), ଅଦା ପେଷ୍ଟ-୧ ଚାମଚ, ରସୁଣ ପେଷ୍ଟ-୧ ଚାମଚ, ଧନିଆ, ଜିରା, କାଶ୍ମୀରୀ ମିର୍ଚ୍ଚି, ହଳଦୀ, ଗରମ ମସଲା, ଗୋଲମରିଚ ଗୁଣ୍ଡ ଏକ ଚାମଚ ଲେଖାଏଁ, ମଇଦା-୨ କପ୍, ଅଟା-୧ କପ୍, କ୍ଷୀର-୧ କପ୍, ଲୁଣ-ସ୍ୱାଦ ଅନୁସାରେ ।



**ପ୍ରଣାଳୀ :**
ଅଟା ଓ ମଇଦାକୁ ଭଲ ଭାବରେ ମିଶାଇ ସେଥିରେ ଲୁଣ ଓ କ୍ଷୀର ମିଶାନ୍ତୁ । ପାଣି ଦେଇ ଅଟାକୁ ନରମ କରି ଦଳି ରଖନ୍ତୁ । ଗୋଟେ ଓଦା କପଡ଼ାରେ କିଛି ସମୟ ପାଇଁ ଘୋଡ଼େଇ ରଖାଯିବ । ଏବେ କଡ଼େଇରେ ତେଲ ଗରମ କରି ସେଥିରେ ଜିରା ପକାନ୍ତୁ । ଜିରା ଫୁଟିଗଲା ପରେ କଟାଯାଇଥିବା ପିଆଜ, କଞ୍ଚା ଲଙ୍କାକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ । ଅଦା, ରସୁଣ ପେଷ୍ଟ ପକାଇ ଚଲାନ୍ତୁ । ମସଲା ଅଳ୍ପ ଭାଜି ହେବା ପରେ ଚିକେନ କିମାକୁ ମିଶାଇ ସେଥିରେ ସବୁ ମସଲା ଓ ଲୁଣ ପକାନ୍ତୁ । ଚିକେନ ସିଝିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ । କଟାଯାଇଥିବା ଟମାଟୋ ଓ ଧନିଆ ପତ୍ର ପକାଇ ଗ୍ୟାସ୍ ବନ୍ଦ କରନ୍ତୁ । ଭରେଇବା ପାଇଁ ଚିକେନ ପ୍ରସ୍ତୁତ ହୋଇଗଲା । ଏବେ ମଧ୍ୟମ ଆକାରର ଅଟା ଗୁଳା ନେଇ ତାକୁ ବେଲି ସେଥିରେ ପ୍ରସ୍ତୁତ ଚିକେନକୁ ପୂରାଇ ଚାରିପଟୁ ବନ୍ଦ କରି ବେଲନ୍ତୁ । ଏକ ନନ୍‌ଷ୍ଟିକ ତାୱା ଗରମ କରି ସେଥିରେ ଅଳ୍ପ ତେଲ ଦିଅନ୍ତୁ । ତାୱା ଗରମ ହେବା ପରେ ପରଟାକୁ ସେକନ୍ତୁ ଓ ବ୍ରଶ ସାହାଯ୍ୟରେ ଅଣ୍ଡାକୁ ପରଟାରେ ଲଗାନ୍ତୁ । ପରଟଟାକୁ ଓଲଟାଇ ଅନ୍ୟ ପାର୍ଶ୍ୱରେ ମଧ୍ୟ ଅଣ୍ଡା ଲଗାନ୍ତୁ । ତା’ ଉପରେ ଗୋଲମରିଚ ଗୁଣ୍ଡ ଓ ଲୁଣ ଛିଞ୍ଚି ଭଲ ଭାବରେ ସେକନ୍ତୁ ଓ ଗରମ ଗରମ ଖାଆନ୍ତୁ ।

# କମ୍ ପାଣି ପିଇବାର ସମସ୍ୟା

**ବିଶେଷଜ୍ଞଙ୍କ ମତରେ ନିୟମିତ ଭାବେ ଆବଶ୍ୟକ ପରିମାଣର ପାଣି ପିଇଲେ କୌଣସି ଶାରୀରିକ ସମସ୍ୟା ଉପୁଜିନଥାଏ । ଉଷୁମ ପାଣି ମଧ୍ୟ ସ୍ୱାସ୍ଥ୍ୟ ପାଇଁ ହିତକାରୀ ।**



- ଦୈନିକ ୭-୮ ଗିଲାସ ପାଣି ନ ପିଇଲେ, ଖୁବ୍ ଥକା ଲାଗିଥାଏ । ରକ୍ତଚାପ ରୋଗୀମାନେ ପ୍ରତ୍ୟକ ସକାଳବେଳା ଉଷୁମ ପାଣି ପିଇ ଦିନର ଆରମ୍ଭ କରିବା ହିତକାରୀ ।
- ମୁଣ୍ଡବିନ୍ଧା, ମାନସିକ ଚାନ ଇତ୍ୟାଦି ସମସ୍ୟା ମଧ୍ୟ ପାଣିର ଅଭାବ କାରଣରୁ ଉପୁଜିଥିବାର ବିଶେଷଜ୍ଞଙ୍କ ମତ । ପାଣି ଆବଶ୍ୟକ ପରିମାଣରେ ପିଇଲେ ଶରୀରରୁ ବିଷତତ୍ତ୍ୱ ସହଜରେ ବାହାରିଯାଏ । ନଚେତ୍ ଏହା ଶରୀର ଭିତରେ ରହି ଅନ୍ୟାନ୍ୟ ରୋଗ ସୃଷ୍ଟି କରେ ।
- ପାଣିରେ ଅଭାବ ହେଲେ ଶରୀର ଡାହାଇଡ୍ରେସନ୍ ହୋଇଯାଇଥାଏ । ପରୀକ୍ଷାରୁ ଜଣାପଡିଛି ଯେ ପର୍ଯ୍ୟାପ୍ତ ପରିମାଣରେ ପାଣି ନ ପିଇଲେ ହୃଦ୍‌ରୋଗର ଆଶଙ୍କା ମଧ ହୋଇଥାଏ ।
- ଯୁବତୀ ଓ ମହିଳାମାନେ ତ୍ୱଚାରେ ଚମକ ଆଣିବାକୁ ଚାହୁଁଥିଲେ ପ୍ରତ୍ୟହ ୪-୫ ଗିଲାସ ଉଷୁମ ପାଣି ପିଇବା ଲାଭପ୍ରଦ ।
- ପାଣି ନ ପିଇଲେ ଶରୀରରେ କୋଲେଷ୍ଟୋରଲ୍ ସ୍ତର ବଢ଼ିବା ସହ ମେଦବହୁଳ ରୋଗରେ ଆକ୍ରାନ୍ତ ହେବାର ଭୟ ରହିଛି ।

## ବଡ ଟେଡି ବିୟର୍

ଟେଡି ବିୟର ସମସ୍ତଙ୍କର ପସନ୍ଦ । ଛୋଟ ପିଲା ତ ଏହାକୁ ଦଣ୍ଡେ ଛାଡି ରହି ପାରନ୍ତି ନାହିଁ । ଏମିତିକି ଧରିକି ବି ଶୋଇଥାଆନ୍ତି । ହେଲେ ମେକ୍ସିକୋରେ ଏମିତି ଏକ ଟେଡି ବିୟର୍ ତିଆରି କରାଯାଇଥିଲା ଯାହାକୁ ଧରି ଖେଳିବା ଅସମ୍ଭବ । କାରଣ ଏହା ହେଉଛି ପୃଥିବୀର ସବୁଠାରୁ ବଡ ଟେଡି ବିୟର୍ । ଜୋନାକାଟଲାନ୍ ସହରସ୍ଥ ଷ୍ଟାଡିୟମ୍‌ରେ ଏହାକୁ ପ୍ରଦର୍ଶିତ କରାଯାଇଥିଲା । ମେକ୍ସିୟମ୍‌ରେ ଶିଶୁ ଦିବସକୁ ପ୍ରମୋଟ କରିବା ଲାଗି ଏହାକୁ ତିଆରି କରାଯାଇଥିଲା । ଏହାର ଲମ୍ବ ୬୩ ଫୁଟ ୮ ଇଞ୍ଚ ଅଟେ ।

# ଡାଏଟ୍ ପିଲ୍‌ର ପାର୍ଶ୍ୱ ପ୍ରତିକ୍ରିୟା

କର୍ମବ୍ୟସ୍ତତା ମଧ୍ୟରେ ଅନେକ ଲୋକ ଖାଦ୍ୟପେୟ ଉପରେ ଧ୍ୟାନ ଦେଇ ନ ପାରିବା ଯୋଗୁ ଡାଏଟ୍ ପିଲ୍ ନେଉଛନ୍ତି । ଏହି ପିଲ୍‌ରେ ଭିଟାମିନ୍ସ, ମିନେରାଲ୍ସ ଓ ଅନେକ ଖଣିଜ ପଦାର୍ଥ ରହିଛି ଯାହା ଖାଦ୍ୟାଭାବକୁ ପୂରା କରିଥାଏ । ହେଲେ ଡାଏଟ୍ ପିଲ୍ ଇଟିଙ୍ଗ୍ ଡିସଅର୍ଡର ସମସ୍ୟା ବଢାଇପାରେ ? ଅଧ୍ୟୟନରୁ ଜଣାପଡିଛି ବର୍କବ୍ୟସ୍ତତା ବା ଓଜନ କମ୍ କରିବା ପାଇଁ ଯେଉଁମାନେ ଖାଦ୍ୟ ପରିବର୍ତ୍ତେ ଡାଏଟ୍ ପିଲ୍ ବା ସିରପ୍ ବ୍ୟବହାର କରୁଛନ୍ତି ସେମାନଙ୍କୁ ୧-୩ ବର୍ଷ ମଧ୍ୟରେ ଇଟିଙ୍ଗ୍ ଡିଜର୍ଡର ସମସ୍ୟା ରହିଛି । ଏଥି ସହ ଉଚ୍ଚ ରକ୍ତଚାପ, ଯକୃତ ଓ କିଡ୍‌ନୀର ସମସ୍ୟା ସମ୍ବନ୍ଧୀୟ ଗମ୍ଭୀର ସମସ୍ୟା ମଧ୍ୟ ହୋଇପାରେ । ଏହା ପାଚନ ତନ୍ତ୍ର ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ୨୦୦୧-୧୬ ମଧ୍ୟରେ ୧୪ରୁ ୩୬ ବର୍ଷ ବୟସର ୧୦,୦୫୮ ମହିଳାଙ୍କ ଉପରେ ରିସର୍ଚ୍ଚ କରାଯାଇଥିଲା । ପିଲ୍ ବ୍ୟବହାର କରୁଥିବା ୧.୮% ୧-୩ ବର୍ଷ ମଧ୍ୟରେ ବା ପ୍ରଥମରୁ ହିଁ ଇଟିଙ୍ଗ୍ ଡିଜର୍ଡର ସମସ୍ୟା କହିଥିଲେ ।

# ତ୍ୱଚା ଓ କେଶର ଉତ୍ତମ ବନ୍ଧୁ : କଫି

**ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତରେ କଫି ଉଭୟ ତ୍ୱଚା ଓ କେଶ ଉପରେ ଉତ୍ତମ ପ୍ରଭାବ ପକାଇଥାଏ । କେଶ ନିମନ୍ତେ ଯେ କୌଣସି ପ୍ୟାକ୍ ପ୍ରସ୍ତୁତ କରିବା ସମୟରେ ସେଥିରେ ଅଧ ଚାମଚ କଫି ଗୁଣ୍ଡ ମିଶାଇ ଦିଅନ୍ତୁ । କେଶରେ ଏହି ପ୍ୟାକ୍‌ର ପ୍ରୟୋଗ କରି ଧୋଇବା ପରେ ଆପଣ ଫରକ୍ ଜାଣିପାରିବେ ।**



- ହେନା ପ୍ୟାକ୍ ତିଆରି କରୁଥିଲେ, କଫି ପାଣିରେ ହେନା ଗୁଣ୍ଡ ମିଶାଇ କେଶର ଲଗାଇବେ । ଆପଣଙ୍କ କେଶର ସୁନ୍ଦର ରଙ୍ଗ ହିଁ ମୁଖ୍ୟ ଆକର୍ଷଣ ହେବ ।
- କଫି ତ୍ୱଚା ନିମନ୍ତେ ଏକ ଉତ୍ତମ ସ୍କ୍ରବ ଭଳି କାମ କରେ । ସ୍ନାନ ପୂର୍ବରୁ କଫି ୨ ଚାମଚରେ ଅଳ୍ପ ଲେମ୍ବୁ ରସ ମିଶାଇ ପୂରା ଶରୀରରେ ମାଲିସ୍ କରି ସ୍ନାନ କରନ୍ତୁ ।
- ସନ୍-ଟ୍ୟାନ୍‌ରୁ ରକ୍ଷା ପାଇବାକୁ ଚାହିଁଥିଲେ, କଞ୍ଚା କ୍ଷୀରରେ କଫି ଗୁଣ୍ଡ ମିଶାଇ ପ୍ୟାକ୍ ଭଳି ତ୍ୱଚାରେ ଲଗାଇଲେ ଲାଭ ମିଳେ ।

# ଶୀତ ଦିନରେ ଦହି

**ଶୀତଦିନରେ ଓଠ ଫାଟିବା ଏକ ସାଧାରଣ କଥା । ଫଟା ଓଠ କେବଳ ମୁହଁର ସୌନ୍ଦର୍ଯ୍ୟହାନି କରେ ତା’ନୁହେଁ, ଏହା ଯନ୍ତ୍ରଣାଦାୟକ ମଧ । ଏହି ଋତୁରେ ତ୍ୱଚା ମଧ୍ୟ ଫାଟେ । ଏଥିରୁ ରକ୍ଷା ପାଇବା ପାଇଁ ଦହି ବ୍ୟବହାର କରାଯାଇ ପାରେ ।**

- ଏକ ଚାମୁଚ ଦହିରେ ଲେମ୍ବୁରସ ମିଶାଇ ଓଠରେ ଲଗାନ୍ତୁ । ଫାଟିବା କମ୍ ହେବ ଏବଂ ଓଠର କୋମଳତା ନଷ୍ଟ ହେବ ନାହିଁ ।
- ଅଳ୍ପ ଦହିରେ ଏକ ଚାମଚ ବେସନ ମିଶାଇ ପେଷ୍ଟ ପରି କରନ୍ତୁ ଏବଂ ତାକୁ ଶରୀରରେ ଫାଟିଥିବା ସ୍ଥାନରେ ଲଗାନ୍ତୁ । ନିୟମିତ ଏପରି କଲେ ତ୍ୱଚା ଫାଟିବା ବନ୍ଦ ହେବ ।
- ସାବୁନ ତ୍ୱଚାର ପ୍ରାକୃତିକ ତୈଳ ନଷ୍ଟ କରିଦିଏ । ତେଣୁ ଶୀତଦିନରେ ସାବୁନ ବ୍ୟବହାର କମ୍ କରନ୍ତୁ । ଦହି ଏହାର ସର୍ବୋତ୍ତମ ବିକଳ୍ପ । ଦେହରେ ଦହି ଲଗାଇ ସ୍ନାନ କରନ୍ତୁ । ତ୍ୱଚା ଶୁଖିଲା ଏବଂ ନିର୍ଜିବ ପରିବର୍ତ୍ତେ ଓ ଉଜ୍ଜ୍ୱଳ ଦେଖାଯିବ ।
- ଶୀତ ଋତୁରେ ତ୍ୱଚାର ରଙ୍ଗ କଳା ପଡିବା ଏକ ସାଧାରଣ ସମସ୍ୟା । ଏକ ଚାମୁଚ ଡହିରେ ସେଓରସ ଫେଣ୍ଟି ମୁହଁରେ ଲଗାଇଲେ ମୁହଁ ଉଜ୍ଜ୍ୱଳ ଦେଖାଯିବ ।
- ୧ ଚାମୁଚ ଦହି, ୪ଟି ବାଦାମ ଓ ଦେଶୀ ଗୋଲାପ ପତ୍ରର ୧୦/୧୨ ଟୋପା ରସ ମିଶାଇ ମୁହଁରେ ଲଗାନ୍ତୁ ଏବଂ ଅଳ୍ପ ସମୟ ପାଇଁ ମାଲିସ କରନ୍ତୁ । ମୁହଁରେ ଥିବା ଦାଗ ଲିଭିଯିବ ।
- ଦହି ସହିତ କମଳାଚୋପା ବଟା ମିଶାଇ ଲଗାଇଲେ ତ୍ୱଚା ନରମ ଓ ଉଜ୍ଜ୍ୱଳ ଦେଖାଯିବ ।







# ପରିବା କିମା

କିମା ପରି ଖାଦ୍ୟର ନାଁ ଶୁଣିଲେ ଏହା ନିଶ୍ଚୟ ଆମିଷ ହୋଇଥିବ ବୋଲି ଅନେକେ ଭାବିନିଅନ୍ତି । ହେଲେ ଯେଉଁମାନେ ନିରାମିଷାଶୀ, ସେମାନେ ମଧ କିମାର ମଜା ନେଇପାରିବେ । ନିରାମିଷ କିମା ପ୍ରସ୍ତୁତ କରିବା ଯେତିକି ସହଜ, ସେହିସରି ସୁସ୍ୱାଦୁ ଏବଂ ପୁଷ୍ଟିକର କହୋଇଥାଏ ।

ବ୍ୟସ୍ତ ଜୀବନରେ ରବିବାରର ଗୁରୁତ୍ୱ ଯଥେଷ୍ଟ ଅଧିକ । ଏହି ଦିନଟିକୁ ଆଉ ଟିକେ ବିଶେଷ କରିବା ଲାଗି କିଛି ପାଟି ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରି ଦେଖନ୍ତୁ ତ !



**ଆବଶ୍ୟକ ସାମଗ୍ରୀ :**
ଛୋଟ ଛୋଟ କଟା ହୋଇଥିବା ଫୁଲକୋବି ଗୋଟିଏ, ୭-୮ ଟି ବିନ୍, ୭-୮ଟି ଛତୁ, ଦୁଇଟି ଗାଜର, ଦୁଇଟି ଟମାଟୋ, ୨-୩ଟି କଁାଲଙ୍କା ଏବଂ ଅଦା ଖଣ୍ଡେ ୧ କପ୍ ସିଝା ଗ୍ରୀନ୍ ମଟର, ମଧ୍ୟମ ଧରଣର ଏକ ପିଆଜ ସରୁସରୁ କଟା ହୋଇଥିବ, ରସୁଣ ପେଷ୍ଟ, ଗୋଟିଏ ଗୁଜରାତି, ଖଣ୍ଡେ ଡାଲଚିନି, ୧ ଚାମଚ ଧନିଆ ଗୁଣ୍ଡ, ୧ଚାମଚ ହଳଦି ଗୁଣ୍ଡ, ଅଧା ଚାମଚ ଲେଖାଏଁ ଗରମ ମସଲା ଗୁଣ୍ଡ, ଲଙ୍କା ଗୁଣ୍ଡ, ୨ ବଡ ଚାମଚ ରିଫାଇନ୍ ବା ସୂର୍ଯ୍ୟମୁଖୀ ତେଲ, ଦୁଇ କପ୍ ପାଣି, ସ୍ୱାଦାନୁସାରେ ଲୁଣ ।

**ପ୍ରସ୍ତୁତି :**
ଏକ ପାତ୍ରରେ ତେଲ ଗରମ କରନ୍ତୁ । ଏଥିରେ ପିଆଜ ପକାଇ ଭାଜିବା ସହ ଅଦା ରସୁଣ ପେଷ୍ଟ ପକାନ୍ତୁ ଏବଂ ସବୁ ମସଲା ଏଥିରେ ପକାଇ ହାଲ୍‌କା କଷିବେ । ଶେଷରେ ଟମାଟୋ ଓ ଗରମ ମସଲା ଗୁଣ୍ଡ ପକାଇବେ । କଷି ହୋଇଗଲେ ଗ୍ରୀନ୍ ମଟର ଛାଡି ଅନ୍ୟ ସବୁ କଟା ପରିବା ସେଥିରେ ପକାଇ ଟିକେ ଭାଜିବା ପରେ ଲୁଣ ଓ ପାଣି ଦେଇ ଘୋଡାଇଦେବେ । ପାଣି ଶୁଖିବା ପରେ ଏକ ପାତ୍ରକୁ ବାହାର କରି ସେଥିରେ ସିଝା ମଟର ମିଶାଇବା ସହ କଟା ଧନିଆପତ୍ର ପକାଇ ଦିଅନ୍ତୁ । ଏବେ ଗରମାଗରମ ପରିବା କିମା ପ୍ରସ୍ତୁତ ହୋଇଗଲା । ଏହାକୁ ରୁଟି, ପରଟା ନଚେତ ଭାତ ସହିତ ଖାଇହେବ ।

# ୱିଣ୍ଟରର ଫିଟ୍‌ନେସ୍

**ଶୀତ ପ୍ରଭାବରେ ବାୟୁମଣ୍ଡଳର ତାପମାତ୍ରା ଯେତିକି କମୁଛି, ପାଣିପାଗ ପରିବର୍ତ୍ତନର ସେତିକି ପ୍ରଭାବ ଶରୀର ଉପରେ ମଧ ପଡୁଛି । ତେଣୁ ଏଦିନେ ଫିଟ୍ ରହିବା ଲାଗି କେତେକ ଦିଗ ପ୍ରତି ବିଶେଷ ଦୃଷ୍ଟିଦେବା ଆବଶ୍ୟକ...**



- ଶୀତଦିନେ ଅନେକେ କମ୍ ପାଣି ପିଇଥାନ୍ତି । ଫଳରେ ସେମାନଙ୍କଠାରେ ଜଳୀୟାଂଶ କମିଯାଇ ଶରୀର ଅଧିକ ଶୁଷ୍କ ହେବା, ଚର୍ମ ପାଉଁଶିଆ ଦେଖାଯିବା, ଗୋଡ, ହାତ, ଓଠ ଫାଟିବା, କୁଣ୍ଡାଇହେବା ଭଳି ସମସ୍ୟା ଦେଖାଯାଏ । କେତେକଙ୍କଠାରେ ଶିରାପ୍ରଶିରା ସଙ୍କୁଚିତ ହୋଇଯିବା ସହ ରୋଗ ପ୍ରତିରୋଧକ ଶକ୍ତି କମିବା ଫଳରେ ଥଣ୍ଡା, ଜ୍ୱର ଭଳି ରୋଗ ଦେଖାଦେଇଥାଏ । ଏସବୁକୁ ଏଡାଇବା ଲାଗି ଉଷୁମ ଆହାର ଗ୍ରହଣ କରନ୍ତୁ । ସବୁ ପ୍ରକାର ସିଜନାଲ ପନିପରିବା, ଶାଗ ଏବଂ ଫଳକୁ ଖାଦ୍ୟତାଲିକାରେ ସାମିଲ କରନ୍ତୁ । ଏହା ସହ ପ୍ରଚୁର ପରିମାଣରେ ପାଣି ପିଇବା ଆବଶ୍ୟକ । ଦେହରେ ତେଲ ଏବଂ ମଶ୍ଚରାଇଜର ବ୍ୟବହାର କରିବା ବି ଗୁରୁତ୍ୱପୂର୍ଣ୍ଣ ।
- ଶୀତରେ ସକାଳୁ ବ୍ଲାଙ୍କେଟ୍ ଭିତରୁ ବାହାରିବା ଏବଂ ଉଠିବା ପରେ ଥଣ୍ଡାରେ ଏକ୍ସରସାଇଜ୍ କରିବାକୁ ଅନେକଙ୍କୁ ଇଚ୍ଛା ହୋଇ ନଥାଏ । ତେଣୁ ଶାରୀରିକ ବ୍ୟାୟାମ ଅଭାବରୁ ମଧ ଏଦିନେ ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ । ତେଣୁ ଯେଉଁମାନେ ପୂର୍ବରୁ ପ୍ରତିଦିନ ଯୋଗ, ବ୍ୟାୟାମ ଆଦି ଅଭ୍ୟାସ ରଖିଥାନ୍ତି ସେମାନେ ଆଳସ୍ୟ ଯୋଗୁ ଶୀତରେ ଆଦୌ ଏସବୁ ବନ୍ଦ କରିବା ଠିକ୍ ନୁହେଁ ।
- ଥଣ୍ଡା ଥଣ୍ଡା ପାଗରେ ଗରମ ଗରମ ଚଟପଟା ତେଲ ମସଲାଯୁକ୍ତ ଖାଦ୍ୟ କିମ୍ବା ଫାଷ୍ଟଫୁଡ୍ ଆଦି ଅନେକଙ୍କର ପ୍ରଥମ ପସନ୍ଦ ପାଲଟିଯାଏ । ହେଲେ ଏଭଳି ଖାଦ୍ୟ ସହଜରେ ହଜମ ହୋଇ ନଥାଏ ଏବଂ ଏଥିପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ । ଶୀତରେ ଫିଟ୍‌ନେସ୍ ବଜାୟ ରଖିବା ଲାଗି ଏଭଳି ଖାଦ୍ୟ ପରିବର୍ତ୍ତେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଲାଗି ସୁଷମ ଆହାର ଗହଣ କରନ୍ତୁ । ବିଶେଷକରି ପ୍ରୋଟିନ୍, ଆଇରନ୍ ,ଜିଙ୍କ୍, ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହ ଋତୁଭିତ୍ତିକ ସବୁଜ ପନିପରିବା, ଫଳ, ଶାଗ ଏବଂ ଗାଇଘିଅକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ ।



- ଥଣ୍ଡା ପବନ ବାଜି ଏଦିନେ ଅନେକଙ୍କଠାରେ ଥଣ୍ଡା, ଜ୍ୱର, କାଶ ଆଦି ସମସ୍ୟା ଦେଖାଯାଇଥାଏ । ତେଣୁ ଏହାକୁ ଏଡାଇବା ଲାଗି ପ୍ରଚୁର ପରିମାଣରେ ପାଣି ପିଇବା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ତା’ ଛଡା କାଶ ହେଲେ ସକାଳୁ ଖାଲିପେଟରେ ଅଦାରସ, ମହୁ କିମ୍ବା ତୁଳସୀ ରସ, ମହୁ ଖାଆନ୍ତୁ । ଉଷୁମ କ୍ଷୀର ପିଇବା ଦ୍ୱାରା ମଧ୍ୟ ଆପଣ ଉପକୃତ ହେବେ । ରସୁଣ ମଧ ଖାଇବା ଏଦିନେ ବେଶ୍ ଉପକାରୀ । ଏସବୁ ବ୍ୟତୀତ ବାହାରକୁ ଯିବା ସମୟରେ ଯେପରି ଥଣ୍ଡା ପବନ ଶରୀରରେ ନ ଲାଗେ ସେଥିପାଇଁ ଭଲ ଭାବେ ଶୀତବସ୍ତ୍ର, କ୍ୟାପ୍, ସକ୍ସ, ଗ୍ଲୋବ୍ସ ଆଦି ପିନ୍ଧିବା ଆବଶ୍ୟକ ।
- ଅଧିକ କୁହୁଡି ହୋଇଥାଏ । ଫଳରେ ବାୟୁମଣ୍ଡଳରେ କୁହୁଡି (ଫଗ୍) ସାଙ୍ଗରେ ଧୂଳିକଣା ବି କିଣି ରହିଥାଏ; ଯେଉଁଥିରେ କାର୍ବନ ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍, ସଲ୍‌ଫର୍, ମ୍ୟାଗ୍ନେଟିଆଜିମ୍, ଭାଇରସ୍, ବ୍ୟାକ୍ଟେରିଆ ଭଳି ବିଷାକ୍ତ ପଦାର୍ଥ ରହିଥାଏ । ଏହା ତ୍ୱଚା ସଂସ୍ପର୍ଶରେ ଆସିବା ଦ୍ୱାରା କୁଣ୍ଡାଇ ହେବା, ଫଳିଯିବା, ସ୍କିନ୍ ଆଲର୍ଜି, ଫଙ୍ଗାଲ ଇନ୍‌ଫେକ୍ସନ ଭଳି ଚର୍ମରୋଗ କରାଇଥାଏ । ତେଣୁ ଯଥା ସମ୍ଭବ କୁହୁଡି ସଂସ୍ପର୍ଶରେ ନ ଆସିବା ଲାଗି ଚେଷ୍ଟା କରନ୍ତୁ । ଆବଶ୍ୟକ ସ୍ଥଳେ ଫୁଲ୍ ଶୀତବସ୍ତ୍ର, ଫୁଲ୍ ଜୋତା, କ୍ୟାପ୍ ଆଦି ବ୍ୟବହାର କରନ୍ତୁ ।
- ଶୀତଦିନେ ଅଧିକାଂଶ ଯୁବତୀ ଯୁବକଙ୍କର କେଶ ଶୁଷ୍କ ହେବା, ରୁପି ହେବା ଏକ ବଡ ସମସ୍ୟା ପାଲଟେ । ଏହାକୁ ଦୂରକରିବା ଲାଗି କେଶମୂଳେ ନିୟମିତ ସମୟ ଅନ୍ତରାଳରେ ତେଲ ମାଲିସ କରନ୍ତୁ । ଭିଟାମିନ୍ ବି୬, ଏ, ସି, ଇ ସହ ଜିଙ୍କ୍, ପୋଟାସିଅସ୍ ଏବଂ ଆଇରନ୍ ଭଳି ମିନେରାଲ୍ସ ଥିବା ଖାଦ୍ୟ ବିଶେଷକରି କଦଳୀ, ସେଓ, ଅମୃତଭଣ୍ଡା ଭଳି ଫଳ ଖାଆନ୍ତୁ ।

## ପୁରୁଷ ବିହୀନ ଗାଁ



ଉତ୍ତର କେନ୍ୟାରେ ଥିବା ଉମୋଜା ଗ୍ରାମରେ ୩୦ ବର୍ଷ ହେବ କେହି ପୁରୁଷ ନାହାନ୍ତି । ସେଠାରେ ଥିବା ମହିଳା ଚାଷ କରିବା ସହିତ ଗ୍ରାମ ବାହାରକୁ ଯାଇ ଶସ୍ୟ ବିକ୍ରି କରି ଚଳିଥାନ୍ତି । ଏହାସହିତ ଗ୍ରାମର ସୁରକ୍ଷା କରିଥାନ୍ତି । ଏକ ସର୍ଭେ ଅନୁସାରେ, ୨୦୧୫ ମସିହାରେ ଗ୍ରାମର ମହିଳାଙ୍କ ସଂଖ୍ୟା ୪୭ ଥିଲା । ଏବେ ସଂଖ୍ୟା କ୍ରମଶଃ ବଢି ପ୍ରାୟ ଏକ ଶହ ଉପରକୁ ରହିଛି । ଏହି ଗ୍ରାମ ୧୯୯୦ ମସିହାରେ ଗଠିତ ହୋଇଥିଲା । ବଳାତ୍କାରର ଶିକାର ହୋଇଥିବା ୧୫ ଜଣ ମହିଳାମାନେ ମିଶି ଏହି ଗ୍ରାମ ଗଠନ କରିଥିଲେ । ଏହାପରେ ପୁରୁଷଙ୍କ ଦ୍ୱାରା ପ୍ରତାଡିତ ମହିଳା ଓ ଝିଅମାନେ ସେହି ଗ୍ରାମରେ ରହିବାକୁ ଲାଗିଲେ । ୧୬ ବର୍ଷ ବୟସ୍କଙ୍କଠାରୁ ଆରମ୍ଭ କରି ୮୦ ବର୍ଷ ବୟସ୍କ ମହିଳା ଏବେ ଗ୍ରାମରେ ରହୁଛନ୍ତି । ସେମାନେ ନିଜ ଗ୍ରାମରେ ପୁରୁଷଙ୍କୁ ନିଷେଧ କରିବା ସହିତ ଯେଉଁମାନେ ବିବାହ କିରବାକୁ ଚାହାନ୍ତି ସେମାନଙ୍କୁ ଗ୍ରାମରୁ ବହିଷ୍କାର କରିଥାନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ବାଇଡେନର ଯୁଗ ଆରମ୍ଭ...

ଡେମୋକ୍ରାଟିକ୍ ଦଳ ପ୍ରାର୍ଥୀ ଜୋ ବାଇଡେନ୍ ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି ରୂପେ ନିର୍ବାଚନରେ ବିଜୟ ଲାଭ କରିଥିବା କଥା ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି । ଏହି ନିର୍ବାଚନର ଭୋଟଗଣତି ବେଳେ ପରିସ୍ଥିତି ଏଭଳି ଏକ ମୋଡରେ ପହଞ୍ଚିଥିଲା ଯେ କେଉଁ ଦଳର ପ୍ରାର୍ଥୀ ବିଜୟୀ ହେବେ ସେଥିନେଇ ଅନିଶ୍ଚିତତା ଦେଖା ଦେଇଥିଲା ଏବଂ ଏହାକୁ ନେଇ ଦେଶରେ ହିଂସାକାଣ୍ଡ ମଧ ଟେକିପାରେ ବୋଲି ଆଶଙ୍କା କରାଯାଉଥିଲା । କାରଣ ବର୍ତ୍ତମାନର ରାଷ୍ଟ୍ରପତି ତଥା ରିପବ୍ଲିକାନ୍ ଦଳ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ତାଙ୍କ ପରାଜୟ ଟ୍ରେଣ୍ଡକୁ ଗ୍ରହଣ କରିନପାରି ପୋଷ୍ଟାଲ ବୋଲଟ ଗଣତିକୁ ବନ୍ଦ୍ କରିବା ସକାଶେ ବିଚାରାଳୟର ଦ୍ୱାରସ୍ଥ ହୋଇଥିଲେ । ତେବେ ତାଙ୍କ ଏଭଳି ଦାବିର କୌଣସି ଆଇନଗତ ଯଥାର୍ଥତା ନାହିଁ ବୋଲି କୋର୍ଟ ସ୍ୱଷ୍ଟ କରିଦେଇଥିଲେ । ତେଣୁ ଚୂଡ଼ାନ୍ତ ଭୋଟଗଣନାରେ ବାଇଡେନ୍ ୨୯୦ ଇଲେକ୍ଟୋରାଲ ଭୋଟ ହାସଲ କରିଥିବା ବେଳେ ଟ୍ରମ୍ପଙ୍କୁ ମାତ୍ର ୨୧୪ଟି ଇଲେକ୍ଟୋରାଲ ଭୋଟ ମିଳିଥିଲା । ଏଭଳି ବିଶାଳ ଭୋଟ ତାରତମ୍ୟ ପ୍ରମାଣିତ କରିଛି ଯେ ଚାରିବର୍ଷ ତଳେ ଆମେରିକାବାସୀ ଯେଉଁ ଭୁଲ କରିଥିଲେ ତାହାକୁ ନଦୋହରାଇବା ପାଇଁ ସମ୍ଭବତଃ ବହୁ ପୂର୍ବରୁ ନିଷ୍ପତ୍ତି କରିସାରିଥିଲେ ଏବଂ ତାହା ହିଁ ଫଳାଫଳରେ ପ୍ରତିଫଳିତ ହୋଇଛି । ଡୋନାଲ୍ଡ ଟ୍ରମ୍ପଙ୍କ ଉପରୁ ଯେ ଆମେରିକାବାସୀ ସେମାନଙ୍କ ଆସ୍ଥା ହରାଇ ସାରିଥିଲେ ତାହା ୨୦୨୦ ରାଷ୍ଟ୍ରପତି ନିର୍ବାଚନ ସ୍ୱଷ୍ଟ କରିଛି । କ୍ଷମତାରେ ଥିବା ରାଜନେତା ଯେତେବେଳେ ପୁଣି ଥରେ ନିର୍ବାଚନରେ ପ୍ରାର୍ଥୀ ହୁଅନ୍ତି ସେମାନଙ୍କ ପାଖରେ ଯେତିକି ସୁବିଧା ଥାଏ, ସେତିକି ଅସୁବିଧା ମଧ ରହିଥାଏ । ପ୍ରଥମତଃ କ୍ଷମତାରେ ଥିଲେ ଲୋକଙ୍କ ନିକଟରେ ପହଞ୍ଚି ଓ ପ୍ରଚାରକୁ ତୀବ୍ରତର କରି ଜଣେ ପ୍ରାର୍ଥୀ ମତଦାତାଙ୍କୁ ଅନେକ ପ୍ରତିଶ୍ରୁତି ଦେଇପାରିବେ ଏବଂ ନିଜେ ଲୋକମାନଙ୍କ ପାଇଁ ଯାହା ଯାହା କରିଛନ୍ତି ତା'ର ହିସାବଫର୍ଦ୍ଦ ଦେଖାଇପାରିବେ । କିନ୍ତୁ ସମସ୍ୟାଟି ହେଲା, ଲୋକମାନେ ବିଚାରବନ୍ତ ଭାବେ ମତାଧିକାର ସାବ୍ୟସ୍ତ କରିବା ଆଗରୁ ଜଣେ କ୍ଷମତାସୀନ ବ୍ୟକ୍ତିଙ୍କ ସଫଳତାକୁ ଅତି ସୂକ୍ଷ୍ମଭାବେ ତର୍ଜମା କରିଥାନ୍ତି । ଟ୍ରମ୍ପଙ୍କ କ୍ଷେତ୍ରରେ ତାହା ଘଟିଛି । ଟ୍ରମ୍ପ ନା ଘରୋଇ ଫ୍ରଣ୍ଟରେ ନା ଆନ୍ତର୍ଜାତିକ ସ୍ତରରେ ନିଜ ପାଇଁ ବିଶେଷ ସମର୍ଥନ ଓ ଶୁଭେଚ୍ଛା ଅର୍ଜି ପାରିଥିଲେ । ଗତ ଚାରିବର୍ଷ ଭିତରେ ସେ ତାଙ୍କ ନିଜ ଷ୍ଟାଇଲରେ ହିଁ ଶାସନ ଚଳାଇଥିଲେ । ଏପରିକି ଗୋଟିଏ ପର୍ଯ୍ୟାୟରେ ତାଙ୍କ ବୈଦେଶିକ ସଚିବ, ପ୍ରତିରକ୍ଷା ସଚିବ, ସୁରକ୍ଷା ପରାମର୍ଶଦାତା ସମସ୍ତେ ତାଙ୍କୁ ଛାଡ଼ି ଚାଲିଯାଇଥିଲେ ଅବା ସ୍ୱୟଂ ରାଷ୍ଟ୍ରପତି ସେମାନଙ୍କୁ ବିଦା କରିଥିଲେ । ଏହା ଟ୍ରମ୍ପଙ୍କ ବ୍ୟକ୍ତିତ୍ୱର ଦୁର୍ବଳ ଦିଗକୁ ଦେଶରେ ଓ ବିଶ୍ୱରେ ହିଁ ପ୍ରମାଣିତ କରିଥିଲେ । ତେବେ ଟ୍ରମ୍ପ ଏବେ ବିଦାୟୀ ରାଷ୍ଟ୍ରପତି ହୋଇ ସାରିଛନ୍ତି । କିନ୍ତୁ ନବ ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନଙ୍କ ପାଇଁ ବିଜୟୀ ଯେତିକି ଉଲ୍ଲାସ ଆଣିଛି, ତାଙ୍କ ଦାୟିତ୍ୱରେ ଫର୍ଦ୍ଦ ସେତିକି ବଢ଼ିଯାଇଛି । ପୂର୍ବରୁ ବାରାକ ଓବାମାଙ୍କ ସହଯୋଗୀ ଭାବେ ସେ ଉପରାଷ୍ଟ୍ରପତି ଭାବେ ପର୍ଯ୍ୟାପ୍ତ ଅଭିଜ୍ଞତାର ଅଧିକାର ସତ, କିନ୍ତୁ ରାଷ୍ଟ୍ରପତି ଭାବେ ତାଙ୍କଠାରୁ କେବଳ ଆମେରିକାବାସୀ ନୁଅନ୍ତି ବିଶ୍ୱାବାସୀ ଢେର୍ ପ୍ରତ୍ୟାଶା ରଖନ୍ତି । ଟ୍ରମ୍ପ ପ୍ରଶାସନର ଭୁଲକୁ ସୁଧାରି ପୁଣି ଥରେ ଦେଶକୁ ବିକାଶ ଦିଗରେ ଆଗେଇବାକୁ ସେ ଏବେଠାରୁ ନିଜର କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ । ସେଥିରେ କରୋନା ମହାମାରୀ ମୁକାବିଲା, ଆମେରିକା ବିପର୍ଯ୍ୟସ୍ତ ଅର୍ଥନୀତିକୁ ସଜାଡ଼ିବା, ଦେଶରେ କର୍ମନିଯୁକ୍ତି ଓ ସାମାଜିକ ନିରାପତ୍ତାର ବ୍ୟାପକ ସୁଯୋଗ ସୃଷ୍ଟି, ପ୍ୟାରିସ ଜଳବାୟୁ ସମ୍ମିଳନୀର ଚୁକ୍ତିନାମାକୁ ଫେରିବା, ଡବ୍ଲୁଏଚଓ ସଂଗଠନର ସଦସ୍ୟତାକୁ ପୁଣି ଆପଣାଇବା, ଭାରତ ଏବଂ ଅନ୍ୟ ୟୁରୋପୀୟ ରାଷ୍ଟ୍ରଙ୍କ ସହ ସଂପର୍କକୁ ଆଗକୁ ଅଧିକ ନିବିଡ଼ କରିବା, ଚୀନ, ରୁଷିଆ, ଇରାନ ଭଳି ରାଷ୍ଟ୍ରଙ୍କ ପ୍ରତି ଆମେରିକାର ଭବିଷ୍ୟତ ଆଭିମୁଖ୍ୟ କ'ଣ ହେବା ଉଚିତ ତାହା ସ୍ୱଷ୍ଟ କରିବା, ଆଫଗାନିସ୍ତାନରୁ ମାର୍କିନ ସେନାଙ୍କ ଅପସାରଣ ନେଇ ଦେଶବାସୀଙ୍କ ଦାବିକୁ ପୂରଣ କରିବା ଓ ସର୍ବୋପରି ଆନ୍ତର୍ଜାତିକ ସ୍ତରରେ ଆମେରିକାର ସୁପର ପାୱାର ମର୍ଯ୍ୟାଦାକୁ କାଏମ ରଖିବା । ଏଭଳି କାର୍ଯ୍ୟର ଫର୍ଦ୍ଦ ଯେତିକି ଲମ୍ବା, ତାହାକୁ ସାକାର କରିବା ସେତିକି ଜଟିଳ । ଆଶା କରିବା ସମୀଚୀନ ହେବ ଜଣେ ଅଭିଜ୍ଞ ରାଷ୍ଟ୍ରନୀତିଜ୍ଞ ଭାବେ ଜୋ ବାଇଡେନ-କମଳା ହାରିସ୍ ଯୋଡ଼ି ଆମେରିକାବାସୀଙ୍କ ପ୍ରତ୍ୟାଶାକୁ ସାକାର କରିବାକୁ ସକ୍ଷମ ହୋଇପାରିବେ ।

## କବିତା କୋଣାର୍କ



### ଜହ୍ନ ପାଇଁ ମନ...

ଡଃ ମାଙ୍ଗଳିକା ମହାପାତ୍ର

ଜହ୍ନ...ଆଜି କାହିଁ ଲାଗ ତୁମେ
ଭାରି ଚିହ୍ନା ଚିହ୍ନା...
ବୋଧେ କେବେ ବି ନଥିଲ
ତୁମେ ମୋ ଲାଗି ଅଜଣା
ହେଲେ ଅମାବାସ୍ୟାର ଯେ
ତୁମକୁ ଖୋଜିବାକୁ ମନା
ତୁମ ପ୍ରତିବିମ୍ବରେ ଭରିଛି ମୋ
ଆଖିର ଆଇନା...
ତୁମ ଲାଗି ଝୁରୁଛି ଯେ ମୋ
ମନ ମଇନା...
କେବେ ପାରିବକି କରି ମନା
ମୋ ଲାଗି ତୁମ ମନରେ
ଥିବା ଭାବନା...
ଶୀତଳତା ତୁମ ଯେ ଚାହେଁ
ଆଗୋ ଚନ୍ଦ୍ରମା..
ଜୋଛନାର ଦିୱାନା ତୁମ
ସାରା ଦୁନିଆ...
ସବୁରି ଆଢୁଆଳେ ତ ଚାଲେ
ଆମ ମନ ଦିଆ ନିଆ...
ତୁମ ସରଳତାରେ ବସେଇଛି
ମୋ ଦୁନିଆ..
ସେ ଅମାବାସ୍ୟା ହେଉ କି ପୁନେଇଁ
କରେ ମତେ ଅମାନିଆ...

+ ପ୍ଲଟ ନଂ..୩୫୩, ପ୍ରଶାନ୍ତି ବିହାର, କୀଟ

## ଦୃଷ୍ଟିକୋଣ

ପଙ୍କଜ କୁମାର ପାଣିଗ୍ରାହୀ

(ପୂର୍ବପ୍ରକାଶିତ ଉତ୍ତାରୁ...)

ଦ୍ୱିତୀୟ ଉଦାହରଣକୁ ପ୍ରଥମ ସହ ଯୋଡ଼ିଦେଇ ତର୍ଜମା କରାଗଲେ ଦେଖାଯିବ- ମଣିଷର ଭାବବିନିମୟ ଏବଂ ଜ୍ଞାନର ଆଦାନପ୍ରଦାନ ବିଶେଷଜ୍ଞଙ୍କ ଲେଖନୀ ମାଧ୍ୟମରେ ସମ୍ଭବ ହୋଇଥାଏ ଯେହେତୁ ଆମ ସମାଜ ଆଶାତୀତ ବ୍ୟାପ୍ତ ! ବିଭିନ୍ନ ପରିସ୍ଥିତି, ଅବସ୍ଥିତି ତଥା ପ୍ରାକୃତିକ ଶକ୍ତି ଗୁଡିକର କେତେକ ନର୍ଦ୍ଦିଷ୍ଟ ସନ୍ଧି ମଧରେ କେତେବେଳେ କେଉଁ ଉତ୍ସରୁଯେ ବିଭିନ୍ନ ଜ୍ଞାନୀ ଗୁଣି ମଣିଷ କେତେକ ଜନ୍ମ ହୋଇଥା'ନ୍ତି ତାହା ସମସ୍ତଙ୍କ ପାଖରେ ଦେଖିବାକୁ ମିଳେନାହିଁ ! ଅର୍ଥାତ ବିଜ୍ଞ ଲୋକଙ୍କ ଉତ୍ପତ୍ତି ଅତୀବ ବିରଳ ହୋଇଥାଏ ମଣିଷ ସମାଜରେ, ଯେମିତି କେତେକ ବିରଳ ପାର୍ଥିବ କିମ୍ବା ବୃକ୍ଷ, ଲତାଙ୍କ ଉପସ୍ଥିତି ଆମେ ଦେଖୁଛେ ! ସେହି ବିଜ୍ଞ ମଣିଷ ଗୁଡିକ କୌଣସି ପରିସ୍ଥିତି, ପରିବେଶରେ ବିଭିନ୍ନ ଉପଦେଶ, ମତବ୍ୟକ୍ତ କରିଥା'ନ୍ତି ନିଜ ଲେଖା ମାଧ୍ୟମରେ ଯାହା, ତାହା ପରବର୍ତ୍ତୀ ସମୟରେ ଅନ୍ୟମାନଙ୍କ ଦ୍ୱାରା ଉପଯୁକ୍ତ ଆକଳନ କରାଯାଇ ନପାରି ଅନେକ ଭ୍ରମାତ୍ମକ ପୁନର୍ବିଚାର ସମାଜରେ ଖେଳାଇଯାଇ ଅନେକ ଦ୍ୱନ୍ଦ ସୃଷ୍ଟି କରିବାରେ ସମ୍ପୃକ୍ତ ମୂଳ ଲେଖକଙ୍କ ଭାବଧାରାକୁ ବୁଝିବା ସାମର୍ଥ୍ୟ ବିହୀନ ମଣିଷ ଅନେକ ସମୟରେ ସେମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବା ଦେଖିବାକୁ ମିଳେ । ଏହାର ଯଥେଷ୍ଟ ଉଦାହରଣ ଉପରୋକ୍ତ ଉଦାହରଣଟିକୁ ସମ୍ପୂର୍ଣ୍ଣଭାବେ ସାମସ୍ୟ ରଖୁଅଛି ଯାହା ତର୍ଜମା କଲେ ଜାଣିହେବ ।

ଲେଖା ଏବଂ ଲେଖକଙ୍କ ସ୍ୱରୂପ ଅନେକ । ବିଭିନ୍ନ ଲେଖା ଗୁଡିକୁ ଭିନ୍ନ ଭିନ୍ନ ସ୍ତରରେ ମାନ୍ୟତା ଦିଆଯାଇଥାଏ ଯାହା ଗୋଟେ ଅନ୍ୟଠାରୁ ଭିନ୍ନ ରାସ୍ତାରେ ଗତି କରିଥାଏ । ଯଥା ପ୍ରବନ୍ଧ, କବିତା, ଗଳ୍ପ, ରଚନା, ସାହିତ୍ୟ, ଶାସ୍ତ୍ର ଏବଂ ଦର୍ଶନ ଇତ୍ୟାଦି ଭିନ୍ନ ଭିନ୍ନ ପରିସର ଭୁକ୍ତ ଲେଖା ଯାହା ଗୋଟିଏ ଅନ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଅର୍ଥାତ କୌଣସି ଗୋଟିଏ ଦିଗରେ ପାରଦର୍ଶିତା ଥିବା ଲେଖକଟିଏ ଏହି ସମସ୍ତ ଲେଖା ଗୁଡିକର ଭାବଧାରାକୁ ବୁଝିପାରିବା ନିଶ୍ଚିତତା ନଥାଏ । ତେଣୁ ଅନେକ ସମୟରେ ଗୋଟିଏ ବିଷୟ ଉପରେ ପାରଦର୍ଶିତା ଥାଇ ଅନ୍ୟ ଏକ ବିଷୟକୁ ବାହାଦୁରି ପ୍ରଦର୍ଶନ କରି ପ୍ରକାଶ କରୁଥିବା ଲେଖନୀରୁ ଅମିମାଂସିତ ବିପରୀତମୁଖୀ ଭାବାବେଗ ଉତ୍ପନ୍ନ ହୋଇ ସାଧାରଣ ଲୋକଙ୍କୁ ବିଚଳିତ କରିବା ଭଳି ଆଲେଖ୍ୟ ଗୁଡିଏ ପ୍ରକାଶ କରାଯିବା ହେତୁ ସମାଜରେ ବହୁତ ବାଦ ବିବାଦ ସୃଷ୍ଟି ହେଉଥିବା ଏକ ଜଟିଳ ସମସ୍ୟା ଆଜି ଦିନରେ ଦେଖିବାକୁ ମିଳୁଛି ! କିଛି ଶିକ୍ଷା ସହିତ ସ୍ୱଳ୍ପ ଜ୍ଞାନ ଆହରଣ କରିପାରିବାରେ ସମର୍ଥ ମଣିଷ ନିଜକୁ ଅତୀବ ଦୁର୍ଲ୍ଲଭ ବୋଲି ପ୍ରକାଶ ପୂର୍ବକ ନିଜ ଅହଂରେ ସମସ୍ତ ବିଷୟକୁ ଅକ୍ତିଆର କରିପାରିବା ଭଳି ଅନୁଭୂତି କରି ନିଜସ୍ୱ ଦୃଷ୍ଟିକୋଣରୁ ଅନେକ ଅବାନ୍ତର ଲେଖା ତଥା ମତାମତ ପ୍ରକାଶ କରନ୍ତେ ସେଗୁଡିକ ସାଧାରଣ ଲୋକଙ୍କ ମତିକୁ ବିଚଳିତ କରି ବିପରୀତମୁଖୀ କରିବାରେ ଯଥେଷ୍ଟ ସହାୟକ ହେଉଥିବା ହେତୁ ଦିନକୁ ଦିନ ସାଧାରଣ ଲୋକଙ୍କ ଜିବନଧାରା କ୍ଷୀଣ ହେବାରେ ଲାଗିଥିବା ଦେଖିବାକୁ ମିଳୁଛି ! ସାଧାରଣ ଅଜ୍ଞାନ, ନିର୍ବୋଧ ମଣିଷ ସେହି ଲେଖା ଗୁଡିକୁ ଉପଯୁକ୍ତ ତର୍ଜମା କରିବାରେ ଅସାମର୍ଥ୍ୟ ହେତୁ ଅଚିରେ ଗ୍ରହଣ କରି ନିଜର ସ୍ଥିତି ସଂକୁଚିତ କରୁଥିବା ମଧ ବୁଝିପାରୁନାହାନ୍ତି ! ତେଣୁ ସମାଜର ସ୍ଥିତି ଆଜି ଏତେ ଗମ୍ଭୀର ହୋଇଛିଯେ ଏହାର ପୁନଃ ପରିବର୍ତ୍ତନ କରାଯାଇ ସର୍ବସାଧାରଣଙ୍କ ଦୃଷ୍ଟିକୋଣକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରାଯିବ କେମିତି ପ୍ରଶ୍ନବାଚୀ ସୃଷ୍ଟି କରୁଛି ମନରେ ! ଅର୍ଥାତ ଆମ ଦେଶରେ ବିଭିନ୍ନ ଲେଖା ତଥା ପ୍ରକାଶିତ ପୁସ୍ତକ ଗୁଡିକୁ ନିୟନ୍ତ୍ରଣ ରେଖା ମଧରେ ରଖି କିଛି ନିର୍ଦ୍ଦିଷ୍ଟ ଆଇନ ଅନୁଯାଇ ସଂସ୍କରଣ କରିବା ଲକ୍ଷ ରଖି ବିତଣ୍ଡା ପୁସ୍ତକ ଗୁଡିକୁ ସଂକୁଚିତ କରାନଗଲେ ଆସନ୍ତା ଭବିଷ୍ୟତରେ ସାଧାରଣ ଲୋକଙ୍କ ଅଜ୍ଞାନତାର ପରିସୀମା ଧାର୍ଯ୍ୟ କରିବା କାଠିକର ପାଠ ହୋଇପଡିବ ! ଅଧିକନ୍ତୁ ସାଧାରଣ ଲୋକଙ୍କ ଦୃଷ୍ଟିକୋଣ ନବଦଳିଲେ ଭବିଷ୍ୟତରେ କେବଳ ମଣିଷ ଶରୀରରେ ଫମ୍ପା (ଅର୍ଥାତ ଜ୍ଞାନ ଶୂନ୍ୟ) ମସ୍ତିଷ୍କ ଜଡିତ ମଣିଷ ଗୁଡିଏ ସୃଷ୍ଟି ହୋଇ ଅମାନବୀୟ ଚିନ୍ତାଧାରା, ଅନୁଭୂତି ଗୁଡିକୁ ଗ୍ରହଣ କରି ଏକ ଅପ୍ରୀତିକର ପରିବେଶରେ ଜୀବନ ଯାପାନ କରିବା ଛଡା ଅନ୍ୟକିଛି ହୋଇନପାରେ ବୋଲି ଆମର ଅନୁମାନରେ ଆପଣଙ୍କ ମତାମତ ଦେଇ କିଛି ଦ୍ୱିଧା ଥିଲେ ଦୂର କରିବାରେ ଆମର ସହଯୋଗ ରହିବ ନିଶ୍ଚୟ ।

(ସମାପ୍ତ)

ଧନ୍ୟବାଦ

+ ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ.
ଦୂରଭାଷ.: ୯୪୩୭୩୨୪୯୧୭.

## ବଢୁଛି ଖାଦ୍ୟ ଓ ପୋଷଣ ସମସ୍ୟା

ଗୋପାଳ ମହାପାତ୍ର



ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ରିପୋର୍ଟରେ ଗତବର୍ଷ ଆମେ ୧୦୨ ନମ୍ବରରେ ଥିଲେ ଓ ଏହା ପୁଣି ନାଇଜର ଏବଂ ସିଏରା-ଲିଓନ ଦେଶ ମଝିରେ। ଏବର୍ଷ ଆମେ ଅଛେ ୯୪ ସ୍ଥାନରେ ଆଙ୍ଗୋଲୋ ଏବଂ ସୁଡାନ ଦେଶ ମଝିରେ। ଗତବର୍ଷର ରିପୋର୍ଟରେ ୧୧୭ଟି ଦେଶ ବାବଦରେ ତଥ୍ୟ ପ୍ରଦାନ କରାଯାଇଥିବାବେଳେ ଏବର୍ଷ ୧୦୭ଟି ଦେଶ ବାବଦରେ ତଥ୍ୟ ପ୍ରଦାନ କରାଯାଇଛି। ଗତବର୍ଷ ଆମର (ଦେଶର) 'ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ଭାଲ୍ୟୁ' ୩୦.୩ ଥିଲା । କିନ୍ତୁ ଏବର୍ଷ ମଧ ୨୭.୨ ରହିଛି। ଗତବର୍ଷ ଆମେ ସିରିୟସ କ୍ୟାଟୋଗୋରିରେ ଥିଲେ ଏବର୍ଷ ସେହି କ୍ୟାଟୋଗୋରିରେ ଅଛେ। ଏବର୍ଷ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ବା ଯେଉଁ ତଥ୍ୟ ପ୍ରକାଶ କରାଯାଇଛି ତାହା ୨୦୨୦ବର୍ଷର ନୁହେଁ। ଆମେ ଏକଥା ମଧ କହିପାରିବା ଯେ, କରୋନାର ପ୍ରଭାବ ପ୍ରସଙ୍ଗରେ ରିପୋର୍ଟରେ କିଛି ଉଲ୍ଲେଖ କରାଯାଇନାହିଁ ଏବଂ ଯଦି କରୋନା ପ୍ରସଙ୍ଗରେ ବିଶ୍ଳେଷଣ କରାଯାଇଥା'। ତେବେ ହୁଏତ ଆମ ସ୍ଥାନ ଆହୁରି ତଳକୁ ଖସିଆସିଥାନ୍ତା ନହେଲେ ଆମ ସ୍ଥାନ ଉପରେ ରହିଥାନ୍ତା। କଥା ହେଉଛି ଯେ, 'ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ରିପୋର୍ଟ' ଜର୍ମାନୀର ପ୍ରତିଷ୍ଠିତ ବେସରକାରୀ ସଂସ୍ଥା ବେଲତୁଗେରାହିଲଫେ ଏବଂ 'କନସର୍ଣ୍ଣ ୱାର୍ଲ୍ଡୱାଇଡ୍'ର ସମ୍ମିଳିତ ପ୍ରୟାସରେ ପ୍ରସ୍ତୁତ କରାଯାଇଥାଏ। ଏହି ସଂସ୍ଥା ୨୦୦୦ ମସିହା ଠାରୁ କ୍ଷୁଧା ଏବଂ ପୋଷଣ ପ୍ରସଙ୍ଗରେ ଜାତିସଂଘ ଏବଂ ଏଥିସହିତ ଜଡ଼ିତ ଅନେକ ଆନ୍ତର୍ଜାତିକ ଏଜେନ୍ସି ଦ୍ୱାରା ପ୍ରତିବର୍ଷ ପ୍ରଦାନ କରାଯାଉଥିବା ତଥ୍ୟକୁ ଆଧାର କରି ରିପୋର୍ଟ ପ୍ରସ୍ତୁତ କରିଥାଏ । 'ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ' ଏକ ଏଭଳି ସୂଚକାଙ୍କ ଯାହା ଖାଦ୍ୟ ଏବଂ ପୋଷଣ ସୁରକ୍ଷାର ତତ୍କାଳିକ ମାନଦଣ୍ଡ ଏବଂ ଏହାର ଦୂରଗାମୀ ପ୍ରଭାବ ଉଭୟ ସମ୍ପର୍କରେ ସ୍ୱଷ୍ଟଚିତ୍ର ପ୍ରଦାନ କରିଥାଏ। ଏହି ରିପୋର୍ଟ ଆମକୁ ପ୍ରତିବର୍ଷରେ ତଥ୍ୟ ପ୍ରଦାନ କରିଥାଏ। ରିପୋର୍ଟରୁ ପୂର୍ବବର୍ଷ ଓ ଚଳିତବର୍ଷ ମଧ୍ୟରେ ଥିବା ଫରକ୍ ଆମକୁ ଜଣାପଡିଯାଏ।

୨୦୦୦ ମସିହା ଠାରୁ ବେଲତୁଗେରାହିଲଫେ ଓ କନସର୍ଣ୍ଣ ୱାର୍ଲ୍ଡ ୱାଇଡ୍ ଯେଉଁ ରିପୋର୍ଟ ପ୍ରସ୍ତୁତ କରିବା ସହ ପ୍ରକାଶ କରି ଆସୁଛି ତାକୁ ସମୀକ୍ଷା କଲେ ସ୍ୱଷ୍ଟ ଯେ ଆଙ୍ଗୋଲା ଭଳି ଦେଶ ୨୦୦୦ରୁ ୨୦୨୦ ମଧ୍ୟରେ ସେ ଦେଶର ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ଭାଲ୍ୟୁକୁ ୬୪.୯ରୁ ୨୬.୮ପର୍ଯ୍ୟନ୍ତ ନେଇ ଆସିବାରେ ସକ୍ଷମ ହୋଇଛି। ଅନ୍ୟପକ୍ଷରେ ଆମେ (ଆମଦେଶ) ସେହି ୨୦ବର୍ଷର ଅବଧି ମଧ୍ୟରେ ଏହି ହାରକୁ ୩୮.୯ରୁ ୨୭.୨ରେ ପହଞ୍ଚାଇ ପାରିଛେ। ରିପୋର୍ଟରୁ ଭାରତରେ କ୍ଷୁଧା ଏବଂ କୁପୋଷଣ ପ୍ରସଙ୍ଗରେ ଯାହା ତଥ୍ୟ ମିଳୁଛି ତାହା ହେଉଛି ଦେଶରୁ କ୍ଷୁଧା ଏବଂ କୁପୋଷଣ ଭଳି ସମସ୍ୟାର ସମାଧାନ ପାଇଁ ସରକାରୀ ସ୍ତରରେ ଯେଉଁ ପଦକ୍ଷେପ ନିଆଯାଇଛି ତାହା ପର୍ଯ୍ୟାପ୍ତ ନୁହେଁ। ରିପୋର୍ଟରେ ଯେଉଁ ଗ୍ରାଫିକ୍ ପ୍ରଦାନ କରାଯାଇଛି ସେଥିରୁ ଜଣାପଡୁଛି ଯେ, ୨୦ବର୍ଷ ମଧ୍ୟରେ ଏ ପ୍ରସଙ୍ଗରେ ଯେତେସବୁ ଯୋଜନା କରାଯାଇଛି। ତାହା ସଫଳ ହୋଇପାରିନାହିଁ ଅଥବା ଆନ୍ତରିକତାର ଅଭାବରୁ ଯୋଜନା ସବୁ ଫେଲ୍ ମାରିଛି। କ୍ଷୁକ୍ଷା ଓ ପୋଷଣ ସମସ୍ୟା ଅଧିକ ଥିବା ଦେଶଗୁଡ଼ିକ ହେଉଛି ରଡ, ମାଡାଗାସ୍କର, ହାଇତି, ଲେସୋଥୋ, କଙ୍ଗୋ, ଉତ୍ତର-କୋରିଆ ଏବଂ ନାଇଜେରିଆ ପ୍ରଭୃତି । ଆମେ ବା ଭାରତ ଏସବୁ ଦେଶମାନଙ୍କ ସହ ରହିଛି। ଏସବୁ ଦେଶର 'ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ଭାଲ୍ୟୁ' ୨୦ବର୍ଷ ମଧ୍ୟରେ ୫ରୁ ୧୦ପ୍ରତିଶତ କମିଛି ଏବଂ ଏସବୁ ଦେଶକୁ ରିପୋର୍ଟରେ ସିରିୟସ ଏବଂ ଆଲାରମିଙ୍ଗ୍ ଶ୍ରେଣୀରେ ସ୍ଥାନିତ କରାଯାଇଛି। ସବୁଠାରୁ ଅଧିକ ଦୁଃଖଦାୟକ କଥା ହେଉଛି ଗ୍ରାଫିକ୍ସରେ ଆମ ଦେଶ ପାଖରେ ଯିଏ ଅଛି ସେ ଦେଶ ହେଉଛି ଉତ୍ତରକୋରିଆ। ଆମ ପଡ଼ୋଶୀ ଦେଶ ନେପାଳ, ଭୁଟାନ, ବଙ୍ଗଳାଦେଶ ଏବଂ ପାକିସ୍ଥାନ କ୍ଷୁଧା ଏବଂ କୁପୋଷଣ ମାମଲାରେ ଆମ ଠାରୁ ଭଲ ପ୍ରଦର୍ଶନ କରିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ରିପୋର୍ଟରେ ଏକଥା ସ୍ୱଷ୍ଟ ଭାବରେ ଉଲ୍ଲେଖ ରହିଛି ଯେ, ଆମ ଦେଶ ଭାରତ ଭିତରେ ଆଉ ଏକ ଭାରତ ରହିଛି ଯେଉଁଠି ରୁଆଣ୍ଡ ଓ ରଡ଼ ଭଳି ଦେଶରେ ଥିବା କ୍ଷୁଧା କୁପୋଷଣ ଭଳି ସମସ୍ୟା ରହିଛି। ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ରିପୋର୍ଟରେ ଭୋଜନ (ଖାଦ୍ୟ) ବ୍ୟବସ୍ଥାକୁ ନେଇ ଅନେକ ପ୍ରଶ୍ନ ଉଠିଛି ଓ ଆଶଙ୍କା ପ୍ରକାଶ ପାଇଛି । ଭାରତର କେତେକ ଅଞ୍ଚଳ 'ଷ୍ଟେଟିଙ୍ଗ୍' (ଉଚତା ଏବଂ ବୟସ ଅନୁପାତ) ପ୍ରସଙ୍ଗରେ ରାଷ୍ଟ୍ରୀୟ ସ୍ତର ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ରିପୋର୍ଟରେ ସ୍ୱଷ୍ଟ ଭାବରେ କୁହାଯାଇଛି ଯେ, ସ୍ୱାସ୍ଥ୍ୟ, ପୋଷଣ, ଭୋଜନ ପାଇଁ ଅଧିକ ତତ୍ପରତା ଆବଶ୍ୟକ। ପରିବେଶ, ବଜାର, ସାମାଜିକ ସୁରକ୍ଷା ଏବଂ ସାମୁଦାୟିକ ଭାଗିଦାରୀ ଆଦିକୁ ସମସ୍ତଙ୍କ ପାଇଁ ଭୋଜନ (ଖାଦ୍ୟ) ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି ଗ୍ରହଣ କରାଯାଇଥାଏ। ପ୍ରାକୃତିକ ସଂସାଧନର ଦୁରୂପଯୋଗ, ପ୍ରଦୂଷଣ, ବ୍ୟବସାୟୀଙ୍କ ଅଧିକ ଲାଭ କରିବାର ଇଚ୍ଛା ଭଳି ଘଟଣା ଆମ ଦେଶର ସମସ୍ତଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥାକୁ ସୁଚାରୁ ରୂପେ ଚଳାଇବା ବାଟରେ ପ୍ରତିବନ୍ଧକ ସାଜିଛି। ଗତବର୍ଷର 'ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ରିପୋର୍ଟ'ରେ ବଦଳୁଥିବା ଭୁ-ପରିଦୃଶ୍ୟ କାରଣରୁ କ୍ଷୁଧା ବା ଅନାହାରର ସମସ୍ୟା ବଢିବାରେ ଲାଗିଛି ବୋଲି ଉଲ୍ଲେଖ କରାଯାଇଥିଲା। ଏବର୍ଷର ରିପୋର୍ଟରେ ଭୁ-ପରିଦୃଶ୍ୟ, ଜମି, ପାଣି ଉପରେ ଅଧିକାର, ପରିବେଶ ଏବଂ ଲୋକଙ୍କ ମଧ୍ୟରେ ଅସମାନତା କଥା ଅଧିକ ଭାବରେ ଦର୍ଶାଯାଇଛି। ଏହି ରିପୋର୍ଟରେ ଯେଉଁ ସବୁ ଦେଶମାନଙ୍କ ଉପରେ ବିଶ୍ଳେଷଣ କରାଯାଇଛି ସେହି ବିଶ୍ଳେଷଣରୁ ଉପରୋକ୍ତ କଥା ପ୍ରସଙ୍ଗରେ ସ୍ୱଷ୍ଟ ଜଣାପଡ଼େ। କଙ୍ଗୋରେ ଯେଉଁଠି ସେ ଦେଶର ଅଧିକ ଲୋକ ଚାଷ ଉପରେ ନିର୍ଭର କରନ୍ତି ସେଠାକାର ସମସ୍ତ ଘରୋଇ ଉତ୍ପାଦ (ଜିଡିପି) ଖନନ ଉଦ୍ୟୋଗରୁ ଆସିଥାଏ। ଏଣୁ ସରକାର ଖନନ ଉଦ୍ୟୋଗ ଉପରେ ଅଧିକ ଧ୍ୟାନ ଦେଉଥିବାବେଳେ ଖାଦ୍ୟ (ଭୋଜନ) ପ୍ରସଙ୍ଗ ଉପରେ କମ୍ ଧ୍ୟାନ ଦେଇଥାନ୍ତି। ଖନନ କାରଣରୁ ପରିବେଶ, ସ୍ୱାସ୍ଥ୍ୟ ଭଳି ସମସ୍ୟା କଥାକୁ ସେ ଦେଶର ସରକାର ପୁରାପୁରି ଭୁଲିଯାଉଛନ୍ତି। କିନ୍ତୁ ନେପାଳର ସ୍ଥିତି ସମ୍ପୂର୍ଣ୍ଣ ବିପରୀତ। ନେପାଳରେ କୃଷିକ୍ଷେତ୍ର ଏବଂ ଜଙ୍ଗଲ ଅଧିକ। ପର୍ଯ୍ୟଟନ ଉଦ୍ୟୋଗକୁ ଛାଡ଼ିଦେଲେ ନେପାଳରେ ଖଣି ଏବଂ ଅତ୍ୟାଧୁନିକ ଉଦ୍ୟୋଗର ଭୂମିକା ତୁଳନାତ୍ମକ ଭାବରେ କମ୍ ରହିଛି। ପ୍ରଦୂଷଣ ଏବଂ ପରିବେଶ ପରିପ୍ରେକ୍ଷୀରେ ପର୍ଯ୍ୟଟନ ଅଧିକ ସମ୍ବେଦନଶୀଳ ଉଦ୍ୟୋଗ ଅଟେ।

ଏ ଯେଉଁ ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ରିପୋର୍ଟ ପ୍ରକାଶ କରାଯାଇଛି ସେ ବାବଦରେ ଆମ ଦେଶର ସରକାର ଅଧିକ ସମୀକ୍ଷା କରିବା ଆବଶ୍ୟକ। ଅନାହାର ବା କ୍ଷୁଧା ପ୍ରସଙ୍ଗରେ ୨୦୦୦ ଠାରୁ ଏଯାବତ୍ ଯେଉଁ ଦେଶମାନଙ୍କରେ କୌଣସି ପରିବର୍ତ୍ତନ ଦେଖାଯାଇନାହିଁ ସେ ସବୁ ଦେଶରେ ଖନନ (ଖଣି ଉଦ୍ୟୋଗ)କୁ ଅର୍ଥବ୍ୟବସ୍ଥାର ମୂଳପିଣ୍ଡ ବୋଲି ଧରାଯାଇଥାଏ। ଯେହେତୁ କୃଷିକୁ ଯେଉଁ ସବୁ ଦେଶମାନଙ୍କରେ ଗୁରୁତ୍ୱ ଦିଆଯାଉନାହିଁ ସେ ସବୁ ଦେଶରେ ଖାଦ୍ୟ ଶସ୍ୟର ଅଭାବ ରହିବ ଏଣୁ ଅନାହାର ଅର୍ଦ୍ଧାହାର ସମସ୍ୟା ଦେଖାଯିବ। ଆମ ଦେଶରେ ଏବେ ଲୋକସଂଖ୍ୟା ୧୩୫ କୋଟି ଟପିଲାଣି। ଦେଶରେ ଖାଦ୍ୟ ଶସ୍ୟର ଉତ୍ପାଦନ ମଧ ଅଧିକ ହେଉଛି ବୋଲି ସରକାରୀ ରିପୋର୍ଟରେ କୁହାଯାଇଛି। ଯଦି ସରକାର କହୁଛନ୍ତି ଦେଶରେ ଖାଦ୍ୟଶସ୍ୟର ଅଭାବ ନାହିଁ ତେବେ ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ରିପୋର୍ଟ ଭୁଲ୍ କହୁଛି? ଏସବୁ ତର୍ଜମା କରିବାର ବିଷୟ। କିନ୍ତୁ ସରକାର ଏ ଦିଗରେ ଅଧିକ ପଦକ୍ଷେପ ଗ୍ରହଣ କରନ୍ତୁ ଓ ଯୋଜନାର ରୂପାୟନ ଦିଗରେ ପଦକ୍ଷେପ ନିଅନ୍ତୁ। ଏହା ହୋଇପାରିଲେ ଆଗାମୀ ବର୍ଷର ରିପୋର୍ଟ ଭାରତ ପ୍ରସଙ୍ଗରେ ସକାରାତ୍ମକ ତଥ୍ୟ ପ୍ରକାଶ କରିବ ନିଶ୍ଚୟ।

+ ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

## କବିତା କୋଣାର୍କ

### ହେଜ ଥରେ ମନ ଦେଇ...



ଦିପ୍ତି ମିଶ୍ର

ପ୍ରଶଂସା ରୂପକ ମଧୁର ମଧୁକୁ
କିଏ ବା ଭଲ ନ ପାଏ...
ଶିଶୁକୁ ମାଆର ଅମୃତ ଧାରା
ଯେଉଁ ଭଳି ଲାଗିଥାଏ,
ପ୍ରଶଂସା ସଭିଙ୍କୁ ଆଗେଇବା ଲାଗି
ପ୍ରେରଣା ଯୋଗାଇ ଥାଏ,
ମନରେ ଆଶାର ସଞ୍ଚାର କରାଇ
କର୍ମାଭିମୁଖି କରାଏ ।

କିନ୍ତୁ ଅଛି ଗୋଟେ ଜନ୍ମ ଗତ ବ୍ୟାଧି
ନାମ ତା ଆତ୍ମ ପ୍ରଶଂସା...
ନିଜେ କରିତ୍ କର୍ମା ନିଜ ମୁଖେ କହି
ହୋଇ ଥାନ୍ତି ଲୋକ ହସା,
ଅନ୍ୟ ର ପ୍ରଶଂସା କହିବା ଶୁଣିବା
ବଡ଼ କଷ୍ଟ ତାଙ୍କ ପାଇଁ...
ଜଗତେ କେବଳ ନିଜେ ବଡ଼ ବୋଲି
ନିଜ ମୁଖେ ଗାଉ ଥାଇ ।

ସେ ନ କରିଥିଲେ କିଛି କାମ କେବେ
ହୋଇ ତ ପାରି ନ ଥାନ୍ତା...
କହୁଥାଏ ସଦା ସଭିଙ୍କ ପାଖରେ
ଭୁଲି ଯାଏ ଅନ୍ୟ ଚିନ୍ତା,
ନିନ୍ଦା ପ୍ରଶଂସା ର ଉର୍ଦ୍ଧ୍ୱରେ ରହି
ଯିଏ କାମ କରିଯାଏ...
ସେ ହିଁ ନିଶ୍ଚୟ ସଫଳତା ଶିଢ଼ି
ଚଢ଼ି ଚଢ଼ି ଚାଲିଥାଏ ।

ଅନ୍ୟର ପ୍ରଶଂସା କରି ଶିଖିବାଟା
ଗୋଟେ ବଡ଼ ଭଲ ଗୁଣ...
ପରୋକ୍ଷରେ ଏହା ଅଗ୍ରଗତି ପାଇଁ
ନିଶ୍ଚୟ ବଡ଼ କାରଣ,
କଙ୍କଡ଼ାର ନୀତି ଛାଡ଼ି ଯଦି ସର୍ବେ
ପିମ୍ପୁଡ଼ି ନୀତି ଧରିବା...
ଏକତା ବଳରେ ଜଗତକୁ ଦିନେ
ନିଶ୍ଚୟ ଜିତି ପାରିବା ।

ନିଜକୁ କେବେ ବି ଅନ୍ୟ କାହା ସଙ୍ଗେ
ତୁଳନା ଯେ କରେ ନାହିଁ...
ପ୍ରତ୍ୟେକ ସ୍ୱତନ୍ତ୍ର ନିଜ ନିଜ ସ୍ଥାନେ
ଭାବି କର୍ମ କରୁ ଥାଇ,
ସବୁ କର୍ମ ଅଟେ ଭଗବତ କର୍ମ
ପ୍ରଭୁଙ୍କ ପାଇଁ ଜୀବନ,
ଏକଥା ହୃଦରୁ ପାଶୋରି ନ ଦେଇ
ସ୍ମରୁଥାଏ ତାଙ୍କ ନାମ ।

ସେ ହିଁ ଜଗତେ ନାମ ରଖିଯାଏ
ଅସଲ ଲୋକ ଯେ ସେହି...
ଇତିହାସ କହେ ସେମାନଙ୍କ କଥା
ହେଜ ଥରେ ମନ ଦେଇ ।

+ ମୟୂରଭଞ୍ଜ, ବାରିପଦା

### ଅବ୍ୟକ୍ତ ବେଦନା...

ସୁଧାକର ରାଉତ

ଦିନ ବିତିଯାଏ ବିତିଯାଏ ରାତି
ବିତେ ନାହିଁ ମୋ ସପନ
ତୁମ ପ୍ରତୀକ୍ଷାର ଅନ୍ଧାର ଗୋହିରେ
ହଜିଯାଇଛି ମୋ ମନ ।

ହୃଦ ଅଗଣାରେ ଫୁଲର ସମ୍ଭାରେ
ଚାହିଁ ତୁମ ଆଗମନୀ
ଜୀବନେ ବସନ୍ତ କଡ଼ ଲେଉଟଟାଇ
ହୁଏ ନିଦାଘରେ ତନୀ ।

ସ୍ମୃତି ତୁମ ଘାରେ ତୁହାଇ ତୁହାଇ
କାହିଁକି କେଜାଣି କୁହ
ଅମାନିଆ ମନ କିଛିତ ବୁଝେନା
ଜାଣିଛି ଗଡ଼ାଇ ଲୁହ ।

ମୋ ପ୍ରେମ ବନରେ ବିରହ ଦାବାଗ୍ନି
ହୁତୁ ହୁତୁ ହୋଇ ଜଳେ
ଦର୍ଶନ ବାରିରେ ନିର୍ବାପିତ ହେବ
ବୋଲି ମନେ ମନେ ଭାଳେ ।

ଜୀବନ ସପନ ନକରି ପୂରଣ
ଯଦି ଯାଏ ସରି ବାଟ
ଭାବିବନି ମନେ କିପରି ଏ ଦିନେ
କରିଲି ଏତେ କପଟ ।

+ ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨

ମାୟାଧର ନାୟକ


# ଗଣଆନ୍ଦୋଳନର ମାର୍ଗଦର୍ଶନ

ବର୍ଷବର୍ଷ ଧରି ଅନେକ ଆନ୍ଦୋଳନ ସତ୍ୱେ କାହିଁକି ବିପ୍ଳବର ବ୍ୟର୍ଥତା, କାହିଁକି ଆନ୍ଦୋଳନଗୁଡିକର ମରୀଚିକା ଆଡକୁ ମହାଯାତ୍ରା, କାହିଁକି ଅନ୍ଧାରୀ ଶାସନକୁ ମୁକାବିଲା କରି ହେଉନି ? ଏଇସବୁ ପ୍ରଶ୍ନ ଏବେବି ମନରେ ଖେଳିବୁଲୁଛି ।ଆନ୍ଦୋଳନ ଭିତରୁ ମୋର ଜନ୍ମ । ଛାତ୍ରାବସ୍ଥାରୁ ଆଜିପର୍ଯ୍ୟ' ଅନେକ ଆନ୍ଦୋଳନ କରିଛି ଏବଂ ଅନ୍ୟମାନଙ୍କ ଆନ୍ଦୋଳନରେ ଯୋଗଦେଇଛି । ଗଣଆନ୍ଦୋଳନ ସଂପର୍କରେ ଏକ ତିକ୍ତ ଅଭିଜ୍ଞତା ମଧ୍ୟ ରହିଛି । ଛାତ୍ରଆନ୍ଦୋଳନଠାରୁ ଆରମ୍ଭ କରି ଶ୍ରମିକ, କୃଷକ, କ୍ଷେତମୂଲିଆ, ବିସ୍ଥାପିତ, ଶିକ୍ଷକ, କର୍ମଚାରୀ ବିକ୍ଷୋଭ ସମାବେଶ ଗୁଡିକୁ ଅନୁଧ୍ୟାନ କରିଛି- ତା'ପରେ ସମାଜ, ଦେଶ, ପ୍ରଦେଶ, ପରିବେଶ, ଶେରେ ସାହିତ୍ୟାନ୍ଦୋଳନ ଏବଂ ସର୍ବୋପରି ବିକଳ୍ପ ତତ୍ୱର ସନ୍ଧାନ ଆନ୍ଦୋଳନ ଭିତରେ ଅଛି । ଏବେ ବୁଝୁଛି- ତାଲିମ ପାଇ ନଥିବା ସିପାହୀକୁ ବନ୍ଧୁକ ଧରାଇଦେଲେ- ସେ ନିଜେ ମରିବ କିମ୍ବା ଛତ୍ରଭଙ୍ଗ ଦେବ । ସ୍ୱାର୍ଥପର ଲୋକମାନେ ଆନ୍ଦୋଳନରେ ଯୋଗଦେଲେ ବିଶ୍ୱାସଘାତକ ନହେଲେ ଗୃହଶତ୍ରୁ ହେବେ । ଓଡିଶାରେ ବିଭିନ୍ନ ଦଳ ଓ ସଂଗଠନମାନେ ବିଭିନ୍ନ ସମସ୍ୟାକୁ ନେଇ ପ୍ରତିବର୍ଷ ଆନ୍ଦୋଳନକୁ ଓହ୍ଲାଉଛଁ- ହେଲେ ଦାବୀ ପୂରଣ ହେବା ଦୂରର କଥା, କିଛି ସମୟ କିଛି ଦିନର ହୋ ହାଲ୍ଲା ଭିତରେ ଆନ୍ଦୋଳନରୁ ଓହରି ଆସିଛଁ । ୧୦୦ବର୍ଷ ପୂର୍ବେ ଯଦୁମଣି କହିଥିଲେ- 'ଏମ' ଭୂଇଁ ଚାକୁଣ୍ଡା ବୁଣିଲେ ଉଠଇ ନାହିଁ ।' ବୋଧେ ଓଡିଶାରେ ତଥାକଥିତ ବିପ୍ଳବୀଙ୍କ ଗଛ ଉଧେଇ ପାରୁନି । ସମାଜର ଦୁଃଖବେଦନାକୁ ଆନ୍ଦୋଳନକାରୀମାନେ ଲୋକଙ୍କ ପାଖରେ ପହଂଚେଇ ପାରୁନାହାଁ ନା ନିଜେ ମୂଳ ସମସ୍ୟା ପାଖରେ ପହଂଚିପାରୁନାହାଁ ଏହା ମଧ୍ୟ ବିବେଚନାର ବିଷୟ । ଏତେ ଛୋଟବଡ ଆନ୍ଦୋଳନ- ଅଥଚ ତା'ର ମିଶାଣଫଳ କ'ଣ ?

ମୂଳ କଥା- ଆନ୍ଦୋଳନର ଦିଗ୍‌ଦର୍ଶନ ଯଦି ଭୁଲ ଗୁଳାରେ ଯାଏ, ତା'ହେଲେ ଲକ୍ଷ୍ୟ ହାସଲ ହୁଏନା । ପୁନଶ୍ଚ ଆନ୍ଦୋଳନର ଦିଗ୍‌ଦଶକ୍ମାନେ ଭୁଲ ରାସ୍ତାରେ ଗଲେ ଆନ୍ଦୋଳନ ଫସର ଫାଟିଯାଏ । ଏହା କେବଳ ଓଡିଶାରେ ଘଟୁଛି- ତାହା ନୁହେଁ, ସାରା ଦେଶରେ ଓ ସାରା ବିଶ୍ୱରେ ଏବେ ଆନ୍ଦୋଳନଗୁଡିକ ଦାନା ଧରିପାରୁନି । ପୂର୍ବରୁ ଯେତେ ବିପ୍ଳବ ସଂଘଟିତ ହୋଇଛି- ତାହା ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶରେ ପରିଚାଳିତ ହେଉଥିବାରୁ ସଫଳ ହୋଇଛି ।

ଆମେ ବ୍ରିଟିଶ୍ ସାମ୍ରାଜ୍ୟବାଦ ବିରୋଧରେ ସ୍ୱାଧୀନତା ଆନ୍ଦୋଳନକୁ ଲକ୍ଷ୍ୟ କଲେ ଅନେକ ଶିକ୍ଷା ମଳ୍ପମଳ୍ପବ । ସେତେବେଳେ ସ୍ୱାଧୀନତା ଆନ୍ଦୋଳନର ଜନକ ମହାତ୍ମା ଗାନ୍ଧୀ ଥିଲାବେଳେ ସ୍ୱାଧୀନତାସଂଗ୍ରାମର ଜନକ ଥିଲେ ନେତାଜୀ ସୁଭାଷଚନ୍ଦ୍ର ବୋଷ । ଲକ୍ଷ୍ୟ ଥିଲା ଏକ, କିଂୁ ରାସ୍ତା ଦୁଇଟି । ଧାରା ଦୁଇଟି । ବାପୁଜୀ ଚାହୁଁଥିଲେ ଅହିଂସାପଥରେ, ନେତାଜୀ ଚାହୁଁଥିଲେ ଲଢେଇ ବାଟରେ । ଏଥିପାଇଁ ସ୍ୱାଧୀନତାକାମୀମାନେ ଅଡୁଆ ପରିସ୍ଥିତିରେ ପଡିଯାଉଥିଲେ । କେଉଁପଥରେ ଯିବେ, ଏହାକୁ ନେଇ ମନ ଭିତରେ ଅନେକ ଦ୍ୱନ୍ଦ୍ୱସଂଘାତ ଜାତ ହେଉଥିଲା । ଦୁଇଟି ଗୋଷ୍ଠୀ ମଧ୍ୟ ସୃଷ୍ଟି ହୋଇଯାଇଥିଲା । ଯେହେତୁ ବାପୁଜୀ ସର୍ବମାନ୍ୟ ନେତା ଥିଲେ- ବହୁ ନେତା ଏବଂ ଜନସାଧାରଣ ଗାନ୍ଧୀଙ୍କ ଅହିଂସାନୀତିକୁ ଆପଣେଇନେଇଥିଲେ, ଯାହା ଇଂରେଜମାନଙ୍କୁ ବେଶ୍ ସୁହାଉଥିଲା ।

ନେତାଜୀଙ୍କୁ ବ୍ରିଟିଶ୍‌ମାନଙ୍କର ପ୍ରାଣରେ ଭୟ ଥିଲା । ନେତାଜୀ ବ୍ୟଥା ଓ ବେଦନାରେ କଂଗ୍ରେସ ଦଳ ତ୍ୟାଗ କରି ଆଜାଦ୍‌ହିନ୍ଦ୍ ଫଉଜ ଗଠନ କରି ସ୍ୱାଧୀନତା ପାଇଁ ଯୁଦ୍ଧ ଆରମ୍ଭ କରି ଦେଇଥିଲେ । ବାସ୍ତବରେ ସ୍ୱାଧୀନତା ଆନ୍ଦୋଳନ ଅହିଂସା ରାସ୍ତାରେ ଗଲେ ବି ଇଂରେଜମାନଙ୍କ ପ୍ରଚଣ୍ଡ ଆକ୍ରମଣର ମୁକାବିଲା ପାଇଁ ହିଂସାର ବାଟ ବରଣ କରିବାକୁ ମଧ୍ୟ ଲୋକେ ପଛେଇନଥିଲେ । ଶେଷରେ ମହାତ୍ମା ଗାନ୍ଧୀ ବାଧହୋଇ ୧୯୪୨ ଅଗଷ୍ଟ ୯ରେ ଭାରତଛାଡ ଆନ୍ଦୋଳନର ଡାକରା ଦେଇଥିଲେ । ୫ ବର୍ଷ ଘମାଘୋଟ ବିଦ୍ରୋହ ଅସହଯୋଗ ଫଳରେ ଇଂରେଜ ଶାସକ ପ୍ରମାଦ ଗଣିଲେ । ଶେଷରେ ୭୪ବୁଝାମଣାରେ ୧୯୪୭ ଅଗଷ୍ଟ ୧୫ରେ ଦେଶ ସ୍ୱାଧୀନ ହେଲା । ୭୪ବର୍ଷ ଅତିବାହିତ ହୋଇଗଲାଣି । ଆଜିବି ଜନମାନସରେ ଯନ୍ତ୍ରଣାକାତର ଅଭିଜ୍ଞତା, ମର୍ମବେଦନା, ବିରକ୍ତି, ବିଷାଦ ଓ ହାହାକାରର ଅସତ୍ୟ-ଅର୍ଦ୍ଧସତ୍ୟ ଓ ଅର୍ଥହୀନ ଘଟଣା ଘୂରିବୁଲୁଛି । ଆଜିବି ଆମେ ବିଦେଶୀ ଗୋରା ହାବୁଡରୁ ମୁକୁଳି ଦେଶୀ କଳାଶାସନର ନାଗଫାଶ ବନ୍ଧନରୁ ମୁକ୍ତ ନୋହୁଁ । ଆମ ସ୍ୱାଧୀନତା ବୃଦ୍ଧାବସ୍ଥାରେ । ୭୪ବର୍ଷ ହେଲା ପ୍ରକୃତ ସ୍ୱାଧୀନତାକୁ ଅନେଇ ଅନେଇ ଆଖିରୁ ପାଣି ମଲାଣି । ଯେଉଁମାନେ ବ୍ରିଟିଶ୍ ବିରୋଧରେ ଲଢିଥିଲେ, ଆଜାଦ ହିନ୍ଦ୍ ଫଉଜର ସୈନିକ ଥିଲେ, ସେମାନଙ୍କ ଭିତରୁ ପ୍ରାୟ ନବେଭାଗ ମରିହଜି ଗଲେଣି । ବାକି ଦଶଭାଗଙ୍କ ବୟସ ଅଶି ନବେ ଉପରକୁ । ଏମାନେ ଆଜି କାନ୍ଦୁଛଁ ।

ସ୍ୱାଧୀନତାର ପ୍ରାକ୍ କାଳରେ ଦେଶ ଗଠନ ପାଇଁ ସମସ୍ତେ ଲାଗିଯାଇଥିଲେ । ଆଉ ଦଳେ କ୍ଷମତାରେ ରହି ଲୁଚିଲୁଚି ଧନ ଅର୍ଜିବାରେ ମସ୍ତ ଥିଲେ । ଯେଉଁମାନେ ମସ୍ତ ଥିଲେ ସେମାନେ ଆଜି କୋଟିପତି, ଅର୍ବୁଦପତି । ରାଜକୋଷଲୁଟ ନକଲେ, ଲୋକଙ୍କୁ ନ ଠକିଲେ କେହି କୋଟିପତି କିମ୍ବା ନେତା ମନ୍ତ୍ରୀ ହେବା ସମ୍ଭବ ନୁହେଁ । ୭୫ବର୍ଷ ପରେ ମଧ୍ୟ ସେଇ ରାଜକୋଷ ଲୁଟେରାମାନେ କ୍ଷମତାକୁ ଜାବୁଡି ଧରିଛଁ । ଆଜିବି କୋଟିକୋଟି ଭାରତୀୟ ଦାରିଦ୍ର୍ୟର କଷାଘାତରେ ଜର୍ଜ୍ଜରିତ ।

ସ୍ୱାଧୀନତା ପରେ ପ୍ରାୟ ଅଶିଦଶକ ପର୍ଯ୍ୟ' ଏ ଦେଶରେ ଓ ଏ ରାଜ୍ୟରେ ଅନେକ ଗଣଆନ୍ଦୋଳନ ଚାପରେ ମାଲିକ ଶ୍ରେଣୀ କିଛିକିଛି କରୁଥିଲେ । ଗଣଆନ୍ଦୋଳନରେ ନେତାମାନେ ମଧ୍ୟ କିଛିଟା ସାଧୁ ସଚ୍ଚୋଟ ହେବା ସହିତ ସଂଗ୍ରାମୀ ସଂଗଠନର ଛାମୁଆମାନେ ସଂକଳ୍ପବଦ୍ଧ ସାଧକ ଥିଲେ । ମାଲିକଶ୍ରେଣୀ ଯେଉଁଭଳି ସରକାର ପ୍ରଶାସନକୁ ନିଜ ଅକ୍ତିଆରକୁ ନେଇଥିଲେ-ସେଇଭଳି ବିପ୍ଳବୀ- ଅବିପ୍ଳବୀ ନେତାମାନଙ୍କୁ ପୋଷିବାରେ ଲାଗିଲେ । ଫଳରେ ଗଣ ଆନ୍ଦୋଳନର ନେତାମାନଙ୍କର ନୈତିକ ମେରୁଦଣ୍ଡ ବଙ୍କିଗଲା । ସେମାନେ ଜନଆନ୍ଦୋଳନକୁ ସଠିକ୍ ନେତୃତ୍ୱ ଦେବାରେ ଅପାରଗ ହୋଇପଡିଲେ । କିଂୁ ନିଜର ଆଧିପତ୍ୟ, ସ୍ୱାର୍ଥ, ଅର୍ଥ ପାଇଁ ଲୋକଙ୍କୁ ମିଛ କହି ମତାଇଲେ-ଯାଡେ ଯାହା ବିରୋଧରେ ଆନ୍ଦୋଳନ କରୁଥିଲେ କିମ୍ବା କରୁଛଁ- ରାତ୍ରି ହେଲେ ତା'ଘରେ କିମ୍ବା ହୋଟେଲରେ ରାତ୍ରିଭୋଜନ ପାନୀୟରେ ମସ୍ତ ରହି ଅର୍ଥମୁଣି ଉପହାର ଆଣୁଥିଲେ । ଏବେ ଦେଶର ବିଭିନ୍ନ ସ୍ଥାନରେ ଅହରହ ଲାଗିରହିଥିବା କୌଣସି ନା କୌଣସି ଆନ୍ଦୋଳନକୁ ଦେଖିଲେ ଲଜ୍ଜାରେ ମୁଣ୍ଡ ନଇଁ ଯାଉଛି । ଆନ୍ଦୋଳନର ଦାବୀ ଯଥାର୍ଥ; କିଂୁ ଆନ୍ଦୋଳନକାରୀମାନେ ନକଲି- ନେତା ମଧ୍ୟ ନକଲି । ବ୍ୟାପକ ଟିଭିଚାନେଲ, ସମ୍ବାଦପତ୍ର ହାଉଯାଉ ହେଉଥିବାବେଳେ ସେମାନଙ୍କର ୨୪ ଘଂଟା ଘଟଣା-ଅଘଟଣ ଦେଖାଇବାର ଲେଖିବାର ଅଛି । ଟିଭି ଖୋଲିଲେ ସେଇ ନକଲି ମଣିଷର କଣ୍ଠସ୍ୱର, ଅସ୍ୱାଭାବିକ ଭାବଭଙ୍ଗିମା, ବିଚିତ୍ର ପୋଷାକ ଦେଖିବାକୁ ମିଳେ- ପୁଣି ସକାଳୁ ସମ୍ବାଦପତ୍ର ପୃଷ୍ଠା ଓଲଟାଇଲେ ସେହି ଦେଶଦ୍ରୋହୀ ନକଲି ନେତା-ଚୋରଙ୍କର ଫଟୋ ଭାଷଣରେ ଭର୍ତିହୋଇଯାଇଥାଏ । ଏମାନେ ଗୋଓବଲଙ୍କ ବଡବାପା । ହିଟଲରଙ୍କ ପ୍ରଚାରମନ୍ତ୍ରୀ ଗୋଓବଲଙ୍କ ଥିଓରୀ ହେଲା- ଦଶ ତୁଣ୍ଡରେ ଛେଳି କୁକୁର । ଅର୍ଥାତ୍ ଗୋଟିଏ ମିଥ୍ୟାକୁ ବହୁ ଲୋକଙ୍କ ମୁହଁରେ କୁହାଇଲେ ମିଛଟା ସତ ବୋଲି ଜଣାପଡେ । ଜୟପ୍ରକାଶ ନାରାୟଣଙ୍କ ସଂପୂର୍ଣ୍ଣ କ୍ରା' ଆନ୍ଦୋଳନରେ ବାମ, ଦକ୍ଷିଣ, କେନ୍ଦ୍ର ଦଳମାନେ ସହଯୋଗ କରୁଥିଲେ । ୬ଦଳ ମିଶିଲେ । କ୍ଷମତାକୁ ଆସିଲେ- ପୁଣି ୧୨ ଦଳରେ ବିଭକ୍ତ ହେଲେ । ସରକାର, ଶିଳ୍ପପତିଙ୍କ ଉପରେ ବ୍ୟାପକ ପ୍ରଭାବ ପଡୁନି । ଏମାନେ କେହି ସଠିକ୍ ଗଣଆନ୍ଦୋଳନର ଦିଗ୍‌ଦର୍ଶନ ଦେବାକୁ ସକ୍ଷମ ହୋଇ ପାରୁନାହାଁ କିମ୍ବା ସଠିକ୍ କର୍ମୀ ମିଳୁନାହାଁ । ନେତା ଓ କର୍ମୀମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଏବଂ ସାଂଗଠନିକ ଅ'ର୍ଦ୍ୱନ୍ଦ ବିପ୍ଳବକୁ ବିଫଳ ବିସ୍ଫୋରଣରେ ପରିଣତ କରୁଛି !

ଭାତହାଣ୍ଡିରୁ ଗୋଟିଏ ଚାଉଳ ଚିପିଲେ ଚାଉଳ ସିଝିଲା କି ନାହିଁ ଯେପରି ଜଣାପଡେ ସେଇଭଳି ଏକ ଛୋଟ ଉଦାହରଣ ଦେଉଛି । ଜଣେ ବାମପନ୍ଥୀ ବନ୍ଧୁଙ୍କୁ ସେଦିନ କହିଲି- ଯାହାହେଉ, ଜନଜୀବନ ସମସ୍ୟାନେଇ ଆପଣମାନେ ଚଟାପଟ ରାସ୍ତାକୁ ଓହ୍ଲାଇ ଆସୁଛଁ । ଟିଭି, ଖବରକାଗଜରେ ସଂଗେ ସଂଗେ ସମ୍ବାଦ ପରିବେଷଣ ହେଉଛି । ସେ ସତ କଥା କହିପକାଇଲେ- ଆପଣ ଯେତେ ଚଟାପଟ ଆନ୍ଦୋଳନ ବିକ୍ଷୋଭ ଦେଖୁଛଁ- ସବୁ ଜଣକା ଟିଫିନ୍ ପ୍ୟାକେଟ୍, ଶହେଟଙ୍କା ନଦେଲେ ଲୋକ ମିଳୁ ନାହାଁ । ଏ କଥା ଶୁଣି ପଚାରିଲି- ତା'ହେଲେ ଆନ୍ଦୋଳନକାରୀମାନେ ନକଲି ? ସେ କହିଲେ- ଆମେ ନେତା ଚାରିପାଂଚଜଣ ପାଖ ସାହୀର ଥରେ ଦି'ଥର ଲୋକଙ୍କୁ ଡାକିଲୁ- ଆସିଲେ; କିଂୁ ୩ୟ ଥରକୁ କହିଲେ- ତୁମେ ନେତା ହେବ, ତୁମ ପତିଆରା ବଢିବ, ଚାନ୍ଦା ଆଦାୟ କରିବ । ଆମେ କାହିଁକି ମାହାଳିଆ ଯିବୁ ? ଦି, ତିନିଘଂଟା ପାଇଁ ଶହେଟଙ୍କା ନେବୁ, ଟିଫିନ୍ ପ୍ୟାକେଟ୍ ନେବୁ । ଆମେ ବାଧ ହେଲୁ- ନହେଲେ ଦଳ ଅଛି ବୋଲି କେହି ଜାଣିବେ ନାହିଁ ।

ଏ ହେଲା ଗୋଟିଏ ଘଟଣା । ଆଉ ଏକ ଘଟଣା ରାଜଧାନୀରେ ଅହରହ ଘଟୁଚି । ଯେଉଁମାନେ ୟୁନିୟନ କିମ୍ବା ସଂଘ ଗଢିଛଁ- ତାଙ୍କ ଗରଜରେ ଆସି ଆନ୍ଦୋଳନ କରୁଛଁ କିଂୁ ଯେତେ ନେତା ବହୁତ ଲୋକଙ୍କୁ ସଭାରେ ରୁଣ୍ଡ କରି ମୁଣ୍ଡମାଳ ଦେଖାଇବାକୁ ଚାହୁଁଛଁ- ସେମାନେ ଦଲାଲର ଆଶ୍ରା ନେଉଛଁ । ଜଣକା ଦୁଇଶହ ଟଙ୍କାରେ ଯାହାର ଯେତେ ଲୋକ ଦରକାର- ହଜାରେ ହେଉ କି ଦଶହଜାର ହେଉ- ମିଳିଯିବେ । ସେହି ଏକାଲୋକ ଯିଏ ଡାକିବ- ମଜୁରୀ ନେଇ ସେଇ ସଂଗଠନ ପତାକା, ଫେଷ୍ଟୁନ ଧରି ଚଢା ଗଳାରେ ସ୍ଲୋଗାନ୍ ଦେବେ । ଏଭଳି ଅବସ୍ଥା କେବଳ ଓଡିଶାରେ ନୁହେଁ- ସାରା ଦେଶରେ ଚାଲିଛି । ମନେରଖଂୁ- ମେଡିଆ କୌଣସି ଦିନ ଜନଗଛ ବାସ୍ତବ ସମସ୍ୟା ଭିତରେ ପଶେନା । ସାଧାରଣଲୋକଙ୍କ ତ୍ୟାଗ, ଲଢେଇ କଥା କୁହେନା । କାରଣ- ମେଡିଆ ହାଉସ କୌଣସି ନା କୌଣସି ଥିଲାବାଲାଙ୍କ କଂଟ୍ରୋଲରେ । ସେମାନଙ୍କ ଲୋଭ ଲାଭ ପାଖରେ । ସେମାନେ ସମାଜକୁ ବଦଳାଇଲେ ସିଂହଭାଗ ନେବେନି ।

ଏଇସବୁ ତଥାକଥିତ ଦଳ, ସଂଗଠନମାନେ ଯେଉଁ ଢଙ୍ଗରେ ଆନ୍ଦୋଳନ କରୁଛଁ- ସେଥିରେ ସରକାର କିମ୍ବା ମାଲିକଶ୍ରେଣୀ ଭୟଭୀତ ହେଉନାହାଁ, ବରଂ ନେତାମାନଙ୍କୁ ଭିତିରିଆ ଟଙ୍କା ଦେଇ ଏଇ ଧାରା ବିଜାୟ ରଖିବାକୁ ଉତ୍ସାହିତ କରୁଛଁ । ଫଳରେ ଗଣଆନ୍ଦୋଳନ ବିପଥଗାମୀ ହେଉଛି । ଲୋକଙ୍କ ଦାବୀ ପୂରଣ ହେଉନି- ଅଯଥା କଣ୍ଠସ୍ୱର ଅପଚୟ ହେଉଛି । ଏହା ସମଗ୍ର ଜନଗଣଙ୍କ ପାଇଁ ଅତ୍ୟ' କ୍ଷତିକାରକ । ସାରାଦେଶର ଜନଗଣ ଅଭାବଅନଟନ, ଶୋଷଣ, କଷଣ, ଦୁର୍ନୀତି, ଅନ୍ୟାୟ ଅତ୍ୟାଚାରରେ ପେଷି ହୋଇଗଲେଣି । ଅଶା' ଅସ'ୋଷର ନିଆଁ ଜଳିବାରେ ଲାଗିଛି । ଠାଁଏ ଠାଁଏ ଆନ୍ଦୋଳନ ବିକ୍ଷୋଭ ପୋଡାଜଳା, ମାଡପିଟାପିଟି କରୁଛଁ । ସରକାରୀ ଦମନ ଯନ୍ତ୍ରରେ ବଳିପଡୁଛଁ । ଆମ ଲୋକମାନେ ଅତ୍ୟ' ସୁବିଧାବାଦୀ ହୋଇଯାଇଛଁ । ଲକ୍ଷ୍ୟ, ନୀତି, ଆଦର୍ଶ, ସାଧୁତାକୁ ଭୁଲିଯାଇ ତତ୍‌କ୍ଷାଣାତ କେଉଁଠି, କିଏ ସୁବିଧା କରିଦେବ- ସେଠିକୁ ଦଉଡିଛଁ । ଆମ ନେତାମାନେ ମଧ୍ୟ ପ୍ରଚଣ୍ଡ ସୁବିଧାବାଦୀ- ପୁଣି ଅର୍ଥନୈତିକ ସୁବିଧାବାଦୀ । ଲୋକଙ୍କୁ ସ୍ୱର୍ଗରୁ ପାରିଜାତ ଆଣିଦେବାକୁ କହି କ୍ଷଣିକ ପାଇଁ ମୋହଗ୍ରସ୍ତ କରିପକା' । ଭୋଟ ସରିଲା ପରେ କି କାମ ହାସଲ ହେଲା ପରେ ଆଉ ନେତାଙ୍କ ପ୍ରତିଶ୍ରୁତି ପୂରଣ ହୁଏନା । ଲୋକେ ହତାଶାପଙ୍କରେ ପଡି ଛଟପଟ ହୁଅ'- ଏବଂ ହେଉଛଁ ।

ଏଇ ପୃଥିବୀରେ ଅନେକ ମହାମାନବ ସଠିକ୍ ମାର୍ଗଦର୍ଶନ ଦେଇ ଯାଇଛଁ- ଯାହାକୁ ଏବେ ମଧ୍ୟ ଆମେ ପୂଜିକରି ଚାଲିଛୁ । କିଂୁ ସମୟ ଅବସ୍ଥା, ବ୍ୟବସ୍ଥାର ପରିବର୍ତନ ଘଟୁଛି । ତା ସଂଗେ ତାଳଦେଇ ଚାଲିବା- ମାର୍ଗଦର୍ଶନ ଦେବା ଆଉ ଦେଖାଯାଉନି । ଏ ଅବସ୍ଥା କେବଳ ଆମ ଓଡିଶା କିମ୍ବା ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଦେଖାଦେଇଛି । ଆଉ ଯୋଗ୍ୟନେତା ବାହାରୁ ନାହାଁ । ତା'ହେଲେ ଜନଗଣ କ'ଣ ସବୁଦିନ ପାଇ ଏଇମିତି ଠକି ହେଉଥିବେ ? ଉତର- ନା । ଆଜି ନ ହେଲେ କାଲି କେହିନା କେହି ନେତା ବାହାରିବେ- ସେ ଦିଲ୍ଲୀ, ୱାସିଂଟନ୍, ଲଣ୍ଡନ, ରୋମ୍, ମସ୍କୋ ପ୍ରମୁଖ ସହରରୁ ବାହାରି ନ ପାର'- ପାହାଡ ଜଙ୍ଗଲ, ଖଣିଖାଦାନ, କ୍ଷେତଖମାର, ଗାଁ ଗଣ୍ଡାରୁ ମଧ୍ୟ ବାହାରିପାର' । ଗଣଆନ୍ଦୋଳନର ସଠିକ୍ ମାର୍ଗଦର୍ଶନ ନିଶ୍ଚିତ ରୂପେ ନିର୍ଦ୍ଧାରିତ ହେବ । ଗଣଆନ୍ଦୋଳନ ପରିଚାଳନାକାରୀ ଓ ଯୋଗଦାନକାରୀମାନଙ୍କୁ ପ୍ରଥମେ ମନେରଖିବାକୁ ହେବ- କାହା ବିରୋଧରେ ଆନ୍ଦୋଳନ । ସାମାଜିକ ବ୍ୟବସ୍ଥା- ଅବସ୍ଥା । ଯଦି ଭାବ'- ଆମ ସମାଜ ଏକ ପୁଂଜିବାଦୀ-ସାମ୍ରାଜ୍ୟବାଦୀ- ତା'ହେଲେ ପୁଂଜିବାଦର ଅସଲ ଚରିତ୍ରକୁ ଜାଣିବାକୁ ହେବ, ଲଢିବା ପାଇଁ ରଣକୌଶଳ ଠିକ୍ ଭାବେ ଅନୁସରଣ କରିବାକୁ ହେବ । ବର୍ତମାନ ପୂତିଗନ୍ଧମୟ ମରଣମୁଖୀ ପୁଂଜିବାଦୀ ବ୍ୟବସ୍ଥାକୁ ବଦଳାଇବାକୁ ହେଲେ ପ୍ରଥମେ ନିଜକୁ ବଦଳାଇବାକୁ ହେବ- ନିଜ ଭିତରେ ଯେଉଁ ଶତ୍ରୁକୁ ଲାଳନପାଳନ କରି ରଖିଛଁ, ତାକୁ ହତ୍ୟା କରିବାକୁ ହେବ । ସେ ଶତ୍ରୁ- ପୁଂଜିବାଦର ରକ୍ଷକ । ସେ ଶତ୍ରୁ ହେଉଛି- ଗର୍ବ, ଅହଂକାର, ସ୍ୱାର୍ଥ, ମୋହ, ଅନ୍ଧବିଶ୍ୱାସ । ଏତେ ସହଜରେ ଏମାନେ ମନଭିତରୁ ଯିବେନି । ଅହରହ ସଂଗ୍ରାମ ସହିତ ସଠିକ୍ ନେତୃତ୍ୱ ଅପରିହାର୍ଯ୍ୟ । ଘରଛାଡି ରାସ୍ତାକୁ ବାହାରିଆସିଲେ ଧୀରେ ଧୀରେ ଏ ଭୟଙ୍କର ଶତ୍ରୁ ଦମନ ହୋଇଯିବେ । ଭୁଲ ରାସ୍ତାରେ ଗଲେ- ଏ ଶତ୍ରୁ ପୂରା ପୂରି ରାଜ କରିବେ ।


ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩


# ଗର୍ଭାବସ୍ଥାରେ ମଧୁମେହ

କେତେକ ମହିଳାଙ୍କ ଠାରେ ଗର୍ଭାବସ୍ଥାରେ ମଧୁମେହ ବା ଡାଇବେଟିସ ଦେଖାଯାଏ। ପୂର୍ବରୁ ଡାଇବେଟିସ ନଥିଲେ ମଧ୍ୟ ଏହି ସମୟରେ ଦେଖାଯାଏ। ଏଥିପାଇଁ ଏହାକୁ ଗର୍ଭକାଳୀନ ମଧୁମେହ ବୋଲି କୁହାଯାଏ। ଜୀବନଶୈଳୀରେ ବିଭିନ୍ନ ପ୍ରକାର ପରିବର୍ତ୍ତନ ହେତୁ ମହିଳାମାନେ ଗର୍ଭବତୀ ସମୟରେ ଡାଇବେଟିସର ଶିକାର ହେଉଛନ୍ତି। ଏହି ସମୟରେ ଡାଇବେଟିସ୍‌କୁ ଅବହେଳା କଲେ ଗର୍ଭାବସ୍ଥା ପରେ ମହିଳା ଜଣକ ଟାଇପ୍-୨ ଡାଇବେଟିସ୍‌ରେ ଶିକାର ହୋଇଥାଏ। ଯାହାକି ଜୀବନସାରା ଭୋଗିବାକୁ ପଡ଼ିଥାଏ। ଏମିତି ବି ହୋଇପାରେ ଗର୍ଭାବସ୍ଥାରେ ହୋଇଥିବା ଡାଇବେଟିସ ସ୍ଥାୟୀ ଭାବେ ରହେନାହିଁ। ଏହା କିନ୍ତୁ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ଇଉପରେ ପ୍ରଭାବ ପକାଏ। ଏଣୁ ଗର୍ଭଧାରଣ କରିଥିବା ପ୍ରତ୍ୟେକ ମହିଳା ଶୁଗାର ସ୍ତର ପରୀକ୍ଷା କରିବା ଦରକାର। ଏହାର ଶିକାର ହେବା ଦ୍ୱାରା ଉଭୟ ମା' ଓ ପିଲା ପ୍ରଭାବିତ ହୋଇଥାନ୍ତି। ଗର୍ଭକାଳୀନ ମଧୁମେହ ଯୋଗୁଁ ମା' ଓ ପିଲା ଉଭୟଙ୍କ ପାଇଁ ଶରୀରରୁ ଆବଶ୍ୟକ ଇନସୁଲିନ ନିର୍ଗତ ହୋଇପାରେ ନାହିଁ। ଫଳରେ ମା' ଓ ପିଲା ଅସୁସ୍ଥ ହୋଇଥାନ୍ତି। ପିଲାଜନ୍ମ ହେବା ପରେ ମା' ଠାରେ ଡାଇବେଟିସ୍ ରହିନପାରେ। ହେଲେ ଏହା ଗର୍ଭାବସ୍ଥାରେ ଦେଖାଯାଏ। ତେବେ ଗର୍ଭାବସ୍ଥରେ ମଧୁମେହ ହେବାର କାଣଣ କ'ଣ ହୋଇପାରେ।

**କାରଣ :** ଯଦିଓ ଗର୍ଭକାଳୀନ ଡାଇବେଟିସ ବଂଶଗତ ନୁହେଁ, ଏହା ଗର୍ଭବତୀ ମହିଳାଙ୍କୁ ବିଭିନ୍ନ କାରଣରୁ ପ୍ରଭାବିତ କରିଥାଏ।

♦ ଗର୍ଭାବସ୍ଥାରେ ଡାଇବେଟିସ୍ ହେବାର ବିଭିନ୍ନ କାରଣ ମଧ୍ୟରୁ ପ୍ରଥମ ମୁଖ୍ୟ କାରଣ ହେଉଛି ଅଧିକ ଓଜନ। ମେଦବହୁଳ ଓ ଅଧିକ ଓଜନ ହୋଇଥିବା ମହିଳାମାନେ ଗର୍ଭାବସ୍ଥାରେ ଡାଇବେଟିସ୍‌ର ଶିକାର ହୋଇଥାନ୍ତି। ଏଣୁ ଏପରି ମହିଳାମାନେ ଗର୍ଭବତୀ ପୂର୍ବରୁ ଡାକ୍ତରଙ୍କ ପରାମର୍ଶରେ ରୁହନ୍ତୁ।

♦ ଦ୍ୱିତୀୟତଃ ଯଦି ବଂଶରେ କାହାର



ଡାଇବେଟିସ୍ ହେବାର ଆଶଙ୍କା ଥାଏ।

♦ ତୃତୀୟରେ ଯଦି ଆପଣ ଡାଇବେଟିସ୍‌ର ଶିକାର ହୋଇନଥାନ୍ତି, କିନ୍ତ ରକ୍ତରେ ସୁଗାର ସ୍ତର ଅଧିକ ରହିଛି, ତାହେଲେ ଗର୍ଭାବସ୍ଥାରେ ଡାଇବେଟିସ୍ ହୋଇଥାଏ।

♦ ଚତୁର୍ଥରେ ପ୍ରଥମ ସନ୍ତାନ ସମୟରେ ଯଦି ଡାଇବେଟିସ୍ ନଥାଏ, ହେଲେ ଆପଣଙ୍କର ପ୍ରସବ ପିଲାର ଓଜନ ୪ କେଜି ଉପରକୁ ଥିଲେ ଦ୍ୱିତୀୟ ଥର ଗର୍ଭାବସ୍ଥାରେ ଡାଇବେଟିସ୍‌ର ଆଶଙ୍କା ଅଧିକ ବଢ଼ିଯାଏ।

♦ ଶେଷରେ, ୨୫ବର୍ଷରୁ ଉର୍ଦ୍ଧ୍ୱ ବୟସରେ ଗର୍ଭବତୀ ହେଲେ ଗର୍ଭାବସ୍ଥାରେ ଡାଇବେଟିସ୍‌ର ଆଶଙ୍କା ବଢ଼ିଯାଏ। ଅନ୍ୟପକ୍ଷରେ ପିସିଓଡି (ପଲିସିଷ୍ଟକ ଓଭରିଆନ ଡିଜିଜ୍), ପିସିଓଡି ଯୋଗୁଁ ରକ୍ତରେ ଉଚ୍ଚ ଶୁଗାର ସ୍ତର ଆଦି ଥିଲେ ଗର୍ଭାବସ୍ଥାରେ ଡାଇବେଟିସ୍‌ର ଆଶଙ୍କା ବଢ଼ିଯାଏ।

**ଲକ୍ଷଣ :** ଗର୍ଭାବସ୍ଥାରେ ଡାଇବେଟିସ୍ ଗର୍ଭଧାରଣର ୨୪ସପ୍ତାହ ପରେ ଶୁଗାର ପରୀକ୍ଷାରୁ ଜଣାପଡ଼େ। ଏହି ଡାଇବେଟିସ୍‌ର ଲକ୍ଷଣ ଖୁବ କମ୍ ଦେଖାଯାଏ। ଏଣୁ ଏହାକୁ ଚିହ୍ନଟ କରିବା ସହଜ ହୋଇନଥାଏ।

♦ ଗର୍ଭଧାରଣର ମାସେ ଭିତରେ ଯଦି ଦୁର୍ବଳ ଲାଗୁଥାଏ, ପାଟି ଶୁଖିଯାଉଥାଏ, ତାହେଲେ ରକ୍ତର ଶୁଗାର ସ୍ତର ପରୀକ୍ଷା କରିବା ଦରକାର। ଏହି ପରୀକ୍ଷା ବିଳମ୍ବ କରିବା ଅନୁଚିତ୍।

♦ ଗର୍ଭାବସ୍ଥା ସମୟରେ ବାରମ୍ବାର ପରିସ୍ରା ଲାଗୁଥିଲେ, ଏ ବିଷୟରେ ଡାକ୍ତରଙ୍କୁ ନିଶ୍ଚିତ ଜଣାନ୍ତୁ। ବାରମ୍ବାର ଶୋଷ ହେଉଥିଲେ ଅବା ତଣ୍ଟି ଶୁଖିଯାଉଥିଲେ ଡାକ୍ତରଙ୍କୁ ଜଣାନ୍ତୁ। କାରଣ ଏହା ମଧ୍ୟ ଗର୍ଭାବସ୍ଥଶରେ ଡାଇବେଟିସ୍‌ର ସୂକ୍ଷ୍ମ ଲକ୍ଷଣ।

♦ ଯଦି ରକ୍ତରେ ଶୁଗାର ସ୍ତର ଅସାମାନ୍ୟ ହୋଇଥାଏ, ଡାକ୍ତରଙ୍କୁ ଜଣାନ୍ତୁ। କାରଣ ଅନ୍ୟାନ୍ୟ ଦିନ ଅପେକ୍ଷା ଏହି ସମୟରେ ଅଧିକ ଖାଦ୍ୟ ଗ୍ରହଣ କରୁଥିବାରୁ ଶୁଗାର ସ୍ତର ବଢ଼ିଯାଏ। ଶୁଗାର ସ୍ତର ବଢ଼ିବା ହେତୁ ଥକ୍କା ଲାଗେ, ପରିସ୍ରା ଅଧିକ ଲାଗେ ଓ ଶୋଷ ଅଧିକ ଲାଗେ।

♦ ଗର୍ଭାବସ୍ଥାରେ ମଧୁମେହ ବିଭିନ୍ନ ପ୍ରକାର କାରଣ ହେତୁ ହୋଇଥାଏ, ସେହିପରି ଏହା ଲକ୍ଷଣ ମଧ୍ୟ ବିଭିନ୍ନ ପ୍ରକାର ଦେଖାଯାଇଥାଏ। ଏଣୁ ଗର୍ଭାବସ୍ଥାରେ ସୁରକ୍ଷିତ ରହିବା ପାଇଁ ସମସ୍ତ ପ୍ରକାର ପରୀକ୍ଷା କରି ଡାକ୍ତରଙ୍କ ପରାମର୍ଶରେ ରୁହନ୍ତୁ।



**ପ୍ରତିକାର :**

♦ ଗର୍ଭାବସ୍ଥାରେ ମଧୁମେହଠୁ ଦୂରେଇ ରହିବା ପାଇଁ ପ୍ରଥମତଃ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଡାଏଟ୍ ଚାର୍ଟ କରନ୍ତୁ। ସୁସ୍ଥ ଖାଦ୍ୟ ଖାଆନ୍ତୁ। ପ୍ରତିଦିନ ୩ଥର ମଧ୍ୟମ ଧରଣର ଭୋଜନ କରନ୍ତୁ। ଦୁଇଥରରୁ ଅଧିକ ଜଳଖିଆ କରନ୍ତୁ ନାହିଁ। ମିଠା ପାନୀୟ, ମିଠାଫଳ ଜୁସ ଆଦି ଠାରୁ ଦୂରେଇ ରହନ୍ତୁ। ପ୍ରୋଟିନ ଜାତୀୟ ଖାଦ୍ୟ ଖାଆନ୍ତୁ। ଦୁଗ୍ଧ ଜାତୀୟ ଖାଦ୍ୟ ଖାଆନ୍ତୁ। ତନ୍ତୁ ଜାତୀୟ ଖାଦ୍ୟ ମଧ୍ୟ ସାମିଲ କରନ୍ତୁ।

♦ ଆଜିକାଲି ଏପରି ହେଲାଣି ଗର୍ଭାବସ୍ଥାରେ ଡାଇବେଟିସ ରୋକିବାକୁ ବହୁ କଷ୍ଟସାଧ୍ୟ। କାରଣ ଯାହା ବି ପନିପରିବା। ଖାଉଛେ, ସେଥିରେ କୀଟନାଶକ ଔଷଧ ଓ ରଙ୍ଗମିଶା ଯାଉଛି, ଯାହା ରକ୍ତରେ ଶୁଗାର ସ୍ତର ବଢ଼ାଇବାରେ ସହାୟକ ହୋଇଥାଏ। ଏଣୁ ଆମକୁ ସୁସ୍ଥ ଓ ସକ୍ରିୟ ଜୀବନଶୈଳୀ ପାଳନ କରିବା ଦରକାର। ଏଣୁ ଖାଦ୍ୟପେୟ ପ୍ରତି ଟିକେ ସଚେତନ ହେବା ସହ ଡାକ୍ତରଙ୍କ ପରାମର୍ଶ ରହିବା ଦରକାର।

♦ ଗର୍ଭାବସ୍ଥା ସମୟରେ ସକାରାତ୍ମକ ପରୀକ୍ଷଣ ପରେ ଉଚିତ ଆହାର ଓ ବ୍ୟାୟାମ କରିବା ଦରକାର। କେତେକ ମହିଳା ବ୍ୟାୟାମ କରିବା ବନ୍ଦ କରିଦିଅନ୍ତି। ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତି ନାହିଁ। ଫଳରେ ୨୪ ସପ୍ତାହ ବେଳକୁ ଗର୍ଭବତୀ ମଧୁମେହର ଶିକାର ହୋଇଥାଏ। ଏଣୁ ଖାଦ୍ୟପେୟ ଓ ବ୍ୟାୟାମ ଦିଗ ପ୍ରତି ସର୍ବଦା ସତର୍କ ରହିବା ଦରକାର। କାରଣ ମା' ସୁସ୍ଥ ରହିଲେ ହିଁ ଶିଶୁ ସୁସ୍ଥ ରହିପାରିବ।

♦ ଯଦି ପୂର୍ବରୁ କେବେ ବ୍ୟାୟାମ କରିନାହାଁନ୍ତି, ତେବେ ଏହି ସମୟରେ ସକାଳୁ ଉଠି ୩୦/୪୫ମିନିଟ୍ ବ୍ୟାୟାମ କରନ୍ତୁ। ଅତିକମରେ ସପ୍ତାହରେ ୩ଦିନ କରନ୍ତୁ।

♦ ଗହମରୁ ପ୍ରସ୍ତୁତ ରୋଟି, ତନ୍ତୁଜାତୀୟ ଖାଦ୍ୟ, ପ୍ରୋଟିନ ଯୁକ୍ତ ଖାଦ୍ୟ ଖାଆନ୍ତୁ। ଯାହା ରକ୍ତରେ ଶୁଗାର ସ୍ତରକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୁଏ। ବ୍ୟାୟାମ ସହିତ ଶରୀରକୁ ଆବଶ୍ୟକୀୟ ଖାଦ୍ୟ ଖାଆନ୍ତୁ।

# ପକ୍ଷାଘାତ

ଯଦି ଅଚାନକ ମସ୍ତିଷ୍କର କୌଣସି ଅଂଶରେ ରକ୍ତର ପ୍ରବାହ ବନ୍ଦ ହୋଇଯାଏ ବା ମସ୍ତିଷ୍କର କୌଣସି ରକ୍ତ ବାହିକା ଫାଟିଯାଏ ଓ ମସ୍ତିଷ୍କର କୋଶିକାଗୁଡ଼ିକ ପାର୍ଶ୍ୱରେ ରକ୍ତ ଭରିଯାଏ ତେବେ ଏହା ପକ୍ଷାଘାତ ହୋଇଛି ବୋଲି ଜଣା ପଡ଼ିଥାଏ । ପକ୍ଷାଘାତରେ ସାଧାରଣତଃ ଶରୀରରେ କୌଣସି ଭାଗକୁ ଅଚଳ କରିଦେଇଥାଏ । କେବଳ ଚେହେରା, ଗୋଟେ ହାତ, ଗୋଟେ ଗୋଡ଼ ବା ଶରୀରକୁ ଦୁର୍ବଳ କରିଦିଏ । ମସ୍ତିଷ୍କରେ ଅପର୍ଯ୍ୟାପ୍ତ ରକ୍ତ ଆପୂର୍ତ୍ତି ସ୍ଥିତିରେ ମସ୍ତିଷ୍କରେ କୋଶିକାଗୁଡ଼ିକରେ ଅକ୍ସିଜେନ ଓ ପୋଷଣର ଅଭାବକୁ ସ୍ଥାନିକାରକ୍ତତା କୁହାଯାଏ । ଏହି କାରଣରୁ ମସ୍ତିଷ୍କର କୋଶିକା ମୃତ ହୋଇଯାଏ ଓ ଅନ୍ତତଃ କ୍ଷତିଗ୍ରସ୍ତ ମସ୍ତିଷ୍କରେ ତରଳ ଯୁକ୍ତ ଗୁହିକା ତାହାର ସ୍ଥାନ ନେଇଥାଏ । ଯେଉଁ ବ୍ୟକ୍ତିର ମସ୍ତିଷ୍କର ବାମ ଗୋଲାର୍ଦ୍ଧ ଡାହାଣ ପାର୍ଶ୍ୱକୁ ପାରାଲିସିସ ହୁଏ । ଯେଉଁ ବ୍ୟକ୍ତିଙ୍କର ଡାହାଣ ହେମିସ୍ପିୟରରେ ଆଘାତ ଲାଗେ ତାର ବାମ ଅଙ୍ଗ ଅର୍ଦ୍ଧାଙ୍ଗର ଶିକାର ହୁଏ । ମସ୍ତିଷ୍କରେ ରକ୍ତପ୍ରବାହ ବାଧିତ ହେଲେ ମସ୍ତିଷ୍କର କିଛି କୋଶିକା ତୁରନ୍ତ ମୃତ ହୋଇଯାନ୍ତି ଓ ଅବଶିଷ୍ଟ କୋଶିକାଙ୍କର ମୃତ ହେବାର ଆଶଙ୍କା ବୃଦ୍ଧି ପାଇଥାଏ । ସଠିକ୍ ସମୟରେ ଔଷଧ ସେବନ ଦ୍ୱାରା କ୍ଷତିଗ୍ରସ୍ତ କୋଶିକାମାନଙ୍କୁ ଜୀବିତ ରଖାଯାଇପାରିବ । ଅଧ୍ୟନରୁ ଜଣାପଡ଼ିଛି ଯେ ଆଘାତ ଲାଗିବାର ତିନି ଘଣ୍ଟା ମଧ୍ୟରେ ରକ୍ତ ଜମାଟକୁ ତରଳେଇବାର ଟିସ୍ୟୁ ପ୍ଲାଜମନୋଜେନ ଏକ୍ଟିଭେଟର ଦେଇ ଏହି କୋଶିକାରେ ରକ୍ତ ପ୍ରବାହ କରାଯାଇ ପାରିବ । ପ୍ରାରମ୍ଭିକ ଆକ୍ରମଣ ପରେ ହୋଇଥିବା କ୍ଷତିକୁ ବନ୍ଦ କରିବା ପାଇଁ ବହୁତ ପ୍ରକାରର ନ୍ୟୁରୋ ପ୍ରୋଟେକଟିଭ ମେଡିସିନ ଉପରେ ପରୀକ୍ଷଣ ଚାଲିଛି ଲୋକମାନେ ପକ୍ଷାଘାତକୁ ବ୍ରେନ ଷ୍ଟ୍ରୋକ୍ ଭାବରେ ନେବା ଓ ତୁରନ୍ତ ଚିକିତ୍ସା କରିବା ଉଚିତ୍ ।





# 'ପ୍ରମେୟ' ମେଧା ସମ୍ମାନ ଉତ୍ସବ ଅନୁଷ୍ଠିତ : ମାନବିକତା ହିଁ ମାନବର ମୂଳ ସମ୍ବଳ




ଖଇରା,୯।୧୧ (ନି.ପ୍ର): ଖଇରା ବ୍ଲକ୍ ଶିକ୍ଷକ ଭବନ ପରିସରରେ 'ପ୍ରମେୟ' ଓ 'ନିୟୁଜ ୭' ପକ୍ଷରୁ ମେଧା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଖଇରା ବ୍ଲକ୍‌ର ଚଳିତ ବର୍ଷ ମ୍ୟାଟ୍ରିକ୍ ପରୀକ୍ଷାରେ ଏ୧ ଗ୍ରେଡ୍ ରଖିଥିବା ୧୧ ଜଣ ଛାତ୍ରଛାତ୍ରୀ ଓ ୨୦୧୯-୨୦ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହାସଲ କରିଥିବା ୯ଜଣ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ମେଧା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି । ଏ୧ ଗ୍ରେଡ୍ ରଖିଥିବା ମ୍ୟାଟ୍ରିକ୍ ଛାତ୍ରଛାତ୍ରୀ ମାନଙ୍କ ସମ୍ବର୍ଦ୍ଧନା ସଭାରେ ବ୍ଲକ୍ ଅଧକ୍ଷା ଅଭିଲିପ୍ସା ସାହୁ ସଭାପତିତ୍ୱ କରିବା ସହିତ ପିଲାମାନେ ଏକ ମାଟି ପେଣ୍ଠୁଳା ସଦୃଶ, ସେମାନଙ୍କୁ ସଠିକ୍ ଢଙ୍ଗରେ ଗଢିତୋଳିବା ଏବଂ ସେମାନଙ୍କର ଇଚ୍ଛାଶକ୍ତି ଓ ମନବଳକୁ ଧ୍ୟାନ ଦେବା ଅଭିଭାବକ ମାନଙ୍କର ଦାୟିତ୍ୱ ବୋଲି ପ୍ରକାଶ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ବିଡିଓ ପର୍ଶୁରାମ ପଣ୍ଡା ଯୋଗଦେଇ ମାନବିକତା ହିଁ ମାନବର ମୂଳ ସମ୍ବଳ । ଛାତ୍ର ଛାତ୍ରୀ ମାନେ ମାନବିକତା, ସମାଜ ସେବା, ଗୁରୁଜନ ମାନଙ୍କୁ ଭକ୍ତି କରିବା ସହିତ ଦେଶସେବା କରିବା ଉଦେଶ୍ୟରେ ମତବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଭାବେ ସମାଜସେବୀ ପ୍ରଦୀପ କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିବାବେଳେ ସାମ୍ବାଦିକ ଧନଞ୍ଜୟ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ମ୍ୟାଟ୍ରିକ୍ ପରୀକ୍ଷାରେ ଏ୧ ଗ୍ରେଡ୍ ରଖିଥିବା ଖିରୋଦ କୁମାର ମନ୍ତ୍ରୀ, ଜ୍ଞାନରଞ୍ଜନ ଘୋଷ, କୃତିବାସ ରଥ, ନିହାର ରଞ୍ଜନ ରାଉତ, ପୃଥିରାଜ ଶନିବିଗ୍ରହ, ବିକାଶ କୁମାର ନାୟକ, ସାଇ ଆଶିଷ ବେହେରା, ବିପିନ ବିହାରୀ ଦାସ, ପ୍ରାର୍ଥସାରଥି ପଣ୍ଡା, ହରପ୍ରିୟା ଆରୁଖ, ଅନିତା ନାୟକଙ୍କୁ ଅତିଥି ମାନେ ଉତ୍ତରୀୟ, ପ୍ରମାଣପତ୍ର, ପଦକ, ପୁଷ୍ପଗୁଚ୍ଛ, ମାସ୍କ, ସାନିଟାଇଜର ଦେଇ 'ପ୍ରମେୟ' ମେଧା ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ । ସେହିଭଳି ୨୦୧୯-୨୦ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହାସଲ କରିଥିବା ଡାକ୍ତରୀ ଛାତ୍ରଛାତ୍ରୀ ଆଦିତ୍ୟ ନାରାୟଣ ପାଣିଗ୍ରାହୀ, ଦିବ୍ୟଜ୍ୟୋତି ପଣ୍ଡା, ପବିତ୍ର ତ୍ରିପାଠୀ, ରୋହିତ କୁମାର ସାହୁ, ପବିତ୍ର କିରନ ନାୟକ, ତୁଷାରକାନ୍ତ ମାହୁନ୍ତ, ନିମାଇଁ ବିଶ୍ୱରଞ୍ଜନ ବେହେରା, ରିତୁପର୍ଣ୍ଣା ରାଜଲକ୍ଷ୍ମୀ ବେହେରା, ରମେଶ କୁମାର ସେଠୀଙ୍କୁ 'ପ୍ରମେୟ' ମେଧା ସମ୍ମାନରେ ସମ୍ବର୍ଦ୍ଧନା କରାଯାଇଛି । ଏଥିରେ ସାମ୍ବାଦିକ ଅନାମ ଚରଣ ପଣ୍ଡା, ଉତ୍କଳବନ୍ଧୁ ପଣ୍ଡା ଅତିଥି ଭାବେ ଯୋଗଦେଇ ଡାକ୍ତରୀ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତରୀୟ, ପଦକ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ଖଇରା ବ୍ଲକ୍‌ର କାର୍ଯ୍ୟରତ ସାମ୍ବାଦିକ ଦାୟାନିଧି ମହାପାତ୍ର, ବଳରାମ ଲେଙ୍କା, ପଦ୍ମଲୋଚନ ଦାସ, ମନୋଜ କୁମାର ପ୍ରଧାନ, ହିମାଂଶୁ କୁମାର ଦାସ, ନିଶିକାନ୍ତ ମହାନ୍ତି, ନିରଞ୍ଜନ ବେହେରା, ଦେବବ୍ରତ ଦାସ ପ୍ରମୁଖ ଉପସ୍ଥିତ ରହିଥିବାବେଳେ 'ପ୍ରମେୟ' ଓ 'ନିୟୁଜ ୭' ପକ୍ଷରୁ ଆୟୋଜିତ ମେଧା ସମ୍ମାନ ଉତ୍ସବକୁ ଅତିଥି ମାନେ ପ୍ରଂଶସା କରିଥିଲେ । ଶେଷରେ ଖଇରା ବ୍ଲକ୍ ପ୍ରମେୟ ସାମ୍ବାଦିକ ଉମେଶ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୁବତୀଙ୍କ ଆତ୍ମହତ୍ୟା

ଗଂଜାମ,୯।୧୧ (ନି.ପ୍ର): ବେଲଗୁଣ୍ଠା ଫାଣ୍ଡି ଅନ୍ତର୍ଗତ ସୁତୁମସର ଗ୍ରାମରେ ପୋଲିସ ସୁତ୍ରରୁ ପ୍ରକାଶ ଯେ, ସୁତୁମସର ଗ୍ରାମର ପ୍ରଭାକର ଦଳେଇ ଓ ତାଙ୍କ ପତ୍ନୀ ଆଜି ସକାଳୁ ଧାନ କାଟିବା ପାଇଁ ବିଲକୁ ଯାଇଥିଲେ ।ଅପରାହ୍ନ ୪ ଟା ବେଳକୁ ଘରକୁ ଫେରିବା ପରେ ତାଙ୍କ ଝିଅ ପାଣ୍ଡି ଦଳେଇ (୧୮) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ ।ଖବର ପାଇ ବେଲଗୁଣ୍ଠା ପୋଲିସ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଥିବା ଜଣାପଡିଛି ।ଆସନ୍ତା କାଲି ପାଣ୍ଡିର ଶବ ବ୍ୟବଚ୍ଛେଦ ପରେ ତାର ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ।ପାଣ୍ଡିର ବାପା ପ୍ରଭାକରଙ୍କ ଏତାଲା ପ୍ରକାରେ ବେଲଗୁଣ୍ଠା ପୋଲିସ ୬୯/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରି ଘଟଣାର ତଦନ୍ତ କରୁଥିବା ବେଲଗୁଣ୍ଠା ଫାଣ୍ଡି ଅଧିକାରୀ ପ୍ରକାଶ କୁମାର ସାହୁ ଜଣାଇଛନ୍ତି ।

# ଆମେ ଭାରତବାସୀ ପକ୍ଷର ଜାତୀୟ ଆର୍ଥିକ ବିପର୍ଯ୍ୟୟ ଦିବସ ପାଳିତ

ଭୁବନେଶ୍ୱର,୯।୧୧ (ନି.ପ୍ର): ୮ ନଭେମ୍ବର ନୋଟବନ୍ଦୀର ୪ ବର୍ଷ ପୂରଣକୁ ଆର୍ଥିକ ମହାବିପର୍ଯ୍ୟୟ ଦିବସ ଭାବେ 'ଆମେ ଭାରତବାସୀ' ପକ୍ଷରୁ ଭୁବନେଶ୍ୱର ସ୍ଥିତ ମାଷ୍ଟର କ୍ୟାଂଟିନ୍ ଠାରେ ପାଳିତ ହୋଇଯାଇଛି । ୦୮ ନଭେମ୍ବର ୨୦୧୬ ନୋଟବନ୍ଦୀ ଘୋଷଣା କରାଯିବା ପରେ ଦେଶର ଅସଙ୍ଗଠିତ କ୍ଷେତ୍ର ସମ୍ପୂର୍ଣ୍ଣ ଭୁଷୁଡି ପଡିଲା । ନୋଟବନ୍ଦୀ ଘୋଷଣା କଲା ବେଳେ ପ୍ରଧାନମନ୍ତ୍ରୀ ଯେଉଁ ତିନୋଟି ପ୍ରତିଶ୍ରୁତି ଦେଇଥିଲେ, କଳା ଟଙ୍କା ଲୋପ୍ ହେବ, ଆତଙ୍କବାଦ ଲୋପ୍ ହେବ ଓ ଆର୍ଥିକ ସ୍ୱଚ୍ଛତା ବୃଦ୍ଧି ହେବ ପ୍ରତିଶ୍ରୁତି ଦେଇଥିଲେ ହେଁ ଏ ସମସ୍ତ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି । ଏହାର ପରିଣତି ସ୍ୱରୂପ ଅସଙ୍ଗଠିତ କ୍ଷେତ୍ରରେ ୨ କୋଟିରୁ ଉର୍ଦ୍ଧ୍ୱ ଶ୍ରମିକ କର୍ମନିଯୁକ୍ତି ହରାଇଲେ । ଯାହାର ପ୍ରଭାବରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ରୁଗ୍ଣ ଓ ବିପର୍ଯ୍ୟସ୍ତ ହେଲା । 'ଆମେ ଭାରତବାସୀ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ରବି ଦାସ, ସିପିଆଇ ନେତା ଅଶୋକ ସାହୁ, ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନଗୋ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ ଓ ନାରାୟଣ ରେଡ୍ଡୀ, ସିପିଆଇଏମ ନେତା ସୁରେଶ ପାଣିଗ୍ରାହୀ, ଛାଇର ସମ୍ପାଦକ ସତୀଶ ମିଶ୍ର, ସିପିଆଇ ନେତା ଜୟନ୍ତ ଦାସ, ରାମକୃଷ୍ଣ ପଣ୍ଡା, ସିପିଆଇ(ଏମଏଲ) ନେତା ମହେନ୍ଦ୍ର ପରିଡା,ପ୍ରମୁଖ ଉପସ୍ଥିତ ଥିଲେ ।

# ଗୋ ସେବା ଓ ଚିକିତ୍ସା ପାଇଁ କରୋନା ଯୋଦ୍ଧା ସମ୍ମାନିତ

ପୁରୀ,୯।୧୧ (ନି.ପ୍ର):ଶ୍ରୀ ଜଗନ୍ନାଥ ଗୋ ସେବା ସଂସ୍ଥାନମ୍ ତରଫରୁ ପୁରୀ ପାରିକୁଦ ପ୍ରାଣୀ ଚିକିତ୍ସାଳୟ ପରିସର ରେ କରୋନା ମହାମାରୀ ଭୟଙ୍କର ପରିସ୍ଥିତି ସତ୍ୱେ ପୀଡ଼ିତ ଦୁର୍ଘଟଣା ଗ୍ରସ୍ତ ବୟସ୍କ ଗୋବଂଶ ସେବା ଓ ଚିକିତ୍ସା ରେ ଅକୁଣ୍ଠ ସହଯୋଗ ନିମନ୍ତେ ପ୍ରାଣୀ ଚିକିତ୍ସକ, ପ୍ରାଣୀ ଧନ ନିରୀକ୍ଷକ, ଓ ଚିକିତ୍ସା ସହାୟକ ମାନଙ୍କୁ କରୋନା ଯୋଦ୍ଧା ଭାବେ ସମ୍ମାନିତ କରାଯାଇଅଛି । ଗୋଶାଳା, ଗୋବଂଶର ସେବା ଓ ସୁରକ୍ଷା, ନିମନ୍ତେ ସମର୍ପିତ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଗୋ ସେବା ସଂସ୍ଥାନମ୍ ତରଫରୁ ଚଳିତ ବର୍ଷ କରୋନା ମହାମାରୀ ପ୍ରତିବନ୍ଧିତ ସମୟରେ ପ୍ରାଣୀ ଚିକିତ୍ସକ ଓ ସହାୟକ ମାନେ ପ୍ରାଣୀ ପାଳନ ଓ ସେମାନଙ୍କ ର ଖାଦ୍ୟ ପେୟ ବ୍ୟବସ୍ଥା ପ୍ରତି ଜାଗ୍ରତ ପ୍ରହରୀ ରୂପେ ସମସ୍ତ ପ୍ରାଣୀ ଜଗତର ଅସୁସ୍ଥତା ସମୟରେ ନିଜ ପରିବାର କୁ ପଛରେ ପକାଇ ନିଜ ଜୀବନ କୁ ବାଜି ଲଗାଇ କରୋନା ବ୍ୟାପିଥିବା ଅଂଚଳ ରେ ବହୁ ବାଧାବିଘ୍ନ ସତ୍ୱେ ପହଂଚି ବାକ୍ ଶକ୍ତି ନଥିବା ପ୍ରାଣୀ ଜଗତର ସେବା ଓ ଚିକିତ୍ସା ପ୍ରଦାନ କରି ସେମାନଙ୍କୁ ନୂଆ ଜୀବନ ପ୍ରଦାନ କରିଥିବା ପ୍ରାଣୀ ଚିକିତ୍ସାଧିକାରୀ ଡ଼ଃ ଦୟାନିଧି ବେହେରା ଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ୮ ଜଣଙ୍କୁ ସମ୍ପାଦକ ଶ୍ରୀ ଗୋବିନ୍ଦ ପ୍ରସାଦ ମହାନ୍ତି, ସରତ ଜୟସିଂହ, ସୌମେନ୍ଦ୍ର ଦାସ, ପୂର୍ଣ୍ଣ ଚନ୍ଦ୍ର ଖୁଣ୍ଟିଆ °ଚକରୋନା ଯୋଦ୍ଧାଂଚ ସମ୍ମାନରେ ସମ୍ମାନିତ କରିଥିଲେ । ଆଗାମୀ ଦିନରେ ଗୋସେବକ ମାନଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ମାଧ୍ୟମରେ ପ୍ରଶିକ୍ଷିତ କରିବାକୁ ଯୋଜନା କରାଯାଇଛି । ଏହି ଉତ୍ସବକୁ ହୃଷିକେଶ ତ୍ରିପାଠୀ, ପ୍ରମୋଦ ସାହୁ ଓ ଅନ୍ୟ ଗୋସେବକ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ସେହିପରି ପର୍ଯ୍ୟାୟକ୍ରମେ ଅସ୍ତରଙ୍ଗ, କାକଟପୁର, ନିମାପଡା, ବଳଙ୍ଗା, ଚନ୍ଦନପୁର, ସତ୍ୟବାଦୀ, ପିପିଲି, ଡେଲାଙ୍ଗ, କଣାସ, ବ୍ରହ୍ମଗିରି, କୋଣାର୍କ, ଛଇତନା ପ୍ରାଣୀଧନ ଚିକିତ୍ସାଳୟର ସମସ୍ତ ଚିକିତ୍ସକ ଓ ଚିକିତ୍ସା ସହାୟକ ମାନଙ୍କୁ ଶ୍ରୀଜଗନ୍ନାଥ ଗୋ ସେବା ସଂସ୍ଥାନମ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି ।

## ଜିଲ୍ଲାପାଳଙ୍କ ଅଚାନକ ଆହାର କେନ୍ଦ୍ର ଯାଂଚ

ପୁରୀ,୯।୧୧ (ନି.ପ୍ର): ପୁରୀ ସଦର ଚିକିତ୍ସାଳୟରେ ଥିବା ଆହାର କେନ୍ଦ୍ର ଖାଦ୍ୟମାନ ଗତକାଲି ସଂଧାରେ ଜିଲ୍ଲାପାଳ ଅଚାନକ ଭାବେ ଯାଂଚ କରିଛନ୍ତି । ଯାଂଚ ବେଳେ ସେଠାରେ ବସି ଖାଉଥିବା ଲୋକଙ୍କ ଠାରୁ ଖାଦ୍ୟର ସ୍ୱାଦ, ପରିମାଣ ଓ କର୍ମଚାରୀଙ୍କ ବ୍ୟବହାର ସମ୍ପର୍କରେ ସେ ପଚାରି ବୁଝିଥିଲେ । ଆହାର କେନ୍ଦ୍ରରୁ ବାହାରୁ ଥିବା ବଳକା ଖାଦ୍ୟ ପଦାର୍ଥ, ପରିବା ଚୋପା ଓ ଅନ୍ୟାନ୍ୟ ଆବର୍ଜନା ପୃଥକ ଡ଼ଷ୍ଟବିନ୍ ରେ ରଖିବା ସହ ପୌରସଂସ୍ଥା ସ୍ୱଚ୍ଛ ସବାରୀ ଗାଡ଼ି କୁ ହସ୍ତାନ୍ତର କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଓଦା, ଶୁଖିଲା, ସଂକ୍ରମିତ ଓ ବିପଦ ଜନକ ଆବର୍ଜ୍ଜନା ସ୍ୱତନ୍ତ୍ର ଡ଼ଷ୍ଟବିନରେ ରଖିବା ପାଇଁ ଜିଲ୍ଲାପାଳ ଆହାର କେନ୍ଦ୍ର ପରିଚାଳକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆହାର କେନ୍ଦ୍ରର ସ୍ୱଚ୍ଛତା ଓ ସୁସ୍ଥ ପରିବେଷ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ଯୋଜନା ଟଙ୍କାର ବ୍ୟାପକ ବାଟ ମାରଣା, କାମ ନପାଇ ଲୋକେ ଦାଦନ ଖଟି ଯାଉଛନ୍ତି

ନୂଆପଡା,୯।୧୧ (ନି.ପ୍ର): ରାଜ୍ୟରେ ନୂଆପଡ଼ା ଜିଲ୍ଲା ଦାଦନ ସମସ୍ୟା ପାଇଁ ସ୍ୱତନ୍ତ୍ର ପରିଚୟ ପାଇଥିବା ବେଳେ ବିଗତ ୪ ଦଶନ୍ଧି ମଧ୍ୟରେ ଏହି ଅଂଚଳର ବିକାଶ ପାଇଁ ଶତାଧିକ ଯୋଜନ କାର୍ଯ୍ୟକାରୀ ହୋଇ କୋଟି କୋଟି ଟଙ୍କ ଖର୍ଚ୍ଚ ହୋଇ ଆସୁଛି । କିନ୍ତୁ ସେ ସବୁର ବାସ୍ତବ ରୂପାୟନ ଆଜି ପର୍ଯ୍ୟନ୍ତ ହୋଇପାରି ନାହିଁ । ଫଳ ସ୍ୱରୂପ ସାମାଜିକ, ଅର୍ଥନୈତିକ ଦୃଷ୍ଟି କୋଣରୁ ଏହି ଜିଲ୍ଲା ମଧ୍ୟ ରାଜ୍ୟର ଅନ୍ୟାନ୍ୟ ଜିଲା ଅପେକ୍ଷା ବେଶ ଢେର ପଛରେ ପଡ଼ିରହିଛି । ସମସ୍ୟାର ସମାଧାନ ହୋଇ ପାରୁନାହିଁ । ଫଳରେ ଲୋକେ କାମ ଧନ୍ଦା ଅଭାବରୁ ବାଧ୍ୟ ହୋଇ ଦାଦନ ଖଟି ଯାଉଥିବା ଦେଖିବାକୁ ମିଳୁଛି । ଦାଦନ ଶ୍ରମିକ ମାନେ ଅନେକ ସମୟରେ ଠିକାଦାର, ଦଲାଲ ହାବୁଡରେ ପଡ଼ି ଅବହେଳିତ ଶୋଷିତ ଓ ଅତ୍ୟାଚାରିତ ହୋଇଛନ୍ତି । ବର୍ଷ ବର୍ଷ ବିତି ଯାଉଥିଲେ ହେ ସେମାନଙ୍କର ସମସ୍ୟାର ସମାଧାନ ହୋଇପାରୁ ନାହିଁ । ଅନ୍ୟ ପକ୍ଷରେ ମଣିଷ ବେପାର କରୁଥିବା ଦଲାଲ, ଠିକାଦାର ମାଲେ ମାଲ ହେଉଛନ୍ତି । ଚଳିତ ବର୍ଷର କରୋନା ଲକଡାଉନ ପରେ ପ୍ରାୟ ୮୦ ପ୍ରତିଶତ ଶ୍ରମିକ ସେମାନଙ୍କ ଘରକୁ ଆସିଥିଲେ । ହେଲେ ଦୀର୍ଘ ୬ ମାସ ଧରି ସେମାନଙ୍କୁ କାମ ନମିଳିବାରୁ ଗତ ସେପ୍ଟେମ୍ବର ମାସରୁ ପଳାୟନ କରିବା ଆରମ୍ଭ କରି ଦେଇଛନ୍ତି । ଜିଲ୍ଲାର ନୂଆପଡା, କୋମନା, ବୋଡେନ, ଖଡିଆଳ, ସିନାପାଲି ବ୍ଲକରେ ମଧ୍ୟ ଦାଦନ ସମସ୍ୟା ଦେଖା ଦେଇଥିବା ବେଳେ ଏହି ବ୍ଲକର କୋଣ ଅନୁକୋଣରୁ ଶ୍ରମିକ ମାନେ କେରଳ, ଆନ୍ଧ୍ରପ୍ରଦେଶ, ବାଙ୍ଗାଲୋର, ତାମିଲନାଡୁ, ସୁରତ ଓ ଛତିଶଗଡ଼ ଭଳି ରାଜ୍ୟର ଅନେକ ସ୍ଥାନର ଇଟାଭାଟି ମାନଙ୍କରେ କାମ କରିବାକୁ ଯାଉଥିବା ଦେଖିବାକୁ ମିଳୁଛି । ଦାଦନ ସମସ୍ୟା ହେବାର ମୁଖ୍ୟ କାରଣ ହେଲା ଜିଲ୍ଲାରେ ଶତାଧିକ ଯୋଜନା କାର୍ଯ୍ୟକାରୀ ହୋଇ ତାର ବ୍ୟାପକ ବାଟ ମାରଣା ହେବା । ଏହି ଶ୍ରମିକ ବେପାରରେ ନେତା, ପୋଲିସ, ଅସାଧୁ କର୍ମଚାରୀ ଓ କୁଜି ନେତା ମାନଙ୍କ ଜାଣତରେ ହେଉଥିବା ସ୍ପଷ୍ଟ ହୋଇ ଆସୁଛି । ହେଲେ ଦାଦନ ରୋକିବାରେ ଏହି ଯୋଜନା ଜିଲ୍ଲା ଫେଲ ମାରୁଥିବା ଅଭିଯୋଗ ହେଉଛି । ଜିଲ୍ଲାର ମହାନ ଗଣ ପର୍ବ ନୂଆଖାଇ ପରେ ଶ୍ରମିକ ଶ୍ରେଣୀର ଲୋକେ ଦାଦନ ଖଟି ଯିବା ପାଇଁ ଦଲାଲ ମାନଙ୍କ ଠାରୁ ଟଙ୍କା ବଇନା ନେଇଥାନ୍ତି । ଚଳିତ ବର୍ଷକୁ ମିଶାଇ ତଗାତାର ୬ ବର୍ଷ ଧରି ବର୍ଷାଭାବ ଯୋଗୁଁ ମରୁଡି ପରିସ୍ଥିତିର ସମ୍ମୁଖିନରେ ପଡି ଏଠାକାର ଚାଷୀ, ଶ୍ରମିକ କାମଧନ୍ଦାର ଅନ୍ୱେଷଣରେ ଦାଦନ ଖଟି ଯାଉଛନ୍ତି । ରାଜ୍ୟ ସରକାର ସହ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପର୍ଯ୍ୟାପ୍ତ କାମ ଯୋଗାଇ ଦେଇ ଦାଦନ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି ।

# ଅକ୍ଟୋବର ବିପ୍ଳବର ୧୦୪ ତମ ବାର୍ଷିକୀ ପାଳନ

କୋରେଇ,୯।୧୧ (ନି.ପ୍ର): ସିପିଆଇଏମ ଭୁବନେଶ୍ୱରପୁର ଆଂଚଳିକ କମିଟି ପକ୍ଷରୁ ମହାନ ଅକ୍ଟୋବର ବିପ୍ଳବର ୧୦୪ ତମ ବାର୍ଷିକୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପାର୍ଟି କାର୍ଯ୍ୟାଳୟ ସାମ୍ୟଭବନ ପରିସରରେ ଲାଲା ପତାକା ପାର୍ଟି ବ୍ରାଂଚ ସମ୍ପାଦକ ମାଧବ କୁଣ୍ଡୁଙ୍କ ଦ୍ୱାରା ଉତୋଳନ କରାଯାଇଥିଲା । ଏହା ପରେ ସନ୍ଧ୍ୟାରେ ପାର୍ଟିର ଆଂଚଳିକ କମିଟି ସମ୍ପାଦକ ସୁରେଶ ସାହୁଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା । ଉକ୍ତ ସଭାରେ ଜିଲ୍ଲା କମିଟି ସଭ୍ୟ ଡା. ନିର୍ମଳ ରଥ, ଗଣେଷ ସାହୁ ଓ ଭର୍ଚୁଆଲ ମାଧ୍ୟମରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ସନ୍ତୋଷ ଦାସ ପ୍ରମୁଖ ଅକ୍ଟୋବର ବିପ୍ଳବ ସର୍ମ୍ପକରେ ସେମାନଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ । ୧୯୧୭ ନଭେମ୍ବର ୭ରେ ବିଜୟ ମଣ୍ଡିତ ହୋଇଥିବା ସମାଜବାଦୀ ବୀପ୍ଳବ ବା ଅକ୍ଟୋବର ବିପ୍ଳବ ସମସ୍ତ ଶ୍ରମିକ ଶ୍ରେଣୀ ପାଇଁ ପ୍ରେରଣାର ଉତ୍ସ । ଏହି ବିପ୍ଳବ ପୁଂଜିବାଦ ଇତିହାସର ଶେଷ କଥା ନୁହେଁ । ମଣିଷ ଉପରେ ମଣିଷର ଶୋଷଣ, ଅତ୍ୟାଚାର ଓ ଉତ୍ପୀଡନର ଅବସାନ କେବଳ ସମାଜବାଦ ବ୍ୟବସ୍ଥା ଦ୍ୱାରା ହିଁ ସମ୍ଭବ । ଏହି ବିପ୍ଳବର ବିଜୟ ପ୍ରମାଣିତ କରିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରତ୍ୟୁଷ ସାହୁ, ଅଭୟ ଓଝା, ସୁବ୍ରତ ଜେନା, କିର୍ତନ ସାହୁ, ବ୍ରଜଭାନୁ ପାଣିଗ୍ରାହୀ, ଅନନ୍ତ ସାହୁ ଓ ନରେନ୍ଦ୍ର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଅସ୍ଥାୟୀ ମେଳା ବ୍ୟବସାୟୀ ସଂଘର ବୈଠକ

କେନ୍ଦ୍ରାପଡ଼ା,୯।୧୧ (ନି.ପ୍ର): ଶ୍ରୀ ବଳଦେବଜୀୟୁ ଅସ୍ଥାୟୀ ମେଳା ବ୍ୟବସାୟୀ ସଂଘର ଏକ ବୈଠକ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ସଂଘର ଚିତ ରଞ୍ଜନ ମହାନ୍ତିଙ୍କ ଅଧକ୍ଷତା ରେ ଅସ୍ଥାୟୀ ଉଠା ଦୋକାନୀ ମାନଙ୍କ ବୈଠକରେ ସଂଘର ସଭାପତି ତଥା ସାମ୍ବାଦିକ ମହମ୍ମଦ ଇଲିଆସ, କାର୍ଯ୍ୟକାରୀ ସଭାପତି ରମଣି ରଞ୍ଜନ ରାଉତରାୟ ସମସ୍ୟା ଉପରେ ଆଲୋଚନା କରାଯିବା ସହ ବ୍ଲକର କର୍ମକର୍ତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ବିଭିନ୍ନ ପୂଜା, ମେଳା, ଯାତ୍ରା ଓ ପର୍ବପର୍ବାଣୀ ରେ ଅସ୍ଥାୟୀ ଉଠା ଦୋକାନ ଖୋଲି ବ୍ୟବସାୟ କରିବା ସହ ଯାତ୍ରା , ମେଳା , ମହୋତ୍ସବ କୁ ଆସୁଥିବା ଗ୍ରାହକ ମାନଙ୍କୁ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ସେବା ପ୍ରଦାନ କରୁଥିବା ଏହି ଦୋକାନୀ ମାନେ ଦୀର୍ଘ ୮ମାସ ହେଲା କରୋନା ମହାମାରୀ କଟକଣା ପାଇଁ ଜୀବିକା ଅର୍ଜନ କରିବାରେ ସଂକଟରେ ପଡିଛନ୍ତି । ଧାର୍ମିକ ପୀଠ ଗୁଡିକ ବନ୍ଦ ରହିବା ସହ ସାମୁହୀକ ଗହଳି ଓ ସମାଗମ କୁ ବାରଣ କରାଯାଇ ଥିବାରୁ ଏହି ଉଠା ଦୋକାନୀ ମାନଙ୍କ ବ୍ୟବସାୟ ଏକ ପ୍ରକାର ବନ୍ଦ ହୋଇଯାଇଛି । ସରକାର ବିଭିନ୍ନ ବର୍ଗର ଲୋକ ମାନଙ୍କୁ ସହାୟତା ଯୋଗାଉ ଥିବା ବେଳେ ଦରିଦ୍ର ଶ୍ରେଣୀର ଏହି ବ୍ୟବସାୟୀ ମାନଙ୍କ ସମସ୍ୟା ପ୍ରତି ଆଖିବୁଜି ଦେଇଥିବାରୁ ବୈଠକରେ କ୍ଷୋଭ ପ୍ରକାଶ କରାଯାଇ ଥିଲା । ଏହି ବୈଠକରେ ରୀନା ସାନା, ତପସ୍ୱନୀ ନାୟକ, ଦିଲିପ ଚନ୍ଦ୍ର ବେହେରା, କାର୍ଣିନା ସାହୁ, ରାଜେସ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଖୋଲମପୁର ବୌଦ୍ଧବିହାର ବିକାଶ ପାଇଁ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ସ୍ମାରକପତ୍ର

ଭଦ୍ରକ, ୯/୧୧ (ହି.ସ.) - ଭଣ୍ଡାରିପୋଖରୀ ବ୍ଲକର ବିଶ୍ୱ ପ୍ରସିଦ୍ଧ 'ଖୋଲମପୁର ବୌଦ୍ଧବିହାର'ର ସଂରକ୍ଷଣ, ବିକାଶ ଓ ସୁରକ୍ଷା ପାଇଁ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ଗବେଷକ ବିଶ୍ୱମ୍ଭର ରାଉତ ଓ ସ୍ଥାନୀୟ ଟ୍ରଷ୍ଟି କମଳାକାନ୍ତ ନାୟକ ପ୍ରମୁଖ ରବିବାର ସିମୁଳିଆ ଠାରେ ସ୍ମାରକପତ୍ର ପ୍ରଦାନ କରିଥିବା ଜଣାଯାଇଛି । ଏହି ବୌଦ୍ଧବିହାର ସମଗ୍ର ବିଶ୍ୱ ବୌଦ୍ଧକିର୍ତୀ ମାନଚିତ୍ରରେ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରୁଥିଲେ ହେଁ ଏହା ଅବହେଳିତ ହୋଇ ରହିଛି । ଏହାର ରକ୍ଷଣାବେକ୍ଷଣ ଓ ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯିବା ପାଇଁ ମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା । ଓଡିଶାର ଏକମାତ୍ର ବୌଦ୍ଧବିହାର ଭାବେ ଖୋଲମପୁରରେ କେବଳ 'ଅଷ୍ଟମହାଷ୍ଟର୍ଯ୍ୟ' ବୌଦ୍ଧମୂର୍ତି ଅସୁରକ୍ଷିତ ହୋଇ ରହିଛି । ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗର ପର୍ଯ୍ୟବେକ୍ଷଣ ରିପୋର୍ଟ ଅନୁଯାୟୀ ଏଠାରେ ମାଟିତଳେ ପୋତିହୋଇ ରହିଛି 'ବୌଦ୍ଧସ୍ତୁପ' ଓ ଐତିହାସିକ ରାଣୀପୋଖରୀ ମଧରେ ଏକ ବିଶାଳକାୟ 'ବୁଦ୍ଧପ୍ରତିମା' ବୁଡି ରହିଛି ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଥିଲା । ଏହା ସହ ଜରୁରୀ ଭାବେ ଏହି ବୌଦ୍ଧବିହାର ସଂରକ୍ଷଣ ଓ ବିକାଶ ପାଇଁ ଆଠସୂତ୍ରୀ ପ୍ରସ୍ତାବ ଦିଆଯାଇଥିଲା । ସେଗୁଡିକ ମଧରେ ଐତିହାସିକ ରାଣୀପୋଖରୀ ମୂଳରେ ବୁଡି ରହିଥିବା ଏକ ବିଶାଳକାୟ 'ବୁଦ୍ଧପ୍ରତିମା'ର ଉଦ୍ଧାର; ମାଟିତଳେ ପୋତିହୋଇ ରହିଥିବା 'ବୌଦ୍ଧସ୍ତୁପ'ର ପୁନଃରୁଦ୍ଧାର; ରତ୍ନଗିରି ବୌଦ୍ଧ ବିଶ୍ୱବିଦ୍ୟାଳୟ ସଦୃଶ ଖୋଲମପୁର ବୌଦ୍ଧବିହାର ବିଶ୍ୱବିଦ୍ୟାଳୟ 'ମୁଖଶାଳା'ର ସଂରକ୍ଷଣ; ଏହି ଅଂଚଳରେ ବିକ୍ଷିପ୍ତ ଭାବେ ପଡିରହିଥିବା ବୌଦ୍ଧପ୍ରତିମାଗୁଡିକୁ ସଂଗ୍ରାହଳୟକୁ ସ୍ଥାନାନ୍ତର କରିବା; ଚୋରି ଯାଇଥିବା ଦୁର୍ଲଭ ବୌଦ୍ଧପ୍ରତିମାଗୁଡିକୁ ଉଦ୍ଧାର; ଉପଯୁକ୍ତ ଆଲୋକିକରଣ, ସିସିଟିଭି ସ୍ଥାପନ କରାଯିବା ସହ ଜଗୁଆଳି ବ୍ୟବସ୍ଥା; ଭଦ୍ରକ ଜିଲ୍ଲା ପର୍ଯ୍ୟଟନ ମାନଚିତ୍ରରେ ଖୋଲମପୁର ବୌଦ୍ଧବିହାରକୁ ସ୍ଥାନିତ କରାଯିବା ଓ ଉପଯୁକ୍ତ ରାସ୍ତା ନିର୍ମାଣ ସହ ରାଜପଥରେ ଖୋଲମପୁର ବୌଦ୍ଧବିହାର ସୂଚନାଫଳକ ସ୍ଥାପନ କରାଯିବା ଅନ୍ତର୍ଭୁକ୍ତ । ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ସହ ଆଲୋଚନା ପୂର୍ବକ ଚଳିତ ବର୍ଷ ଏହି ସବୁ ଆବଶ୍ୟକତା ପୂରଣ କରିବାକୁ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ପ୍ରତିଶ୍ରୁତି ଦେଇଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ ୨୦୧୪ ମସିହାରେ ସ୍ଥାନୀୟ ବିଧାୟକ ତଥା ତତ୍‌କାଳୀନ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ସାମଲ ଏହି ବୌଦ୍ଧବିହାର ବିକାଶ ପାଇଁ ପ୍ରାୟ ୩୫ଲକ୍ଷଟଙ୍କା ବ୍ୟୟବରାଦ କରିଥିଲେ । ଏହାଦ୍ୱାରା ଗୋଟିଏ ସଂଗ୍ରାହଳୟ ନିର୍ମାଣ କରାଯାଇ ପାଚେରୀ ନିର୍ମାଣ କରାଯାଇଥିଲା ।

# ପରିବେଶ ବିଜ୍ଞାନୀ ପାଇଁ ବହୁ ସୁଯୋଗ ରହିଛି

ନବରଙ୍ଗପୁର,୯।୧୧ (ନି.ପ୍ର): ପ୍ରତ୍ୟେକ ବିଦ୍ୟାର୍ଥୀ ପରିବେଶ ବିଜ୍ଞାନ ଆରହଣ ସହ ପରିବେଶ ବିଜ୍ଞାନ ପ୍ରତି ଅଧିକଆକୃଷ୍ଟ ହେବା ଦରକାର ବୋଲି ରାଷ୍ଟ୍ରୀୟ ବନସ୍ପତି ଗବେଷଣା ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ସରୋଜକାନ୍ତ ବାରିକ ପରାମର୍ଶ ଦେଇଛନ୍ତି । "ମୁ'ବି ସମର୍ଥ"କ୍ୟାରିୟର ବିକାଶ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଫେସର ବାରିକ ଅର୍ଥନୀତି, ଆଇନ, ସମାଜବିଜ୍ଞାନ ସହ ପଦାର୍ଥବିଗନ, ରସାୟନବିଜ୍ଞାନ, ଜୀବ ବିଗନ,ଓ ବନସ୍ପତି ବିଜ୍ଞାନ ଭଳି ପାଠ୍ୟକ୍ରମଦ୍ୱାରା ପରିବେଶ ବିଗନୀ ହୋଇପାରିବେ ବୋଲି ପ୍ରକାଶ କରିଛନ୍ତି । ଜେ.ଏସ .ଡବ୍ଲ୍ୟୁ, ମୁମ୍ବାଇର ମୁଖ୍ୟପରିଚାଳକ ଡଃ.ଆନନ୍ଦ ରାୟ ଯୋଗଦେଇ ଶିଳ୍ପାୟନ ବଢୁଥିବାରୁ ଶିଳ୍ପସଂସ୍ଥାରେ ପରିବେଶ ବିଜ୍ଞାନର ଚାହିଦା ବୃଦ୍ଧି ପାଇବାରେ ଲାଗିଛି । ତେଣୁ ବିଦ୍ୟାର୍ଥୀମାନଙ୍କର ପାଇଁ ଶିଳ୍ପ ସଂସ୍ଥାରେ ଅନେକ ସୁଯୋଗ ରହିଛି ବୋଲି ଡଃ.ରାୟ ପ୍ରକାଶ କରିଛନ୍ତି । ଚେନ୍ନେଇସ୍ଥିତ ଭାରତୀୟ କୃଷି ଗବେଷଣା ସଂସ୍ଥାନ ଅଧିନସ୍ଥ କେନ୍ଦ୍ରୀୟ ଖାରାଜଳ ଜୀବ ପରିପାଳକ ସଂସ୍ଥାନର ପ୍ରଧାନବୈଗନିକ ଡଃ.ସରସ୍ୱତୀ .ଆର ଯୋଗଦେଇ ଜୀବ ବଜ୍ଞାନରେ ରହିଥିବା ସୁଯୋଗ ସମ୍ପର୍କରେ ପ୍ରକାଶ କରିଥିଲେ । ଗୁଜୁରାଟ ଆନନ୍ଦ ସ୍ଥିତ ନଧୁବାଇ ପଟେଲ କଲେଜର ସହକାରୀ ପ୍ରଫେସର ଡଃ.ସୁସ୍ମିତା ସାହୁ ଯୋଗଦେଇ ପରିବେଶ ବିଜ୍ଞାନରେ ଛାତ୍ରଛାତ୍ରୀ ଅଧିକ ଯତ୍ନବାନ ହେବା ସହ ପରିବେଶ ସଂରକ୍ଷଣ ପାଇଁ ଉତରଦାୟୀ ହେବା ଆବଶ୍ୟକ ବୋଲି କହିଥିଲେ । ଭୁବନେଶ୍ୱର ସ୍ଥିତ ସିଏସଆଇଆଇଏମଟି ସଂସ୍ଥାର ପ୍ରଧାନବୈଗନିକ ଡଃ.ମନିଷ କୁମାର ଯୋଗଦେଇ ପରିବେଶ ବିଜ୍ଞାନୀ ପାଇଁ ସିଏସଆଇଆର,ଆଇସିଏଆର, ଶିଳ୍ପ ସଂସ୍ଥା ଏବଂ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ର ଗବେଷକ ହେବା ସହ ଅଧ୍ୟାପନାରେ ଯୋଗଦେଇ ପାରିବେ ବୋଲି ସେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ଲକ୍ଷ୍ମୀନାରାୟଣ ବର୍କ୍ସି ବିଶ୍ୱର ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ପରିବେଶ ବିଜ୍ଞନୀ ଙ୍କର ପାଇଁ କର୍ମସଂସ୍ଥାନ ଅନେକ ମାତ୍ରାରେ ବଢୁଥିବା ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଓଡିଶା ସମେତ ତାମିଲନାଡୁ, ମହାରାଷ୍ଟ୍ର ଓ ଗୁଜରାଟର ବିଦ୍ୟାର୍ଥୀ ଯୋଗଦେଇ କ୍ୟାରିୟର ସମ୍ବନ୍ଧରେ ଭାଗ ନେଇଥିଲେ ।

## ହିନ୍ଦୁ ଦେବାଦେବୀଙ୍କୁ ଅପମାନ ଘଟଣା- ଅଭିଯୁକ୍ତଙ୍କୁ ଗିରଫ ପରେ ଛଡାଗଲା

ନୂଆପଡା,୯।୧୧ (ନି.ପ୍ର): ଫେସବୁକରେ ଏକ ଜାଲ ଏକାଉଣ୍ଟ ଖୋଲି ହିନ୍ଦୁଧର୍ମର ଦେବାଦେବୀଙ୍କ ଅଶ୍ଳୀଳ ଫୋଟୋ ପୋଷ୍ଟ କରି ବିବାଦୀୟ ମନ୍ତବ୍ୟ ଛାଡୁଥିବା ଅଭିଯୋଗରେ ଖଡିଆଳ ପୁଲିସ ଜଣେ ମୁସଲିମ ଯୁବକଙ୍କୁ ଗିରଫ କରିଛନ୍ତି । ଗିରଫ ଯୁବକ ଜଣକ ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ବିରିଘାଟ ଗ୍ରାମର ବୋଲି ଜଣାପଡିଛି । ଯୁବକଙ୍କ କରୋନା ପୋଜିଟିଭ ଥିବାରୁ ତାଙ୍କୁ ପୁଲିସ (୪୧) ରେ ଏକ ନୋଟିସ ଦେଇ ଛାଡି ଦେଇଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ ଖଡିଆଳ ବ୍ଲକ ନେହେନା ପଂଚାୟତର ବିଛନାପାଲି ଗ୍ରାମର ଧନଞ୍ଜୟ ମଲ୍ଲିକ ନାମକ ବ୍ୟକ୍ତିଙ୍କ ନାମରେ ଉକ୍ତ ବ୍ୟକ୍ତି ଫେସବୁକରେ ଜାଲ ଏକାଉଂଟ ଖୋଲି ହିନ୍ଦୁ ଧର୍ମ ବିରୋଧି ପୋଷ୍ଟ ସହ ଲେଖା ଛାଡିଥିଲେ । ଏନେଇ ଧନଞ୍ଜୟ ମଲ୍ଲିକ, ବଜରଙ୍ଗ ଦଳ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କର୍ମକର୍ତା ଥାନାକୁ ଯାଇ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଥିଲେ ।

# ଛିଡା ହୋଇଥିବା ଟ୍ରକ ପଛରେ ଧକ୍କା ଦେଲା ସ୍କୁଟି, ଘଟଣାସ୍ଥଳରେ ଛାତ୍ରୀଙ୍କର ମୃତ୍ୟୁ, ଜଣେ ଗୁରୁତର

ଧର୍ମଶାଳା,୯।୧୧ (ନି.ପ୍ର): ୧୬ ନଂ ଜାତୀୟ ରାଜପଥରେ ଦୁର୍ଘଟଣା । ଛିଡା ହୋଇଥିବା ଟ୍ରକ ପଛରେ ଧକ୍କା ଦେଲେ ସ୍କୁଟି । ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ଏଭଳି ଘଟଣା ଘଟିଛି ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ରଥବଆ ନିକଟରେ । ମୃତ ଛାତ୍ରୀ ଜଣକ ହେଲେ ଧର୍ମଶାଳା ବ୍ଲକ ନେଉଳପୁର ଗ୍ରାମର ସନ୍ତୋଷ କୁମାର ବେହେରାଙ୍କ ମଝିଆ ଝିଅ ଶ୍ୱେତା(୧୫) ହୋଇଥିବା ବେଳେ ବଡ ଝିଅ ସଂଗୀତା(୧୮) ଗୁରୁତର ଆହତ ହୋଇ ଥିବା ଜଣାପଡିଛି । ସୂଚନା ମୁତାବକ ଆଜି ସକାଳ ସମୟରେ ୧୬ ନଂ ଜାତୀୟ ରାଜପଥ ରଥିଆ ନିକଟରେ ରାସ୍ତା କଡରେ ଏକ ଟ୍ରକ ଛିଡା ହୋଇଥିଲା । ତେବେ ନେଉଳପୁର ଗ୍ରାମର ସନ୍ତୋଷଙ୍କ ମଝିଆ ଝିଅ ଶ୍ୱେତା ଓ ବଡ ଝିଅ ସଂଗୀତା ଦୁହେଁ ଏକ ନାଲି ରଂଗର ଆକ୍ଟିଭା ସ୍କୁଟି ଯୋଗେ ଟିୟୁସନ ହେବା ପାଇଁ ଜାଉକା ଆସୁଥିବା ସମୟରେ ଛିଡା ହୋଇଥିବା ଟ୍ରକ ପଛକୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ଶ୍ୱେତାଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ବଡ ଝିଅ ସଂଗୀତା ଗୁରୁତର ଆହତ ହୋଇଥିଲେ । ଖବର ପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପଂହଚି ସଂଗୀତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିବା ବେଳେ ମୃତ ଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ବଡଚଣା ମେଡିକାଲକୁ ପଠାଇବା ସହ ୨ଟି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଚଳାଇଛି ଧର୍ମଶାଳା ପୋଲିସ । ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ମୃତା ଶ୍ୱେତା ୧୦ମ ଶ୍ରେଣୀର ଛାତ୍ରୀ ବୋଲି ଜଣାପଡିଛି ।

# ଧନପୁର ସିତାରାମ ସେବା ସମିତି ପକ୍ଷରୁ ରକ୍ତଦାନ ଶିବିର

କୋରେଇ,୯।୧୧ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ପଂଚାୟତର ଧନପୁର ଗ୍ରାମର ସିତାରାମ ସେବା ସମିତି ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଯାଜପୁରରେଡକ୍ରସ ସହାୟତାରେ ଏହି ଶିବିର ଆୟୋଜନ କରାଯାଇଥିବା ବେଳେ ସମିତିର ସଦସ୍ୟ ଓ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହା କରାଯାଇଥିଲା । ଏହି ଶିବିରରେ ମୋଟ ୫୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ପୂର୍ବତନ ସରପଂଚ ରାଜେନ୍ଦ୍ର ରାଉତ ଅତିଥିଭାବେ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଶଙ୍ଖଚିଲା ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଶୁଭ୍ରାଂଶୁ ଶେଖର ମହାନ୍ତି, ଯାଜପୁର ରେଡକ୍ରସ ପକ୍ଷରୁ ପାର୍ଥ ସାରଥି ପୁହାଣ, ପ୍ରକାଶ ରଂଜନ ପଣ୍ଡା, ହୃଷିକେଶ ଜେନା, ତରୁଣ ନାୟକ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଯୁଧିଷ୍ଠିର ସାହୁ, ନାରାୟଣ ସାହୁ, ଆନନ୍ଦ ବେହେରା, ଦିଲ୍ଲୀପ ବେହେରା, ସୁଧାଂଶୁ ଶେଖର ସାହୁ, ଦଶରଥ ସାହୁ, କାଳନ୍ଦୀ ସାହୁ, ପମୋଦ ସାହୁ, ବିଭୂତି ଉପାଧ୍ୟାୟ, ରାମେଶ୍ୱର ସାହୁ, ପ୍ରୀୟବ୍ରତ ମାଝୀ, ବିଭୂତି ସାହୁ, ସରୋଜ ସ୍ୱାଇଁ, ଗଗନ ବେହେରା, ପ୍ରଳୟ ସାହୁ, ବିନୟ ମହାରଣା, ସୁରେଶ ମଳିକ, ସୌମ୍ୟ ରଂଜନ ସାହୁ, ବିଶ୍ୱଜିତ ବୋଇତାଇ, ଚକ୍ରଧର ବେହେରା, ପଂଚାନନ ସେଠୀ, ମୋହନ ବେହେରା, କମଲ ସାହୁ, ଏକନ ସେଠୀ, ପ୍ରମୋଦ ସ୍ୱାଇଁ, ନାରାୟଣ ବୋଇତାଇ, ମଧୁସୂଦନ ବାରିକ, ବସନ୍ତ ପରିଡା, ବିଜୟ ପରିଡା, କୃଷ୍ଣ ଚନ୍ଦ୍ର ସାହୁ, ପ୍ରଶାନ୍ତ ସାହୁ, ପଂଚାନନ ବେହେରା, ନିତ୍ୟାନନ୍ଦ ବାରିକ, ଶ୍ରୀଧର ସ୍ୱାଇଁ, ଗୋପିନାଥ ପାଢୀ, କାର୍ତିକ ସାହୁ, ରବି ନାରାୟଣ ମାଝୀ, ଜଗତ ମହାନ୍ତି, ଅନିଲ ବୋଇତାଇ, ଅକ୍ଷୟ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଦିନକରେ ଚିହ୍ନଟ ୧୦୭ କରୋନା ପଜିଟିଭ୍ : ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୧୦,୮୮୪କୁ ବୃଦ୍ଧି

ବାଲେଶ୍ୱର,୯।୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ଗତ କିଛିଦିନ ଧରି ହ୍ରାସ ପାଇଥିବା କରୋନା କାୟା ବିସ୍ତାର ସମ୍ପ୍ରତି ପୁଣି ବଢ଼ିବାରେ ଲାଗିଛି। ଗତ ୧୫ ଦିନ ପୂର୍ବରୁ ଦୈନିକ ସଂକ୍ରମଣ ହାର ୫୦ର ନିମ୍ନକୁ ଚାଲି ଆସିଥିବା ବେଳେ ଏବେ ୧୦୦ ଅତିକ୍ରମ କରିବାରେ ଲାଗିଛି। ଗତକାଲି ୯୯ଜଣ ନୂଆ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଆଜି ଗୋଟିଏ ଦିନରେ ୧୦୭ ଜଣ ଚିହ୍ନଟ ହୋଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୧୦ ହଜାର ୮୮୪ରେ ପହଞ୍ଚିଛି। ତେବେ ସେହି ଅନୁପାତରେ ସୁସ୍ଥ ବୃଦ୍ଧି ପାଇଁ ଆଜି ସୁଦ୍ଧା ମୋଟ ୧୦,୨୦୦ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୬୦୭ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି। ଅନ୍ୟପକ୍ଷରେ ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥାଇ କରେନା କରୋନା ପଜିଟିଭ୍ ଥିବା ବାଲେଶ୍ୱରର ୫୫ ବର୍ଷର ଜଣେ ମହିଳାଙ୍କର ଆଜି ମୃତ୍ୟୁ ହୋଇଯାଇଛି। ଜୀବନ ଯାଇନଥିବା ବେଳେ ଅଦ୍ୟାବଧି ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୭୨ରେ ପହଞ୍ଚିଛି। ତେବେ ଜିଲ୍ଲାରେ ଶୀତର ଲହରି ଆରମ୍ଭ ହୋଇଯାଇଥିବା ବେଳେ କରୋନା ପ୍ରକୋପ ପୁନର୍ବାର ବୃଦ୍ଧି ପାଇବାର ଯଥେଷ୍ଟ ଆଶଙ୍କା ରହିଛି। ଏଭଳି ସ୍ଥିତିରେ ଜିଲ୍ଲାବାସୀ ଅଧିକ ସତର୍କ ରହିବା ସହ ସାମାଜିକ ଦୂରତା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

## ଯଶସ୍ୱୀ ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ପାଢ଼ୀ ଆଉ ନାହାଁନ୍ତି



ଉଦଳା,୯।୧୧ (ନି.ପ୍ର): କୁଶଳଦା ହାଇସ୍କୁଲର ପୂର୍ବତନ ଆଦର୍ଶ ପ୍ରଧାନ ଶିକ୍ଷକ ତଥା ରାଜ୍ୟର ବିଶିଷ୍ଟ ଶିକ୍ଷାବିତ ସୂର୍ଯ୍ୟନାରାୟଣ ପାଢ଼ୀଙ୍କର ଗତ ୦୬-୧୧-୨୦ ରିଖ ସନ୍ଧ୍ୟା ୬.୪୫ ମି. ସମୟରେ ତାଙ୍କର ମଧ୍ୟମ ପୁତ୍ର ତଥା ଜିଲ୍ଲା ବନଖଣ୍ଡ ଅଧିକାରୀ ବଟକୃଷ୍ଣ ପାଢ଼ୀଙ୍କ ବାସଭବନରେ ପରଲୋକ ହୋଇ ଯାଇଛି। ଅଦ୍ୟ କୁଶଳଦାସ୍ଥ ତାଙ୍କର ବାସ ଭବନରେ ତାଙ୍କୁ ଶେଷ ଦର୍ଶନ ପାଇଁ କୁଶଳଦା ହାଇସ୍କୁଲର ପୁରାତନ ଛାତ୍ର ଛାତ୍ରୀ ସଂଘର ସଭାପତି ଯତୀନ୍ଦ୍ର ମୋହନ ଶତପଥି ଓ ସଂପାଦକ ରବିକାନ୍ତ ମହାପାତ୍ରଙ୍କ ଆହ୍ୱାନ କ୍ରମେ ତାଙ୍କର ଶେଷ ଦର୍ଶନ ପାଇଁ ଶତାଧିକ ପୁରାତନ ଛାତ୍ର ଛାତ୍ରୀ ରୁଣ୍ଡ ହେଇଥିବା ବେଳେ ତାଙ୍କ ମରାରୀରକୁ ଏକ ସୁସଜ୍ଜିତ ଖୋଲା ଗାଡ଼ିରେ ପ୍ରଥମେ ପୂର୍ବ କର୍ମସ୍ଥଳ କୁଶଳଦା ହାଇସ୍କୁଲ ପରିସର, ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ୰ଅନ୍ତର୍ଯ୍ୟାମୀ ବେହେରାଙ୍କ ବାସଭବନ, କୁଶଳଦା ଗ୍ରାମ, ଜୟପୁର, ଦାମାସାହି, ହାତୀକୋଟ ଓ ସାଇଁକୁଳା ପ୍ରଭୃତି ବିଭିନ୍ନ ଗ୍ରାମ ମାନଙ୍କୁ ପରିକ୍ରମା କରାଯାଇଥିଲା। ଏହି ପରିକ୍ରମାରେ ତାଙ୍କର ଅଗଣିତ ପ୍ରିୟ ଛାତ୍ର ଛାତ୍ରୀ ଏକ ମୋଟରସାଇକେଲ ରାଲିରେ ଯାତ୍ରା କରିଥିଲେ। ଏହି ଶବ ଯାତ୍ରାରେ ପ୍ରମୁଖ ବ୍ୟକ୍ତି ମାନଙ୍କ ମଧ୍ୟରେ ପୁରାତନ ଛାତ୍ର ତଥା କାର୍ଯ୍ୟକାରିଣୀର କାର୍ଯ୍ୟକାରୀ ସଭାପତି ସନାତନ ଜେନା, ଉପସଭାପତି ଦିବାକର ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଶିଧର ବାରିକ, ଛାତ୍ର ସଂଘର ସହ ସଂପାଦକ ପ୍ରିୟବ୍ରତ ବାରିକ, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷିକା ଓ କର୍ମଚାରୀ ବୃନ୍ଦ, ପୁରାତନ ଛାତ୍ର ତଥା ବିଶିଷ୍ଟ ଶିକ୍ଷାବିତ୍ , ଲକ୍ଷ୍ମୀଧର ପୁଥାଳ, ଆଦିକନ୍ଦ ବେଜ, କୁଳମଣି ନାୟକ, ମନମୋହନ ମହାପାତ୍ର, ଜଗନ୍ନାଥ ମହାନ୍ତି, ମଶାଲର ସଂପାଦକ ଅଧ୍ୟାପକ କରୁଣାକର ମହାପାତ୍ର, ପୁରାତନ ଛାତ୍ର ଚନ୍ଦ୍ରଶେଖର ଦାସ, ଅମ୍ବୁଜ କୁମାର ପରିଛା, ଅନାଦି ଚରଣ ପୁହାଣ, ଶ୍ୟାମସୁନ୍ଦର ପୁହାଣ, ମାନବେନ୍ଦ୍ର ରାୟ, ଅକ୍ଷୟ କୁମାର କମିଳା, ହିରେନ କୁମାର ରାୟ, ଭଗବାନ ନାୟକ, ସରୋଜ କୁମାର ରାଜ, ବରୋଜ କୁମାର ରାଜ, ଭାବଗ୍ରାହୀ ମହାନ୍ତି, ପ୍ରବୀଣ କୁମାର ପଶା, ବେଣୁଧର ପରିଡ଼ା, ଉପେନ୍ଦ୍ର ନାଥ ସାହୁ, କ୍ଷେତ୍ରମୋହନ ମିଶ୍ର, ହରିଶ୍ଚନ୍ଦ୍ର ବେହେରା, ଭବାନୀ ଶଙ୍କର ମହାପାତ୍ର, ମନ୍ମଥ କୁମାର ମହାପାତ୍ର ଓ ଅମର କୁମାର ନାୟକ ପ୍ରଭୃତି, ବରଜ କୁମାର ରାଜ ଶବଯାତ୍ରାରେ ଉପସ୍ଥିତ ରହିବା ସହ ପୁଷ୍ପାର୍ଘ୍ୟ ପ୍ରଦାନ ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ତାଙ୍କର ଜ୍ୟେଷ୍ଠ ପୁତ୍ର ଅଜୟ କୁମାର ପାଢ଼ୀ, କନିଷ୍ଠ ପୁତ୍ର ସଞ୍ଜୟ କୁମାର ପାଢ଼ୀ, ତାଙ୍କର ଦୁଇ କନ୍ୟା, ଜ୍ୱାଇଁ ଓ ଅନ୍ୟାନ୍ୟ ସଦସ୍ୟ/ ସଦସ୍ୟା ମାନେ ଉପସ୍ଥିତ ଥିଲେ। ୰ ପାଢ଼ୀଙ୍କର ଜ୍ୟେଷ୍ଠ ପୁତ୍ର ଅଜୟ କୁମାର ପାଢ଼ୀ ମୁଖାଗ୍ନି ପ୍ରଦାନ କରିଥିଲେ। ୰ ପାଢ଼ୀ ତାଙ୍କର ଚାକିରି ଜୀବନ ନିଜ ଜିଲ୍ଲା କରାପୁଟର ଜୟପୁର ଉଚ୍ଚ ବିଦ୍ୟାଳୟରୁ ସହକାରୀ ଶିକ୍ଷକ ଭାବେ ଆରମ୍ଭ କରି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଅବିଭକ୍ତ କଟକ ଜିଲ୍ଲାର କରିଲୋପାଟଣା ଓ ନେମାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ। ତେବେ କୁଶଳଦା ଭଳି ଏକ ଆଦର୍ଶ ବିଦ୍ୟାଳୟ କଥା ଶୁଣି ସେ ୧୯୬୧ ମସିହାରେ କୁଶଳଦା ହାଇସ୍କୁଲର ପ୍ରଧାନ ଶିକ୍ଷକ ପଦବୀରେ ଯୋଗଦାନ କରିଥିଲେ। ତାଙ୍କର ଯୋଗଦାନ ଠାରୁ ଶିକ୍ଷାଦାନ କ୍ଷେତ୍ରରେ ବିଦ୍ୟାଳୟକୁ ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରାଇବାରେ ସେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ତାଙ୍କ ସମୟରେବିଦ୍ୟାଳୟରେ ପୂର୍ବରୁ ଆରମ୍ଭ ହୋଇଥିବା ସୁବର୍ଣ୍ଣ ଯୁଗର ଶେଷ ସ୍ୱର୍ଶ ଲାଗିଥିଲା। ବିଦ୍ୟାଳୟରେ ତାଙ୍କର ଦିର୍ଘ ରହଣୀ କାଳ ମଧ୍ୟରେ ବିଦ୍ୟାଳୟରୁ ଅଗଣିତ ଛାତ୍ର ଛାତ୍ରୀ ସଫଳତାର ଶିଖର ଦେଶରେ ପହଞ୍ଚିଥିବା ବେଳେ ଏହି ବିଦ୍ୟାଳୟରେ ଶିକ୍ଷାଲାଭ କରି ଅରବିନ୍ଦ ବେହେରା ଆଇ.ଏ.ଏସ୍. ପାଇଥିବା ବେଳେ, ବନବିହାରୀ ତରେଇ ଆଇ.ଏଫ.ଏସ୍. ଓ ବିରଭଦ୍ର ସିଂହ ରାଜ୍ୟର ମନ୍ତ୍ରୀ ଓ ସାଂସଦ ହୋଇପାରିଥିଲେ। ୰ପାଢ଼ୀଙ୍କର ବିୟୋଗରେ ଏହି ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳି ଯାଇଛି।

## ଜାତୀୟ ଆଇନ ସେବା ପ୍ରାଧିକରଣ ଦିବସ ପାଳିତ

ଗୁଣପୁର,୯।୧୧ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣପୁର ତାଲୁକା ଆଇନ ସେବା ପ୍ରାଧିକରଣ ତରଫରୁ ଜାତୀୟ ଆଇନ ସେବା ପ୍ରାଧିକରଣ ଦିବସ ୱେବିନେର ମାଧ୍ୟମରେ ପାଳିତ ହୋଇଯାଇଛି। ଏଥିରେ ଗୁଣପୁର ଅତିରିକ୍ତ ଜିଲ୍ଲା ଜର୍ଜ ଅକ୍ଷୟ କୁମାର ପ୍ରଧାନ, ସବଜର୍ଜ ସଙ୍ଗୀତା ମଲିକ, ଜେଏମଏଫ୍ସି ଦୀପଙ୍କର ବଳ, ଓକିଲ ରମେଶ ଲିମା, ଗୁଣପୁର କଲେଜ ଅଧକ୍ଷ ବାମ ଦେବ ମିଶ୍ର, ପଦ୍ମପୁର ଆରଜି କଲେଜ ଅଧକ୍ଷ ଉଦୟ ଚନ୍ଦ୍ର ସାହୁ,ଓକିଲ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ଓକିଲ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସମସ୍ତ ମାଗଣା ଆଇନ ଉପରେ ଆଲୋକପାତ ହୋଇଥିଲା। ଏହି ୱେବିନେରରେ ଓକିଲ ରମେଶ ଲିମା ଅତିଥି ପରିଚୟ ପ୍ରଦାନ ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟରେ ୫ଟି ଉଡ଼ାଣ ଏୟାରପୋର୍ଟ ପାଇଁ ଦାବି

ଭୁବନେଶ୍ୱର,୯।୧୧ (ନି.ପ୍ର): କେନ୍ଦ୍ର ସରକାର ଆଂଚଳିକ ଯୋଗାଯୋଗକୁ ବ୍ୟାପକ ଓ ବିକଶିତ କରିବା ସହ ସମସ୍ତଙ୍କ ପାଇଁ ଆକାଶପଥକୁ ସୁଗମ ଓ ଏହା ମାଧ୍ୟମରେ ଅର୍ଥନୈତିକ ବିକାଶକୁ ସୁନିଶ୍ଚିତ କରିବାକୁ ଉଡ଼ାଣ ଯୋଜନାରେ ଦେଶରେ ୧୦୦ଟି ଏୟାରଷ୍ଟ୍ରିପକୁ ବିକଶିତ କରିବାକୁ ଯୋଜନା କରିଛନ୍ତି। ଓଡ଼ିଶାରେ ମଧ ତିନୋଟି ଏୟାରଷ୍ଟ୍ରିପ ଏହି ଯୋଜନାରେ ଅଛି ହେଲେ ଆଉ ପାଂଚୋଟି ଏୟାରପୋର୍ଟ ରଙ୍ଗେଇଲୁଣ୍ଡା, କୋଣାର୍କ, କଳିଙ୍ଗନଗର, ପାରାଦ୍ୱୀପ ଓ ରାସଗୋବିନ୍ଦପୁରରେ ଏହି ଯୋଜନାରେ ସାମିଲ୍ କରି ବିମାନ ଚଳାଚଳକୁ ସୁଗମ କଲେ ଓଡ଼ିଶାର ଅର୍ଥନୈତିକ ବିକାଶ ସହ ପର୍ଯ୍ୟଟନ ବିକାଶରେ ଏକ ମାଇଲଖୁଂଟ ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀ କରି ଓଡ଼ିଶା ନାଗରିକ ସମାଜ, ଆମ ଜନତା ଅଧିକାର ଓ ମୁମ୍ବାଇ ଓଡ଼ିଆ ଯୁବ ସଂଗଠନ ଦାବି କରିଛି। ଉପରୋକ୍ତ ସ୍ଥାନରେ ଏୟାରଷ୍ଟ୍ରିପ ନିର୍ମାଣ ହେଲେ ଏହା ଓଡ଼ିଶା ତଥା ଦେଶର ବିକାଶରେ ଆଉ ଏକ ନୂଆ ଫର୍ଦ୍ଦଯୋଡ଼ିହେବ। କୋଣାର୍କ ଓ ପୁରୀ ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂଆ ପରିଚୟ ପାଇବ। କଳିଙ୍ଗ ନଗର ଶିଳ୍ପ, ଖଣିର ବିକାଶ ସହ ଯାଜପୁର ଜିଲ୍ଲାର ବୌଦ୍ଧକୀର୍ତ୍ତିର ପ୍ରଚାର ଓ ପ୍ରସାରରେ ସହାୟକ ହେବ। ରଙ୍ଗେଇଲୁଣ୍ଡା ଯୋଗୁ ଗୋପାଳପୁର ବନ୍ଦର, ବେଳାଭୂମି, ବାଣିଜ୍ୟ ଓ ପର୍ଯ୍ୟଟନ ବିକାଶ ସହିତ ପଡ଼ୋଶୀ ରାଜ୍ୟ ମଧ ଲାଭ ପାଇବ ବୋଲି ଆମ ଜନତା ଅଧିକାରର ରାଜ୍ୟ ଆବାହକ ମନୋଜ ଜେନା, ଓଡ଼ିଶା ନାଗରିକ ସମାଜର ଅଧକ୍ଷ ଲଳିତ ମୋହନ ପଟ୍ଟନାୟକ, ମୁମ୍ବାଇ ଓଡ଼ିଆ ଯୁବ ସଂଗଠନର ଅଧକ୍ଷ ନିଳାଂଚଳ ପାତ୍ର, ଆମ ଜନତା ଅଧିକାରର ସହ ଆବାହକ ବାସୁଦେବ ଭଟ୍ଟ, ସାଧାରଣ ସମ୍ପାଦକ ଲଲାଟେନ୍ଦୁ ଶତପଥୀ ପ୍ରମୁଖ ଦାବି କରି ଏକ ପ୍ରତିନିଧିମଣ୍ଡଳ ରାଜଭବନ ଯାଇ ଓଡ଼ିଶାର ରାଜ୍ୟପାଳଙ୍କ ମାଧମରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ସାମ୍ବାଦିକ ପ୍ରବୀର କୁମାର ପ୍ରଧାନଙ୍କ ବିୟୋଗରେ ଶୋକସଭା




ବାରିପଦା ଟାଉନ ,୯।୧୧ (ନି.ପ୍ର): କୋଭିଡ-୧୯ରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା କରୋନା ଯୋଦ୍ଧା ସାମ୍ବାଦିକ ପ୍ରବୀର କୁମାର ପ୍ରଧାନଙ୍କ ଉଦେଶ୍ୟରେ ମୟୂରଭ ଜିଲ୍ଲା ସାମ୍ବାଦିକ ମାନଙ୍କ ପକ୍ଷରୁ ଶଦ୍ଧାଳି ଅର୍ପଣ ପୂର୍ବକ ଆଜି ସନ୍ଧ୍ୟାରେ ୨ୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀ ଶ୍ରୀ ହରିବଳଦେବଜୀଉ ଙ୍କ ମନ୍ଦିର ସମ୍ମୁଖରେ ଏକ ଶୋକ ସବା ।ନୁହ୍ଠିତ ହେବା ସହିତ ଏକ କ୍ୟାଣ୍ଡେଲ ଶୋବା୍ତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଥମେ ଏକ ମିନିଟ ନୀରବ ପ୍ରାର୍ଥନା କରା ଯାଇଥିଲା। ଏଥିରେ ଜିଲ୍ଲାର ଉଭୟ ପ୍ରିଂଟ ଏବଂ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗ ଦେଇ ସ୍ୱର୍ଗତଃ ପ୍ରଧାନଙ୍କୁ କ୍ୟାଣ୍ଡେଲ ଜଳାଇ ଶ୍ରଦ୍ଧାଳି ଅର୍ପଣ କରିବା ସହିତ ତାଙ୍କ ବିୟୋଗରେ ତାଙ୍କ ପରିବାର ବର୍ଗଙ୍କୁ ୫୦ଲକ୍ଷ ଟଙ୍କାର ସରକାରୀ ସହାୟତା ରାଶି ଯଥାଶିଘ୍ର ପ୍ରଦାନ କରାଯିବା ଏବଂ ତାଙ୍କୁ କୋଭିଡ ଯୋଦ୍ଧା ଭାବେ ମରଣୋତ୍ତର ସମ୍ମାନ ପ୍ରଦାନ ପାଇଁ ସରକାରଙ୍କ ନିକଟରେ ଦାବୀ କରା ଯାଇଛି। ନ୍ୟୁଜ୧୮ ଓଡିଆର ଜିଲ୍ଲା ପ୍ରତିନିଧି ରବୀନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଳି ସଭାରେ ବରିଷ୍ଠ ସାମ୍ବାଦିକ ସୁକାନ୍ତ ଜୀଉ, ରନ କୁମାର ଦାଶ, ମନୋଜ କୁମାର ପଣ୍ଡା, ନୀଳାଦ୍ରୀ ଦଣ୍ଡପାଟ, ଦୀପକ କୁମାର ନାୟକ, ମାନଗୋବିନ୍ଦ ପାଣିଗ୍ରାହୀ, ରାଜକିଶୋର ଦାଶ, ରୂପମ୍ ସ୍ୱାଇଁ, ସୁବ୍ରତ ଦାସ, ସୁବ୍ରତ ପ୍ରଧାନ, ପ୍ରିୟବ୍ରତ ମିଶ୍ର, ଅକ୍ଷୟ ଅଗ୍ରୱାଲ, ଲକ୍ଷ୍ମଣ ଜେନା, ବିଶ୍ୱଜିତ ଭୂୟାଁ, ଦେବେନ୍ଦ୍ର ନାଥ ଦାଶ, ସନ୍ତୋଷ ପରିଡ଼ା, ଯଜ୍ଞବ୍ରତ ପଣ୍ଡା, ହରେକୃଷ୍ଣ ପାତ୍ର, ଦିଲ୍ଲିପ କୁମାର ପାତ୍ରଙ୍କ ସମେତ ଜିଲ୍ଲାର ଅନ୍ୟାନ୍ୟ ସାମ୍ବାଦିକ ବନ୍ଧୁ ମାନେ ଯୋଗ ଦେଇ ସ୍ୱର୍ଗତ ପ୍ରଧାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

## ଆନ୍ଧ୍ରକୁ ବେଆଇନ ବାଲି ଚାଲାଣ ବନ୍ଦ କରିବା ନେଇ ଗୁଣୁପୁର ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ



ଗୁଣୁପୁର ,୯।୧୧ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ମାଛଖୁର୍ଣ୍ଣି ଓ ଭାମିନି ବାଲି ପଠାରୁ ଆନ୍ଧ୍ରକୁ ରାତିରେ ୧୦ରୁ ଉର୍ଦ୍ଧ୍ୱ ଚକା ବିଶିଷ୍ଟ ଟ୍ରକ ଗୁଡିକରେ ବେଆଇନ ଭାବେ ବାଲି ଚାଲାଣକୁ ବନ୍ଦ କରିବା, ବେଆଇନ ଭାବେ ରାସ୍ତାକଡରେ କୃତ୍ରିମ ବାଲି ପଠା ନିର୍ମାଣ ବନ୍ଦ କରିବାକୁ ବିରୋଧକରି ସ୍ଥାନୀୟ ନ୍ତକଳିଙ୍ଗ ସାମ୍ବାଦିକ ସଂଘ' ପକ୍ଷରୁ ମାନ୍ୟବର ରାଜସ୍ୱ ଏବଂ ବିପର୍ଯ୍ୟୟ ବିଭାଗ ସଚିବଙ୍କୁ ଗୁଣପୁର ଉପ ଜିଲ୍ଲାପାଳ ଙ୍କ ଜରିଆରେ ଆଜି ଏକ ଅଭିଯୋଗ ପତ୍ର ଦିଆଯାଇଛି। ମାଛଖୁର୍ଣ୍ଣି ବାଲି ପଠାରୁ ବାଲି ଚାଲାଣ କରିବା ପୂର୍ବରୁ ବାଲି ମାଫିଆ ମାନେ ରାମନାଗୁଡା ତହସିଲ ଅଧିନସ୍ତ ଭାମିନି ବାଲି ପଠାରୁ ରାତାରାତି ସମ୍ପୃକ୍ତ ତହସିଲ କର୍ମଚାରୀଙ୍କ ସହଯୋଗରେ ମାଳମାଳ ଟ୍ରକରେ ଆନ୍ଧ୍ରକୁ ଚାଲାଣ କରାଯାଉଥିଲା। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିବାରୁ ଏହି ପଠାରୁ ବାଲି ଚାଲାଣ ବନ୍ଦ ରହିଛି । ଭାମିନି ପଠା ତତ୍ୱାବଧାନ ରେ ରହିଥିବା ଅତିରିକ୍ତ ତହସିଲଦାରଙ୍କୁ ଗୁଣପୁର ତହସିଲଦାର ଦାୟିତ୍ୱ ଦିଆଯିବା ପରେ ବାଲି ମାଫିଆମାନେ ଗୁଣପୁର ତହସିଲର ମାଛଖୁର୍ଣ୍ଣିରୁ ଅନ୍ୟାୟାସ ରେ ବାଲି ଉଠାଇଛନ୍ତି। ବାଲି ପଠାରୁ ବାଲି ବୋହିଆଣି ରାସ୍ତା କଡରେ କୃତ୍ରିମ ବାଲି ପଠା ଗୁଡିକ ତିଆରି କରି ଏଠାରୁ ଟ୍ରକ ଦ୍ୱାରା ବୋହି ଚାଲାଣ କରାଯାଉଛି । ଏନେଇ ସ୍ଥାନୀୟ ବାସୀ ବିରୋଧ କରିବା ଏବଂ ଗଣମାଧ୍ୟମ ରେ ଖବର ପ୍ରକାଶ ପାଇବା ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ରୁ ଏହି କୃତ୍ରିମ ବାଲି ପଠାରୁ ସବୁ ଟ୍ରକ ବାଲି ଉଠାଇ ଆନ୍ଧ୍ରକୁ ଚାଲାଣ କରାଯାଇଛି । ତତ୍କାଳୀନ ଉପଜିଲ୍ଲାପାଳ ବେଆଇନ ବାଲି ଚାଲାଣ ଉପରେ କଟକଣା କରିଥିବାରୁ ଏବଂ ବାଲି ଲୋଡିଙ୍ଗ ସମୟରେ ଘଟଣା ସ୍ଥଳକୁ ଯାଇ ଜବତ କରିବା ଫଳରେ ବେଆଇନ ବାଲି ଚାଲାଣ ବନ୍ଦ ହୋଇଥିଲା ଏହାଙ୍କ ବଦଳୀ ପରେ ଏନେଇ କୌଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରାନଯିବାରୁ ମାଫିଆମାନେ ସକ୍ରିୟ ହୋଇଛନ୍ତି ବୋଲି ସାଧାରଣ ରେ ମତପ୍ରକାଶ ପାଇଛି । ଏନେଇ ଖବର ପାଇବା ପରେ ସ୍ଥାନୀୟ ତହସିଲ କତୃପକ୍ଷ ମାଛଖୁର୍ଣ୍ଣି ବାଲି ପଠାକୁ ଯାଇ ଅନୁଧ୍ୟାନ କରି ଏହି କୃତ୍ରିମ ପଠାରୁ ବାଲି ଚାଲାଣ କରିବା ବନ୍ଦ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିବା ଗଣ ମାଧ୍ୟମକୁ ସୂଚନା ଦେଇଥିବା ବେଳେ କିଭଳି ମାଛଖୁର୍ଣ୍ଣି କୃତ୍ରିମ ବାଲିପଠାରୁ ରାତାରାତି ବାଲି ଉଭାନ ହୋଇଗଲା ଏବଂ ଏହା କାହାର ସହଯୋଗ ରେ ଏଭଳି ଘଟିଛି ? ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ସୁଶ୍ରୀ ସସ୍ମିତା ସେଠୀ ତାଙ୍କ ପାଇଁ ସରକାର ଙ୍କ ଲକ୍ଷ୍ୟାଧିକ ଟଙ୍କା ବ୍ୟୟ ରେ ନିର୍ମିତ କୋଠା ଘରେ ନରହି ଗୁଣପୁରଠାରେ ରହୁଥିବାରୁ ଏବଂ କ୍ଷେତ୍ର ପରିଦର୍ଶନ କରୁନଥିବାରୁ ମାଫିଆମାନେ ସକ୍ରିୟ ହେଉଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି। ମାନ୍ୟବର ଉପଜିଲ୍ଲାପାଳ ବର୍ତ୍ତମାନ କାହା ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆଜି ଖୋଲିବ ଇଭିଏମରେ...

ଅନୁସାରେ ଫଳାଫଳ ସଂପର୍କରେ ସୂଚନା ଦିଆଯିବ ବୋଲି ସେ କହିଛନ୍ତି ।ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଜଗତସିଂହପୁର ଏସଭିଏମ କଲେଜର ଭୋଟ ଗଣନା ହେବ। ଉଲ୍ଲେଖ୍ୟଯୋଗ୍ୟ ଯେ ବାଲେଶ୍ୱର ସଦରରେ ବିଜେପି ବିଧାୟକ ମଦନ ମୋହନ ଦତ ଏବଂ ତିର୍ତୋଲର ବିଜେଡି ବିଧାୟକ ବିଷ୍ଣୁ ଦାସଙ୍କ ବିୟୋଗ ପରେ ଉଭୟ ଆସନରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଗତ ନଭେମ୍ବର ୩ ତାରିଖରେ ଉଭୟ ଆସନରେ ଭୋଟ୍ ଗ୍ରହଣ କରାଯାଇଥିଲା। ବାଲେଶ୍ୱର ସଦରରେ ମୋଟ ୭୦.୬୯ % ଏବଂ ତିର୍ତୋଲରେ ୬୯.୬୬% ମତଦାନ ହୋଇଥିଲା।

### ଜଳସଂପଦ ବିଭାଗର ୪ଟି ...

ଜରିଆରେ ପଠାଇଲେ, ତାଙ୍କୁ ଅଭିଯୋଗର ସ୍ଥିତି ସଂପର୍କରେ ଏସଏମଏସ୍ ଜରିଆରେ ସୂଚନା ଦିଆଯିବ ଏବଂ ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇପାରିବ। ସେହିପରି ବିଜୁ କୃଷକ ବିକାଶ ଯୋଜନାରେ ଗୋଷ୍ଠୀ ଉଠାଜଳସଚେନ ପ୍ରକଳ୍ପ ପାଇଁ ହୋଇଥିବା ଅନ୍ ଲାଇନ୍ ଆବେଦନ ପ୍ରକ୍ରିୟା ଦ୍ୱାରା ଚାଷୀମାନେ ସରକାରୀ ଅଫିନ ନ ଆସି, ନିଜ ମୋବାଇଲ ଫୋନ୍, କମ୍ପୁଟର କିମ୍ବା ଜନସେବା କେନ୍ଦ୍ରରୁ ଆବେଦନ କରିପାରିବେ। ସେହିପରି ଶିଳ୍ପ କ୍ଷେତ୍ରକୁ ଜଳ ଆବଂଟନ ପାଇଁ ଜଳସଂପଦ ବିଭାଗ ତରଫରୁ ଗୋ ସ୍ୱିଫ୍ଟ ପୋର୍ଟାଲକୁ ବିକଶିତ କରାଯାଇଛି। ଏହା ଜରିଆରେ ସେମାନେ ଅନ୍ ଲାଇନ ଆବେଦନ କରିପାରିବେ। ବାଣିଜ୍ୟିକ ଓ ଅନ୍ୟ ସଂସ୍ଥା ପାଇଁ ଜଳ ଆବଂଟନ ପାଇଁ ମଧ ଜଳସଂପଦ ବିଭାଗ ତରଫରୁ ଅନ୍ଲାଇନ ପୋର୍ଟାଲ water allocationod.nic.in ବିକଶିତ କରାଯାଇଛି। ଏହି ପୋର୍ଟାଲ ଜରିଆରେ ଆବେଦନକରୀ ମାନଙ୍କୁ ଜଳର ଆବଂଟନ, ପରିମାଣ ହ୍ରାସ ବୃଦ୍ଧି ଇତ୍ୟାଦି ବିଷୟରେ ବିଭାଗ ତରଫରୁ ଅବଗତ କରାଯାଇପାରିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଚାଷୀମାନେ ହେଉଛନ୍ତି ଜଳସଂପଦ ବିଭାଗର ସର୍ବବୃହତ ହିତାଧିକାରୀ। ତେଣୁ ଏହି ଅନ୍ଲାଇନ ସେବା ଚାଷୀମାନଙ୍କ ଅଭିଯୋଗର ତୁରନ୍ତ ସମାଧାନ ଦିଗରେ ବିଶେଷ ସହାୟକ ହେବା ସହିତ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା ବିଭାଗକୁ ଅଧିକ ଉତରଦାୟୀ ଓ ସ୍ୱଚ୍ଛ ସେବା ପ୍ରଦାନରେ ସହାୟକ ହେବ। ଏହାସହିତ ବିଜୁ କୃଷକ ଯୋଜନାର ଆବେଦନ ପ୍ରକ୍ରିୟାକୁ ମଂଜୁର କରିବାରେ ମଧ ସମୟୋଚିତ ପଦକ୍ଷେପ ନିଆଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେହିପରି ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟିକ ପ୍ରତିଷ୍ଠାନ ମାନଙ୍କ ପାଇଁ କରାଯାଇଥିବା ଅନ୍ ଲାଇନ ସେବା ମଧ ସେମାନଙ୍କ ପାଇଁ ବିଶେଷ ଉପଯୋଗୀ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିବା ସହିତ ଲୋକଙ୍କୁ ନିଜ ଘର ପାଖରେ ସରକାରୀ ସେବା ଯୋଗାଇବା ପାଇଁ ଥିବା ଲକ୍ଷ୍ୟ ପୂରଣରେ ଏହା ସହାୟକ ହୋଇପାରିବ ବୋଲି କହିଥିଲେ । ଏହି ସେବା ବିଷୟରେ ବହୁଳ ଜନସଚେତନତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ଏହି ଅବସରରେ ଜଳସଂପଦ ବିଭାଗ ପକ୍ଷରୁ ଅନ୍ୟତମ ୫-ଟି ଲକ୍ଷ୍ୟ ଡିଜିଟାଲ ମଷ୍ଟର ରୋଲ୍ ପ୍ରସ୍ତୁତି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉଦ୍ବୋଧନ ଦେଇ ଜଳସଂପଦ ତଥା ଲୋକସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ପ୍ରଶାସନଙ୍କୁ ଅଧିକ ଦକ୍ଷ ଓ ଉତରଦାୟୀ କରିବା ପାଇଁ ଜଳସଂପଦ ବିଭାଗ ଡିଜିଟାଲ ଟେକ୍ନୋଲୋଜି ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ୫-ଟି ଲକ୍ଷ୍ୟ ପୂରଣ କରିବା ସହିତ ଚାଷୀ ମାନଙ୍କୁ ଉନ୍ନତ ସେବା ଯୋଗାଇଦେବ ବୋଲି ଶ୍ରୀ ଦାସ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, କୃଷି ବିଭାଗର ପ୍ରମୁଖ ସଚିବ, ଶିଳ୍ପ ବିଭାଗର ପ୍ରମୁଖ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) , ଜଳସଂପଦ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ବିଭାଗୀୟ ଯନ୍ତ୍ରୀମୁଖ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

### ବିଶିଷ୍ଟ ଚିତ୍ରଶିଳ୍ପୀ ଶିବ...

କରିବା ପରେ ବିଭୂତି କାନୁନ୍ଗୋ ଚାରୁକଳା ମହାବିଦ୍ୟାଳୟରେ ଅଧାପନା କରିଥିଲେ। ସେଠାରୁ ଅବସର ଗ୍ରହଣ କରିବା ପରେ ସେ କଟକରେ ଅବସ୍ଥାନ କରୁଥିଲେ । ପରେ ଓଡ଼ିଶା ଲଳିତ କଳା ଏକାଡ଼େମୀର ସଭାପତି ଭାବେ ତିନି ବର୍ଷ କାର୍ଯ୍ୟ କରିଥିଲେ। ନିଜର କଳାତ୍ମକ ଉତ୍କର୍ଷ ଲାଗି ବହୁ ସମ୍ମାନ ଓ ପୁରସ୍କାର ଲାଭ କରିଥିଲେ । ଓଡ଼ିଶା ଲଳିତ କଳା ଏକାଡ଼େମୀ ପୁରସ୍କାର, ଶାରଳା ପୁରସ୍କାର ସହିତ ରାଜ୍ୟ ସରକାରଙ୍କ ଦ୍ୱାରା ଏକାଧିକ ବାର ସମ୍ମାନିତ ହୋଇଛନ୍ତି। ବିଶିଷ୍ଟ ଚିତ୍ରଶିଳ୍ପୀଙ୍କ ବିୟୋଗରେ ଓଡ଼ିଶା ଲଳିତ କଳା ଏକାଡ଼େମୀ ପକ୍ଷରୁ ଶୋକ ପ୍ରକଟ କରାଯାଇଛି।

### ୨୪ ଘଂଟାରେ ଆଉ ୧୨୧୯...

୩୬ ଜଣ, କଳାହାଣ୍ଡିରୁ ୩୮ ଜଣ, କନ୍ଧମାଳରୁ ୧୦ ଜଣ, କେନ୍ଦ୍ରାପଡ଼ାରୁ ୫୦ ଜଣ, କେନ୍ଦୁଝରରୁ ୪୦ ଜଣ, ଖୋର୍ଦ୍ଧାରୁ ୯୨ ଜଣ, କୋରାପୁଟରୁ ୨୮ ଜଣ, ମାଲକାନଗିରିରୁ ୫ ଜଣ, ମୟୂରଭଞ୍ଜରୁ ୮୩ ଜଣ, ନବରଙ୍ଗପୁରରୁ ୧୩ ଜଣ, ନୟାଗଡ଼ରୁ ୨୩ ଜଣ, ନୂଆପଡ଼ାରୁ ୩୧ ଜଣ, ପୁରୀରୁ ୩୪ ଜଣ, ରାୟଗଡ଼ାରୁ ୭ ଜଣ, ସମ୍ବଲପୁରରୁ ୩୨ ଜଣ, ସୋନପୁରରୁ ୨୦ ଜଣ, ସୁନ୍ଦରଗଡ଼ରୁ ୧୦୭ ଜଣ ଓ ଷ୍ଟେଟ୍ ପୁଲ୍ରୁ ୧୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଗତ ୨୪ ଘଂଟାରେ କରୋନାରେ ଆଉ ୧୬ ରୋଗୀ ମୃତ୍ୟୁବରଣ କରିଛନ୍ତି।

### ସାଉଥ୍ ସୁପରଷ୍ଟାର ଚିରଞ୍ଜୀବୀ ...

ଚିରଞ୍ଜୀବୀ ଟ୍ୱିଟ୍ କରି କହିଛନ୍ତି ଯେ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଆଚାର୍ଯ୍ୟ'ର ସୁଟିଂ ପୂର୍ବରୁ ସେ ପ୍ରୋଟୋକଲ୍ ଅନୁଯାୟୀ କରୋନା ପରୀକ୍ଷା କରାଇଥିଲେ। ତାଙ୍କର ପରୀକ୍ଷା ରିପୋର୍ଟ ପଜିଟିଭ୍ ଆସିଛି । ତାଙ୍କର କୌଣସି ଲକ୍ଷଣ ନଥିଲା। ବର୍ତମାନ ସେ ହୋମ୍ କ୍ୱାରେଂଟଇନ୍ ରେ ଅଛନ୍ତି। ଚିରଞ୍ଜୀବୀଙ୍କ ଏହି ଟୁଇଟ୍ ପରଠାରୁ ପ୍ରଶଂସକମାନେ ଟ୍ୱିଟରରେ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ନିକଟରେ ଅଭିନେତା ଚିରଞ୍ଜୀବୀ ଏବଂ ନାଗାର୍ଜୁନ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କୁ ଭେଟିଥିଲେ। ହାଇଦ୍ରାବାଦ ବନ୍ୟା ପାଇଁ ସେ ସିଏମ ରିଲିଫ ପାଣ୍ଠିକୁ ଦାନ ଦେବା ଲାଗି ଉଭୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।

### ଭୁବନେଶ୍ୱରରୁ ୭୦...

ଆଜି ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ବଡଗଡରୁ ୫ ଜଣ ଆକ୍ରାନ୍ତ ରହିଥିବା ବେଳେ କଳିଙ୍ଗ ବିହାର ଓ ପୋଖରିପୁଟରୁ ୪ ଜଣ ଲେଖାଏଁ , କଳିଙ୍ଗନଗର, ମଂଚେଶ୍ୱର ଓ ଡୁମଡୁମାରୁ ୩ ଜଣ ଲେଖାଏଁ , ଚିନ୍ତାମଣିଶ୍ୱର, ପଳାଶୁଣି, ଗୌରୀନଗର, ୟୁନିଟ୍ ୬, ୟୁନିଟ୯ , ପଟିଆ ଓ ନୟାପଲ୍ଲୀରୁ ୨ ଜଣ ଲେଖାଏଁ ରହିଛନ୍ତି।

### ପବ୍ଲିକ୍ ଆକାଉଂଟସ୍ ...

ମାଧ୍ୟମରେ ହୋଇଥିବା ଉକ୍ତ ବୈଠକରେ ମାନ୍ୟବର ବିଧାନସଭା ସଭ୍ୟ ବଦ୍ରିନାରାୟଣ ପାତ୍ର, ଅରବିନ୍ଦ ଢାଲି, ସତ୍ୟନାରାୟଣ ପ୍ରଧାନ, ମଞ୍ଜୁଳା ସ୍ୱାଇଁ, ପ୍ରଦୀପ କୁମାର ଦିଶାରୀ, ନିତ୍ୟାନନ୍ଦ ଗଣ୍ଡ, ବିଧାନ ସଭା ସଚବି ଦାଶରଥୀ ଶତପଥୀଙ୍କ ସମେତ ସଂପୃକ୍ତ ବିଭାଗୀୟ ସଚିବ ଗଣ ଯୋଗାଦେଇଥିଲେ ।

### ଅଦାଲତ ଗଡୁଛି ଗଣଶିକ୍ଷା...

ମୋକଦ୍ଦମାଗୁଡ଼ିକୁ ବିଳମ୍ବରେ ପେଶ୍ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ସାହୁ କହିଛନ୍ତି। ଏଥି ସହିତ ସରକାରଙ୍କ ମୋ ସରକାର ଅଭିଯାନର ନିର୍ଦ୍ଦେଶାନୁଯାୟୀ ସରକାରୀ କାର୍ଯ୍ୟ କରୁନଥିବା ଓ କର୍ତବ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କୁ ବରଖାସ୍ତ କରାଯିବ ଓ ଭଲ କାମ କରୁଥିବା ଅଧିକାରୀଙ୍କୁ ସମୟ ଆଗରୁ ପଦୋନ୍ନତି ଦିଆଯିବ ବୋଲି ସଚିବ ଶ୍ରୀ ସାହୁ ପ୍ରକାଶ କରିଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବର୍ତମାନ ବିଭିନ୍ନ ନ୍ୟାୟାଳୟରେ ୨୯ ହଜାର ୬୪୪ ଗୋଟି ମାମଲା ବିଚାରାଧିନ ଅଛି। ବିଗତ ୨୦୧୮ ମସିହାରୁ ଇଂଟିଗ୍ରେଟେଡ଼ ଲିଗାଲ ମନିଟରିଂ ସିଷ୍ଟମ୍ (ଆଇଏଲଏମଏସ) ଜରିଆରେ ବିଭିନ୍ନ କେଶ୍ ଗୁଡ଼ିକରେ ରିଅଲ୍ ଟାଇମ୍ ଷ୍ଟାଟସ୍, ବ୍ଲକ୍ ଶିକ୍ଷା ଅଧିକାରୀଠାରୁ ବିଭାଗ ପର୍ଯ୍ୟନ୍ତ ଅପ୍ଡେଟ୍ କରାଯାଉଛି । ଏହି ସମୟୋଚିତ ପଦକ୍ଷେପ ଯୋଗୁଁ ବିଭାଗର କେଶ୍ ସଂଖ୍ୟା ମାତ୍ର ଦୁଇ ବର୍ଷ ମଧ୍ୟରେ ୬୫ ହଜାରରୁ ୨୯ ହଜାର ୬୪୪କୁ କମାଯାଇ ପାରିଛି ।ମାତ୍ର ଗତ ସପ୍ତାହରେ କିଛି ଅଧିକାରୀଙ୍କର ଅବହେଳା ବଶତଃ ଅଦାଲତ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ଗୁରୁତର ସହ ବିଚାରକୁ ନେଇ ବିଭାଗୀୟ ସଚିବ ସମସ୍ତ ବିଭାଗୀୟ ପଦାଧିକାରୀ, ସରକାରୀ ଓକିଲ ଓ ଜିଲ୍ଲା ଶିକ୍ଷାଧିକାରୀ ମାନଙ୍କର ସାପ୍ତାହିକ ବୈଠକ କରିବାକୁ ନିଷ୍ପତି ନେଇଛନ୍ତି। ସେଇ ଅନୁସାରେ ଗତ ନଭେମ୍ବର ୮ ତାରିଖରେ ଭର୍ଚୁଆଲ ମୋଡ଼୍ରେ ଏକ ବୈଠକ କରାଯାଇଥିଲା । ସଚିବଙ୍କ ସମୀକ୍ଷା ସମୟୋପଯୋଗୀ ହୋଇଥିବାରୁ ବିଭାଗର ମକଦ୍ଦମା ପରିଚାଳନା ଠିକ୍ ଭାବେ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସୂତ୍ରରୁ ପ୍ରକାଶ ।

## ଗରିବ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଲାପ୍ଟପ୍ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟି ଚିଠି

ଭୁବନେଶ୍ୱର,୯।୧୧ (ନି.ପ୍ର): ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସମ୍ମାନଜନକ ଲେଡିଜ୍ ଶ୍ରୀରାମ କଲେଜର ଗରିବ ମେଧାବୀ ଛାତ୍ରୀ ଐଶ୍ୱର୍ଯ୍ୟା ରେଡ୍ଡୀଙ୍କର ଲାପ୍ଟପ୍ ଅଭାବରେ ଆତ୍ମହତ୍ୟା ଅତ୍ୟନ୍ତ ଦୁଃଖଦାୟକ ଏବଂ ହୃଦୟ ବିଦାରକ । କରୋନା ସଂକ୍ରମଣ ସମୟରେ ସାରା ଭାରତ ବର୍ଷରେ ସ୍କୁଲ୍ କଲେଜ ବନ୍ଦ ଥିବାବେଳେ ଅନ୍ଲାଇନ୍ କ୍ଲାସ କରିବା ପାଇଁ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜ ତରଫରୁ ପଦକ୍ଷେପ ମାନ ନିଆଯାଉଅଛି । କିନ୍ତୁ ବହୁ ଛାତ୍ରଛାତ୍ରୀଙ୍କ ପାଖରେ ସ୍ମାର୍ଟ୍ ଫୋନ୍ ଓ ଲାପ୍ଟପ୍ ନଥିବା ଯୋଗୁଁ କିମ୍ବା ଗ୍ରାମାଂଚଳରେ ଇଂଟରନେଟ୍ ଓ ବିଦ୍ୟୁତ୍ ସେବା ନିରବଚ୍ଛିନ୍ନ ନଥିବା ହେତୁ ବହୁ ଛାତ୍ରଛାତ୍ରୀ ଅନ୍ଲାଇନ୍ ପାଠପଢାରୁ ବଂଚିତ ହେଉଛନ୍ତି । ନିଜ ସ୍କୁଲ୍ ଜୀବନରେ ଶତକଡ଼ା ୯୮.୫% ନମ୍ବର ରଖି ଲେଡିଜ୍ ଶ୍ରୀରାମ କଲେଜରେ ଗଣିତ ବିଭାଗରେ ନାମ ଲେଖାଇଥିବା ତେଲେଙ୍ଗାନାର ଗରିବ ମୋଧାବୀ ଛାତ୍ରୀ ଐଶ୍ୱର୍ଯ୍ୟା ରେଡ୍ଡୀଙ୍କର ଲାପ୍ଟପ୍ କାରଣରୁ ଆତ୍ମହତ୍ୟା ଭାରତର ବର୍ଷରେ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କ ସମେତ ଭାରତ ସରକାର ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ତାଙ୍କର ଅନଲାଇନ୍ କ୍ଲାସ୍ ପାଇଁ ମାଗଣା ସ୍ମାର୍ଟ ଫୋନ୍, ଟାପ୍ଟପ୍ ଯୋଗାଇ ଦେବାକୁ ଦାବି କରି ଆଜି ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ପତ୍ର ଲେଖିଛନ୍ତି ।

ମଙ୍ଗଳବାର, ୧୦ ନଭେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ମହିଳା ଓ ନାବାଳିକାଙ୍କୁ ସୁରକ୍ଷା ଯୋଗାଇବା ଦିଗରେ କାର୍ଯ୍ୟ କରିବ ମହିଳାମୋର୍ଚ୍ଚା :ସ୍ମୃତି ପଟ୍ଟନାୟକ

ଭୁବନେଶ୍ୱର,୯।୧୧ (ନି.ପ୍ର): ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ ଶ୍ରୀମତୀ ସ୍ମୃତି ପଟ୍ଟନାୟକ ସୋମବାର ରାଜ୍ୟକାର୍ଯ୍ୟାଳୟରେ କାର୍ଯ୍ୟଭାର ସମ୍ଭାଳିଛନ୍ତି । ବିଗତ ଦିନରେ ତାଙ୍କୁ ବିଜେପି ସଭାନେତ୍ରୀ ଭାବେ ଦାୟୀତ୍ୱ ଦିଆଯାଇଥିଲା । କରୋନା ସଙ୍କଟ ଏବଂ ବାଲେଶ୍ୱର ଓ ତିର୍ତ୍ତୋଲ ଉପନିର୍ବାଚନ ଥିବାରୁ ଶ୍ରୀମତୀ ପଟ୍ଟନାୟକ ବିଭିନ୍ନ ସାଂଗଠନିକ ଦାୟୀତ୍ୱ ତୁଲାଉଥିଲେ । ଏହି ଅବସରରେ ପୂର୍ବତନ ମହିଳା ମୋର୍ଚ୍ଚା ସଭାନେତ୍ରୀ ତଥା ଉପସଭାପତି ଶ୍ରୀମତୀ ପ୍ରଭାତି ପରିଡା ଆନୁଷ୍ଠାନିକ ଭାବେ ନବ ନିଯୁକ୍ତ ସଭାନେତ୍ରୀ ଶ୍ରୀମତୀ ପଟ୍ଟନାୟକଙ୍କୁ କାର୍ଯ୍ୟଭାର ଅର୍ପଣ କରିଥିଲେ । ଏହି ଅବସରରେ ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତାମାନେ ଶ୍ରୀମତୀ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧନା ଜଣାଇଥିଲେ । ମହିଳାମାନେ ରାଜ୍ୟରେ ସୁରକ୍ଷିତ ନାହାଁନ୍ତି । ପ୍ରତିଦିନ ମହିଳାଙ୍କ ସହ ଅସଦାଚାରଣ ଘଟଣା ସାମ୍ନାକୁ ଆସୁଛି । ଅନେକ ଯୋଜନା ମହିଳାଙ୍କ ପାଇଁ ଲାଗୁ ହୋଇଥିଲେ ବି ସେମାନେ ସେମାନଙ୍କ ଅଧିକାରରୁ ବଂଚିତ ରହୁଛନ୍ତି । ଏହି ପରିପ୍ରେକ୍ଷୀରେ ଆଗାମୀ ଦିନରେ ମହିଳା ସଙ୍ଗଠନକୁ ତୃଣମୂଳ ସ୍ତରରେ ସଶକ୍ତ କରିବା, ମହିଳା ଓ ନାବାଳିକାଙ୍କୁ ସୁରକ୍ଷା ଯୋଗାଇବା ଦିଗରେ କାର୍ଯ୍ୟ କରିବା ସହ ମୋଦି ସରକାରଙ୍କ ମହିଳା କଲ୍ୟାଣ ଯୋଜନା ଗୁଡିକୁ ରାଜ୍ୟର ସମସ୍ତ ମହିଳାଙ୍କ ପାଖରେ ପହଂଚାଇବାକୁ ପ୍ରାଥମିକତା ଦିଆଯିବ ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି । ଏହି ଅବସରରେ ଉପସଭାନେତ୍ରୀ ଅନୀତା ଶୁଭଦର୍ଶିନୀ, ରାଜ୍ୟ ମୁଖପାତ୍ର ସୋନାଲି ସାହୁ, ଉପସଭାନେତ୍ରୀ କାନନବାଳା ପଟ୍ଟନାୟକ, ଐଶ୍ୱର୍ଯ୍ୟା ବିଶ୍ୱାଳ, କସ୍ତୁରୀ ମିଶ୍ର, ଇରାନୀ ରାୟ, ସୁବାସିନୀ ପୃଷ୍ଟି, ପଦ୍ମାବତୀ ଜେନା, ତୃପ୍ତି ମକଦ୍ଦମା, ଉନ୍ନତି ପରିଡା ଏବଂ ଶଶୀ ରଥଙ୍କ ସମେତ ମହିଳା କାର୍ଯ୍ୟକର୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଶାସନର ଉପ-ନିର୍ବାଚନ ଭୋଟ୍ ଗଣତି ପ୍ରଶିକ୍ଷଣ

ବାଲେଶ୍ୱର,୯।୧୧ (ନି.ପ୍ର): ବାଲେଶ୍ୱର ସଦର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଅନୁଷ୍ଠିତ ଉପ-ନିର୍ବାଚନର ଭୋଟ ଗଣତି ଆସନ୍ତାକାଲି ଅର୍ଥାତ ୧୦ତାରିଖରେ ହେବାକୁ ଥିବା ବେଳେ ଏଥି ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି । ଏ ସଂକ୍ରାନ୍ତରେ ଆଜି ପୂର୍ବାହ୍ନରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭୋଟ ଗଣତି କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ଗଣତି ପ୍ରକ୍ରିୟାର ବିଭିନ୍ନ ଦିଗ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା । ରିଟର୍ଣ୍ଣିଂ ଅଫିସର ତଥା ଉପ-ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ସମସ୍ତଙ୍କୁ ଭୋଟ୍ ଗଣତି ସମ୍ପର୍କରେ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ । ଆସନ୍ତା କାଲି (ନଭେମ୍ବର ୧୦ତାରିଖ) ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଇଭିଏମ-ଭିଭିପାଟ୍ ୱେରହାଉସରେ ଭୋଟ ଗଣତି କାର୍ଯ୍ୟ ସକାଳ ୮ଘଟିକା ଠାରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି । ପ୍ରଥମେ ପୋଷ୍ଟାଲ ବାଲଟ୍ ଗଣତି ହେବ ଏବଂ ଏହା ପରେ ଇଭିଏମ-ଭିଭିପାଟ ମେସିନର ଭୋଟ ଗଣତି କରାଯିବା ଯୋଜନା



ରହିଛି । ଇଭିଏମ-ଭିଭିପାଟ୍ ଭୋଟ ଗଣତି ପାଇଁ ୧୪ଟି ଟେବୁଲର ବ୍ୟବସ୍ଥା ହୋଇଥିବା ବେଳେ ପୋଷ୍ଟାଲ ବାଲଟ୍ ଗଣତି ପାଇଁ ୩ଟି ଟେବୁଲ୍‌ର ବ୍ୟବସ୍ଥା ହୋଇଛି । ମୋଟ ୨୫ଟି ରାଉଣ୍ଡରେ ଭୋଟ ଗଣନା ହେବ ବୋଲି ସୂଚନା ମିଳିଛି । ଗଣତି କାର୍ଯ୍ୟ ପାଇଁ ପ୍ରାୟ ୨ଶହ କର୍ମଚାରୀ ଓ ଅଧିକାରୀ ନିୟୋଜିତ ହୋଇଥିବା ବେଳେ ଏଥିପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଗଣତି ଫଳାଫଳ ସୂଚନା କିଭଳି ସୁରୁଖୁରୁରେ ପ୍ରଦାନ କରାଯାଇ ପାରିବ ସେ ନେଇ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ଆସନ୍ତା କାଲିର ଭୋଟ ଗଣତି ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତଙ୍କର ସହଯୋଗ କାମନା କରାଯାଇଛି ।

ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

## କେନ୍ଦ୍ରମନ୍ତ୍ରୀଙ୍କ ଜନ୍ମଦିନରେ ବିଜେପିର ସେବାଦିବସ

### ଜିଲ୍ଲାରେ ବୃକ୍ଷରୋପଣ-ରକ୍ତଦାନ ଜାରି



ବାଲେଶ୍ୱର,୯।୧୧ (ନି.ପ୍ର): ବାଲେଶ୍ୱର ଲୋକସଭା ସାଂସଦ ତଥା କେନ୍ଦ୍ର ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ୬୫ତମ ଜନ୍ମୋତ୍ସବକୁ ବିଜେପି ପକ୍ଷରୁ ସେବା ଦିବସ ଭାବେ ପାଳନ କରାଯାଉଛି । ଆଜିଠାରୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଏହି ସେବା ଦିବସରେ ବିଭିନ୍ନ ପ୍ରକାର ଜନସେବା ମୂଳକ କାର୍ଯ୍ୟକ୍ରମ ଆୟୋଜନ ହେବା ନେଇ ଦଳ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଏହି ସେବା ଦିବସ ଶୁଭାରମ୍ଭ ଅବସରରେ ଜିଲ୍ଲା ବିଜେପି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ରବୀନ୍ଦ୍ର କଲ୍ୟାଣମଣ୍ଡପ ପରିସରରେ ଆୟୋଜିତ ଶିବିରକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ଏହିଭଳି ମହତ କାର୍ଯ୍ୟ ପାଇଁ ଦଳୀୟ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ । ଅନ୍ୟର ବହୁମୂଲ୍ୟ ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ ବିଜେପି କର୍ମୀଙ୍କ ଏହି ଉଦ୍ୟମ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇପାରିଛି ବୋଲି ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ମତ ପ୍ରକାଶ କରିଥିଲେ । ବିଜେପି ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ମହିଳା ମୋର୍ଚ୍ଚା ରାଜ୍ୟନେତ୍ରୀ ସୁଷମା ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ସଦର ମଣ୍ଡଳୀ ସଂଯୋଜକ ତଥା ଦଳୀୟ ସଦର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତ, ବିଜେପି ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି କମଳା ବିନ୍ଧାଣୀ, ଜୋନାଲ ମିଡିଆ କୋର୍ଡ଼ିନେଟର ସତ୍ୟଜିତ୍ ମିଶ୍ର, ବିଜେପି ନଗର ସଭାପତି ଚିତ୍ତରଂଜନ ପଣ୍ଡା, ବରିଷ୍ଠ ବିଜେପି ନେତା ଶୁଭଙ୍କର ମହାପାତ୍ର, ଜିଲ୍ଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ଦଳୀୟ ସଂଗଠକ ଗୌରାଙ୍ଗ ଦାସ, ମନୋଜ ପୋଦାର, ସୀତାକାନ୍ତ ସ୍ୱାଇଁ, ଯୁବମୋର୍ଚ୍ଚା କର୍ମକର୍ତ୍ତା ସମର ଶଙ୍କର କାନୁନଗୋ ପ୍ରମୁଖ ଏଥିରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ବସନ୍ତ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିର ଶେଷ ସୁଦ୍ଧା ଶହେରୁ ଅଧିକ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଅନୁରୂପ ଭାବେ ଭୋଗରାଇ ଓ ବାହାବଳପୁରରେ ରକ୍ତଦାନ ଶିବିର ଆୟୋଜନ ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ସେଠାରେ ମଧ୍ୟ ଶିବିର ଉଦ୍‌ଘାଟନ ସହ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

## ରାଜ୍ୟ ସୀମା ସୁରକ୍ଷା ପାଇଁ ଦାବି

ଭୁବନେଶ୍ୱର,୯।୧୧ (ନି.ପ୍ର): ଆମ ଦେଶ ଭିତରେ ରାଜ୍ୟ ରାଜ୍ୟ ମଧ୍ୟରେ ସୀମାକୁ ନେଇ ଯେଉଁ ବିବାଦ ଚାଲିଛି ତାର ସମାଦାନ ପାଇଁ କେନ୍ଦ୍ର ସରକାର ସଠିକ ପଦକ୍ଷେପ ନେବା ପାଇଁ ଉତ୍କଳ ସମ୍ମିଳନୀ ଦାବି କରିଛି । ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି, ଓଡ଼ିଶା ଭଳି ଶାନ୍ତି ପ୍ରିୟ ରାଜ୍ୟର ସୀମାନ୍ତ ଅଂଚଳକୁ ପଡ଼ୋଶୀ ରାଜ୍ୟମାନେ ବାରମ୍ବାର ଦଖଲ କରି ଅଶାନ୍ତି ସୃଷ୍ଟି କରୁଥିବା ବେଳେ ତାହା କେନ୍ଦ୍ରସରକାରଙ୍କ ଦୃଷ୍ଟିକୁ ଆସୁନାହିଁ । ଆନ୍ଧ୍ରପ୍ରଦେଶ ସହିତ କୋଟିଆ ଗ୍ରାମ ପୁଂଜ ଓ ପୋଲାଭରମ ସମସ୍ୟା ସମାଧାନ ହୋଇନଥିବା ବେଳେ ଏବେ ନାରାୟଣ ପାଟଣା ଭଳି ବହୁ ଅଂଚଳ ଉପରେ ଆନ୍ଧ୍ର ଲୋଲୁପ ଦୃଷ୍ଟି ପକାଇଛି । ଏକଡ଼େ ଛତିଶଗଡ଼ ସରକାର ସହିତ ମହାନଦୀ ପାଣି ସମସ୍ୟା ସମାଧାନ ହୋଇନଥିବା ବେଳେ ଓଡ଼ିଶାର ଜମିକୁ ତାଙ୍କ ରାଜ୍ୟର ଭୂମିହୀନ ମାନଙ୍କୁ ପ୍ରଦାନ କରୁଛି ।

# ଚଳିତ ବର୍ଷର ଚନ୍ଦ୍ରଭାଗୋତ୍ସବ ପାଇଁ ବିମର୍ଶ ବୈଠକ



ବାଲେଶ୍ୱର, ତା୦୯-୧୧ରିଖ : ଗତ ୩୦ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ବର୍ଷଶେଷ ଏବଂ ବର୍ଷ ଆରମ୍ଭରେ ବାଲେଶ୍ୱର ସହର କେନ୍ଦ୍ରସ୍ଥ ସେହି ନିର୍ଦ୍ଦିଷ୍ଟ ଗାନ୍ଧୀସ୍ମୃତି ଭବନ ପରିସରରେ ପାଳନ ହେଇଆସୁଥିବା ଜାତୀୟସ୍ତରୀୟ ଚନ୍ଦ୍ରଭାଗୋତ୍ସବ ପାଇଁ ସ୍ଥାନୀୟ ଉଠାଜଳସେଚନ କର୍ମଚାରୀଭବନ ଓ ପେସ୍ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରଠାରେ ବିଶିଷ୍ଟ ସାମ୍ୟବାଦୀ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ 'ଚନ୍ଦ୍ରଭାଗୋତ୍ସବ'ର ବିମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି । 'ଚନ୍ଦ୍ରଭାଗା' ଅନୁଷ୍ଠାନର ପ୍ରତିଷ୍ଠାତା ଓ ପତ୍ରିକାର ସମ୍ପାଦକ କବି ଶ୍ରୀଦେବ ଉପସ୍ଥିତ 'ଚନ୍ଦ୍ରଭାଗା' ସଦସ୍ୟ ଓ ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ସ୍ୱାଗତ ଜଣାଇଲାପରେ 'ଚନ୍ଦ୍ରଭାଗା'ର ବରିଷ୍ଠ ଉପଦେଷ୍ଟା ଶ୍ରୀଯୁକ୍ତ ଧୀରେନ୍ଦ୍ର ନାରାୟଣ ଦାସ, ଶିକ୍ଷାବିତ୍ ଡ. ଭାଗବତ ପାଣିଗ୍ରାହୀ, ଅଭିନେତା-ନିର୍ଦ୍ଦେଶକ କମଳଲୋଚନ ଦାଶ, ଆଶିଷ କୁମାର ଚକ୍ରବର୍ତ୍ତୀ, ନିରଞ୍ଜନ ରାଉତ, ଆଡ୍. ଅଶୋକ ସେନାପତି, ଆଡ୍. ନିରଞ୍ଜନ ପରିଡ଼ା, ସାମାଜିକ କର୍ମୀ ଜୟନ୍ତ ମହାନ୍ତି, ଅଧ୍ୟାପକ ଶଶିକାନ୍ତ ମହାନ୍ତି, ଜିଲ୍ଲା ଉଠାଜଳସେଚନ ସଙ୍ଘର ସମ୍ପାଦକ ଶ୍ୟାମସୁନ୍ଦର ଜେନା, ସହସମ୍ପାଦକ ଶରତ ଚନ୍ଦ୍ର ଦଳାଇ, 'ଚନ୍ଦ୍ରଭାଗୋତ୍ସବ'ର ବାର୍ତ୍ତା ସଂଯୋଜିକା ଜ୍ୟୋତିର୍ମୟୀ ଶତପଥୀ ପ୍ରମୁଖ ୩୦/୩୧ବର୍ଷର 'ଚନ୍ଦ୍ରଭାଗୋତ୍ସବ', ୨୬ବର୍ଷର 'ବାଲେଶ୍ୱର ବହିମେଳା', ୧୮ବର୍ଷର 'ଜାତୀୟ ସ୍ତରୀୟ ଚିତ୍ରକଳା କର୍ମଶାଳା', '୧୫ଶ ଜାତୀୟ ମହାବିଦ୍ୟାଳୟ ସ୍ତରୀୟ ବହୁଭାଷୀ କ୍ଷୁଦ୍ରନାଟକ ପ୍ରତିଯୋଗିତା' ଏବଂ ରାଜ୍ୟସ୍ତରୀୟ ସ୍କୁଲ୍ କଲେଜ୍‌ମାନଙ୍କ ମଧ୍ୟରେ ବିଭିନ୍ନ ସୃଜନଶୀଳ 'ଟ୍ୟାଲେଣ୍ଟ୍ ହଣ୍ଟିଂ ପ୍ରତିଯୋଗିତା' କାର୍ଯ୍ୟକ୍ରମ ସବୁବର୍ଷ ପରି ଏବର୍ଷ କୋଭିଡ୍-୧୯ ମହାମାରୀ ସଂକ୍ରମଣ ଯୋଗୁଁ ହୋଇପାରିବ କି' ନା - କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୫ଙଚ ମାସିକ କାର୍ଯ୍ୟପାଳିକା ସର୍ତ୍ତାବଳୀ ଅବଲମ୍ବନରେ କରାଯିବ ବୋଲି ସର୍ବସମ୍ମତ ମତ ପ୍ରକାଶ ପାଇଥିଲା । ଯଥାସମ୍ଭବ ସ୍ୱଳ୍ପ ସମୟ ଅବଧିକୁ ଦୃଷ୍ଟି ଦେଇ ବହିମେଳା, ଚିତ୍ରକଳା, ନାଟକ, ନୃତ୍ୟ, ସଙ୍ଗୀତାଦି ହୋଇପାରିଲେ 'ଚନ୍ଦ୍ରଭାଗୋତ୍ସବ'ର ଗରିମା ରହନ୍ତା ବୋଲି ଅଧିକାଂଶ ଆଶାପୋଷଣ କରୁଥିବାବେଳେ କେତେକ 'ଚନ୍ଦ୍ରଭାଗା'ର ସ୍ୱନକ୍ଷ୍ତ୍ର ଜନ୍ମଦିନ ପାଳନ ପ୍ରତିକାତ୍ମକ ଢଙ୍ଗରେ ଏବଂ ନିରାଡମ୍ବରରେ କରାଯିବାପାଇଁ ମତପୋଷଣ କରୁଥିଲେ । ତେବେ ଏ ସଂକ୍ରାନ୍ତୀୟ ସବିଶେଷ ଅଗ୍ରଗତି ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଏବଂ ପୌରପାଳିକାର କାର୍ଯ୍ୟନିର୍ବାହୀଙ୍କ ପରାମର୍ଶ ନେବା ଉଚିତ ବୋଲି ନିଷ୍ପତ୍ତି ନିଆଯାଇଥିଲା । ପରିଶେଷରେ 'ଚନ୍ଦ୍ରଭାଗା' ଆନୁକୂଲ୍ୟରେ 'ନୂଆ ସାହିତ୍ୟ-ସିଜିନ୍:୧' କବି ଶ୍ରୀଦେବଙ୍କ ଆଳାପାରମ୍ଭରେ କାର୍ଯ୍ୟକ୍ରମ ଗାଳ୍ପିକା ଜ୍ୟୋତିପୁଷ୍ପା ଦାସ, ଗାଳ୍ପିକ ସଞ୍ଜୟ କୁମାର ପଣ୍ଡା, କବି ଓ ଆଲୋଚକ ଆର୍ଯ୍ୟବ୍ରତ ଦାସ, କୁମାର ପ୍ରଶାନ୍ତ, ଅବନୀ ଜେନା ଏବଂ ସୁନୀଲ୍ ପଣ୍ଡାଙ୍କ ଉପସ୍ଥିତିରେ ସମାପନ ହୋଇଥିଲା । ପରିଶେଷରେ କବି ସତ୍ୟ ସାହୁ ଉପସ୍ଥିତ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ।

# ବନ୍ଧାକୋବିର ଆଧୁନିକ ଚାଷ : ବୃସେଲ୍ସ ସ୍ପ୍ରାଉଟ, ଗୋଟିଏ ଗଛରେ ୫୦ଟି କୋବି

ଜଳେଶ୍ୱର,୮।୧୧ (ନି.ପ୍ର): ବିଶ୍ୱରେ ପ୍ରଯୁକ୍ତି ବିଦ୍ୟା ଅଗ୍ରସର ହେଉଥିବା ବେଳେ କୃଷିକ୍ଷେତ୍ର ପାଇଁ ମଧ୍ୟ ତାହାର ନବକଳେବର ଦେଖିବାକୁ ମିଳିଛି । ପୂର୍ବରୁ ଗୋଟିଏ ଗଛରେ ଗୋଟିଏ ବନ୍ଧାକୋବି ହେଉଥିବା ବେଳେ ଗୋଟିଏ ଗଛରେ ୫୦ରୁ ଅଧିକ କୋବି (ବୃସେଲ୍ସ ସ୍ପ୍ରାଉଟ) ଚାଷ କରି ଚାଷିଟି ଅଧିକ ଲାଭପ୍ରଦ ହୋଇ ପାରୁଛି । ଫଳରେ ଏହି ଚାଷକୁ ଆସ୍ତେ ଆସ୍ତେ ଯୁଗ କୃଷକମାନେ ଆଦରି ନେଉଛନ୍ତି । ଜଳେଶ୍ୱର ଥାନା ଅନ୍ତର୍ଗତ ସୁଗୋ ଗ୍ରାମର ସଂଜୟ ପ୍ରଧାନ ଜଣେ ଯୁବ ଚାଷୀ ଓ ଉଦ୍ୟାଗୀ ମଧ୍ୟ । ଉଚ୍ଚ ଶିକ୍ଷିତ ହୋଇଥିଲେ ମଧ୍ୟ ଚାକିରିଛାଡି ଆସି ଲୋକଙ୍କ ଠାରୁ ଜମି ଲିଜ୍ ନେଇ ପୋଖରୀ ଖୋଳି ଭାକୁଡ, ରୋହି, କୋଉ, ମାଗୁର, ଚିଙ୍ଗୁଡି ଚାଷ କରି ଆସୁଛନ୍ତି । ସେହିପରି



ପୋଖରୀ ହୁଡାରେ ସମ୍ମନ୍ବିତ ଚାଷ ପ୍ରଣାଳୀରେ ଅମୃତଭଣ୍ଡା, କାକୁଡି, କୋଖାରୁ, ବାଇଗଣ, ଭେଣ୍ଡି ଓ ଲଙ୍କାମରିଚ ଚାଷ ତାଙ୍କର ଦେହସୁଆ ହେଲାଣି । ଚଳିତ ବର୍ଷ ଲକ୍‌ଡାଉନ୍ ସଟ୍‌ଡାଉନରେ ମଧ୍ୟ ଓଡିଶା ଓ ପର୍ଶ୍ଚିମବଂଗ ସୀମା ଅଂଚଳରେ ମାଛ ଓ ପନିପରିବା ବିକ୍ରି କରି ଭଲି ଅର୍ଥ ଉପାର୍ଜନ କରିପାରିଛନ୍ତି । ତାଙ୍କଠାରୁ ଜଳେଶ୍ୱର, ଭୋଗରାଇ ବ୍ଲକର ଏସ୍.ଏଚ୍.ଜି ଗ୍ରୁପ ଗୁଡିକୁ ନେଇ ସଂପ୍ରସାରଣ ଅଧିକାରୀମାନେ ପ୍ରତ୍ୟେକ୍ଷ ଶିକ୍ଷା ଦେଇଥାନ୍ତି । ଏବେ ସେ ଅଂଚଳରେ ସେ ଏକ ଆହ୍ୱାନ ସୃଷ୍ଟି କରିଛନ୍ତି । ଏପରିସ୍ଥଳେ ସେ ବୃସେଲ୍ସ ସ୍ପ୍ରାଉଟ ନାମକ ବନ୍ଧାକୋବି ଚାଷ ଆରମ୍ଭ କରିଛନ୍ତି । ଏହା ଦେଖିବାକୁ ଅମୃତଭଣ୍ଡା ଗଛପରି । ଗୋଟିଏ ଗୋଟିଏ ଗଛରେ ୫୦ରୁ ଅଧିକ କୋବି ଫଳିପାରୁଛି । ମାତ୍ର ୬ ମାସରେ ଏହା ଅମଳ ହୋଇ ପାରୁଥିବାରୁ ତଥା ଅଧିକ ଖର୍ଚ୍ଚ ନଥିବାରୁ ଲାଭ ଅଧିକ ବୋଲି ସେ ପ୍ରକାଶ କରିଛନ୍ତି । ଏହି ଚାଷରେ ଏକର ପ୍ରତି ୧୭କି.ଗ୍ରା ଯବକ୍ଷାରଜାନ, ୨୦ କି.ଗ୍ରା ଫସ୍‌ଫରସ୍ ଓ ୨୦ କେଜି ପଟାସିୟମ ଦେଇଥ ଚାରାରୋପଣ କରାଯିବା ପରେ ୪୦ ଦିନରେ ୧୬.୫କିଗ୍ରା ଯବକ୍ଷାରଜାନ ଓ ଫଳ ଆରମ୍ଭ ହେଲେ ଅନ୍ୟ ୧୬.୫ କି.ଗ୍ରା ଯବକ୍ଷାରଯାନ କରିଥିବାରୁ ସେ ଭଲ ଲାଭ ପାଇବେ ବୋଲି କହିଛନ୍ତି । ୧ ଏକରରୁ ସେ ୨୦ କ୍ୟାଣ୍ଟାଲ ପର୍ଯ୍ୟନ୍ତ ବନ୍ଧାକୋବି ପାଇପାରୁଥିବା ବେଳେ ଏପରି ୫ଥର ପାଇ ପାରିବା ଲକ୍ଷ ରଖିଛନ୍ତି ବୋଲି ସେ ଆଜି ସାକ୍ଷାତକାରରେ ସାମ୍ବାଦିକମାନଙ୍କୁ କହିଛନ୍ତି ।

## ଆଜି ୨୨ ଆକ୍ରାନ୍ତ

ଭଦ୍ରକ,୯।୧୧ (ନି.ପ୍ର): ଭଦ୍ରକ ଜିଲ୍ଲାରେ ଆଜି ନୂଆ ୨୨ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ନୂତନ ଚିହ୍ନଟ ଆକ୍ରାନ୍ତଙ୍କୁ ମିଶାଇ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୬ ହଜାର ୯୭୬ । ଏହି ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୬ହଜାର ୭୧୯ଜଣ ସୁସ୍ଥ ହୋଇ ସାରିଛନ୍ତି । ଏବେ ୨୩୬ଜଣ ସକ୍ରିୟ ଆକ୍ରାନ୍ତ ଜିଲ୍ଲାରେ ରହିଛନ୍ତି । ଆଜି ସୁଦ୍ଧା ମୋଟ ୧ଲକ୍ଷ ୩୯ହଜାର ୬୨୪ଜଣଙ୍କ ନମୁନା ପରୀକ୍ଷା ହୋଇଛି । ଆଜି ଚିହ୍ନଟଙ୍କ ମଧ୍ୟରେ ବନ୍ତ ବ୍ଲକରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକରୁ ଜଣେ, ଧାମନଗର ବ୍ଲକରୁ ଜଣେ, ତିହିଡି ବ୍ଲକରୁ ୨ଜଣ, ବାସୁଦେବପୁର ବ୍ଲକରୁ ୫ଜଣ, ଭଦ୍ରକ ବ୍ଲକରୁ ୬ଜଣ ଏବଂ ଭଦ୍ରକ ପୌରପାଳିକାରୁ ୬ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ୧୦୨ ତିର୍ତ୍ତୋଲ(ସଂ) ବିଧାନସଭା ଉପ ନିର୍ବାଚନ ଭୋଟ ଗଣତି ନିମନ୍ତେ ବ୍ୟବସ୍ଥା ଶେଷ ପର୍ଯ୍ୟାୟରେ

ଜଗତସିଂହପୁର,୯।୧୧ (ନି.ପ୍ର): ୧୦୨-ତିର୍ତ୍ତୋଲ (ସଂ) ବିଧାନସଭା ଉପନିର୍ବାଚନ ଭୋଟଗଣତି ଏସ୍.ଭି.ଏମ୍ କଲେଜ ଠାରେ ଆସନ୍ତା ନଭେମ୍ବର ୧୦ ତାରିଖ ସକାଳ ୮ଘଣା ଠାରୁ ଆରମ୍ଭ ହେବ । ଏଥିନିମନ୍ତେ ଏସ୍.ଭି.ଏମ୍ କଲେଜ ଠାରେ ସମସ୍ତ ବ୍ୟବସ୍ଥା କରାଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ସରୋଜ କୁମାର ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଇଭିଏମ୍ ଭୋଟଗଣତି ପାଇଁ ୨ଟି ହଲ୍ ବ୍ୟବସ୍ଥା ହୋଇଥିବା ବେଳେ ପୋଷ୍ଟାଲ ବ୍ୟାଲଟ ଗଣତି ନିମନ୍ତେ ଗୋଟିଏ ହଲ୍‌ର ବ୍ୟବସ୍ଥା ହୋଇଛି । ଇଭିଏମ୍ ଭୋଟ ଗଣତି ନିମନ୍ତେ ପ୍ରତ୍ୟେକ ହଲ୍‌ରେ ୭ଟି ଲେଖା ମୋଟ ୧୪ଟି ଟେବଲ ହୋଇଥିବା ବେଳେ ପୋଷ୍ଟାଲ ବ୍ୟାଲଟ୍ ନିମନ୍ତେ ୨ଟି ଟେବଲ ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ରାଉଣ୍ଡ ଗଣତି ପରେ ରିଟର୍ଣ୍ଣିଂ ଅଧିକାରୀ ଫଳାଫଳ ଘୋଷଣା କରିବେ । ପ୍ରତ୍ୟେକ ରୁମ୍ ଓ ଟଏଲେଟ୍ ସାନିଟାଇଜ୍ କରାଯିବ । ପ୍ରତ୍ୟେକ ଟେବୁଲ ପାଇଁ ସିସିଟିଭି ଓ ଟିଭି ବ୍ୟବସ୍ଥା କରାଯାଇଛି । ତିର୍ତ୍ତୋଲ ବିଧାନସଭା ଉପ ନିର୍ବାଚନ ଭୋଟଗଣତି ନିମନ୍ତେ ୨୨ ଜଣ କାଉଣ୍ଟିଂ ସୁପରଭାଇଜର, ୨୨ଜଣ କାଉଣ୍ଟିଂ ଆସିଷ୍ଟାଣ ଓ ୨୪ ଜଣ ମାଇକ୍ରୋ ଅବଜରଭର ନିୟୋଜିତ ହୋଇଛନ୍ତି । ନଭେମ୍ବର ୬ ଓ ୮ ତାରିଖରେ ନିୟୋଜିତ କର୍ମଚାରୀଙ୍କୁ କାଉଣ୍ଟିଂ ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ଶ୍ରୀ ସଚିଦା ନନ୍ଦ ସାହୁ, ବାଲିକୁଦା, ତହସିଲଦାର ଶ୍ରୀ ସିଦ୍ଧାର୍ଥ ଶଙ୍କର ସାହୁ ଓ ଶ୍ରୀ ପ୍ରୀତିଶ ନାୟକ ସମସ୍ତ ସୁପରଭାଇଜର, କାଉଣ୍ଟିଂ ଆସିଷ୍ଟାଣ ଓ ମାଇକ୍ରୋ ଅବଜରଭରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି ।

## କୃଷି ନୀତି ବିରୁଦ୍ଧରେ କଂଗ୍ରେସର କ୍ଷେତି ବଂଚାଅ ଯାତ୍ରା

ଭୁବନେଶ୍ୱର,୯।୧୧ (ନି.ପ୍ର):କେନ୍ଦ୍ର ସରକାରଙ୍କ କୃଷି ନୀତିକୁ ବିରୋଧ କରି ରାଜ୍ୟ କଂଗ୍ରେସ ପକ୍ଷରୁ ସୋମବାର କ୍ଷେତି ବଂଚାଅ ଯାତ୍ରା ଆରମ୍ଭ ହୋଇଛି । ପୂର୍ବାହ୍ନରେ ଓଡିଶା କଂଗ୍ରେସ ପ୍ରଭାରୀ ଚେଲ୍ଲା କୁମାର ଓ ପିସିସି ସଭାପତି ନିରଂଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଭୁବନେଶ୍ୱର କଂଗ୍ରେସ ଭବନ ଠାରୁ ଟ୍ରାକ୍ଟରରେ ରାଲି ବାହାରି କଟକ ଅଭିମୁଖେ ଯାଇଛି । ଏହି ଯାତ୍ରା ପ୍ରତାପନଗରୀ ଓ ୪୨ ମଉଜା ଦେଇ କଟକ କଂଗ୍ରେସ କାର୍ଯ୍ୟାଳୟରେ ପହଂଚିଛି । ଏଥିରେ କଗ୍ରେସର ବରିଷ୍ଠ ବିଧାୟକ ନରସିଂହ ମିଶ୍ର, ସୁରେଶ ରାଉତରାୟ , ତାରା ବାହିନୀ ପତି , ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ ହୋଇ କୃଷି ନୀତିକୁ ସମାଲୋଚନା କରିଛନ୍ତି । ଏଥିରେ କଂଗ୍ରେସ ପ୍ରଭାରୀ ସାଂସଦ ଡ. ଏ. ଚେଲାକୁମାର ଯୋଗଦେଇ କହିଛନ୍ତି ଯେ କୃଷକ ଓ ଶ୍ରମିକମାନଙ୍କ ଉନ୍ନତି ଓ ସ୍ୱାର୍ଥରକ୍ଷା ପାଇଁ କଂଗ୍ରେସ ଅଧକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀଙ୍କ ନିର୍ଦ୍ଦେଶରେ କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇଛି । ସେହିପରି ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ବିରୁଦ୍ଧରେ କହିଲେ ଯେ ଯଦି ସରକାରଙ୍କର ଚାଷୀଙ୍କ ପ୍ରତି ତିଳେମାତ୍ର ଆନ୍ତରିକତା ଅଛି ତେବେ ଛତିଶଗଡ ସରକାର ଯେପରି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୫୦୦ ଟଙ୍କା କରିଛନ୍ତି ସେହିପରି ଓଡିଶାରେ କରିବେକି ବୋଲି ପ୍ରଶ୍ନ କରିବା ସହିତ ୨୫୦୦ ଟଙ୍କା ତଳକୁ ଯିଏ କିଣିବ ବା ବିକ୍ରୀ କରିବ, ତା ପ୍ରତି ଜେଲ୍ ଦଣ୍ଡାଦେଶ ସହିତ ଅର୍ଥ ଦଣ୍ଡାଦେଶର ନିୟମ କଲେ ପ୍ରକୃତରେ ରାଜ୍ୟ ସରକାରଙ୍କର ଚାଷୀମାନଙ୍କ ପ୍ରତି ଦରଦ ଅଛି ବୋଲି ଜଣାପଡ଼ିବ ।

# ପୁଅର ଦାଉ ସହି ନପାରି ଥାନାରେ ବୃଦ୍ଧା

ବାଲେଶ୍ୱର,୯।୧୧ (ନି.ପ୍ର): କେତେ ମାତ୍ରାରେ ନ୍ୟୁନ ହୋଇଯାଉଛି, ତା'ର ଉଦାହରଣ ଆଜି ଦେଖିବାକୁ ମିଳିଛି ବାଲେଶ୍ୱର ସହରର ରାଣୀପାଟଣା ଅଞ୍ଚଳରେ । ଦୁଇ ଦୁଇଟା ପାରିଲା ପୁଅଙ୍କ ଦାଉ ସହି ନପାରି ୭୦ ବର୍ଷର ବିଧବା ମାଆ ଶେଷରେ ଥାନାରେ ଆଶ୍ରୟ ନେବା ଭଳି ଘଟଣାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ସହଦେବଖୁଣ୍ଟା ଥାନରେ ହୋଇଥିବା ଲିଖିତ ଅଭିଯୋଗ ଅନୁସାରେ ରାଣୀପାଟଣା ଅଞ୍ଚଳର ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ରଣାଙ୍କ ପତ୍ନୀ ସରୋଜିନୀ ରଣା(୭୦) ଦୀର୍ଘଦିନ ଧରି ବଡ଼ପୁଅ ସୁମନ୍ତଠାରୁ ନିର୍ଯାତନା ସହି ଚାଲିଛନ୍ତି । ୨୦୦୧ ମସିହାରେ ସ୍ୱାମୀ ପ୍ରଫୁଲ୍ଲଙ୍କ ମୃତ୍ୟୁ ପରେ ସରୋଜିନୀ ଭାଙ୍ଗିପଡ଼ିବା ସହ କୌଣସି ମତେ ଦୁଇପୁଅ ଓ ଗୋଟିଏ ଝିଅଙ୍କୁ ମଣିଷ କରିବା ପାଇଁ ବହୁ କଷ୍ଟ ଉଠାଇଥିଲେ । ଇତିମଧ୍ୟରେ ସମସ୍ତଙ୍କର ବିବାହ ସରିଥିବା ବେଳେ ବଡ଼ପୁଅ ସୁମନ୍ତ ମଦପିଇ ପ୍ରତିଦିନ ଘରେ ନାନାଦି ଅଘଟଣ ଘଟାଇବା ସହ ବୃଦ୍ଧା ମାଆ ସରୋଜିନୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଚାଲିଛି ବୋଲି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ସ୍ୱାମୀଙ୍କ ଦେହାନ୍ତ ପରେ ଏକମାତ୍ର ଆୟର ପନ୍ଥା ଭାବେ ସରୋଜିନୀ ଘରଭଡ଼ା ଅର୍ଥରେ କୌଣସି ମତେ ଚଳି ଯାଉଥିଲେ । ମାତ୍ର ଗତ କିଛିଦିନ ଧରି ବଡ଼ପୁଅ ସୁମନ୍ତ ଏହି ଅର୍ଥକୁ ଜୋର ଜବରଦସ୍ତ ନେଇଯିବା ସହ ତାଙ୍କୁ ମାଡ଼ ମାରୁଥିବା ସେ କହିଛନ୍ତି । ଏମିତିକି ଏହାର ପ୍ରତିବାଦ କରୁଥିବା ସାନପୁଅ ସୁକାନ୍ତକୁ ବି ଜୀବନରୁ ମାରିଦେବାକୁ ସେ ଚେଷ୍ଟା କରୁଥିବା ମାଆ ସରୋଜିନୀ ପୁଲିସ ଆଗରେ କହିଛନ୍ତି । ତୁରନ୍ତ ଏ ବାବଦରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଥାନାଧିକାରୀଙ୍କୁ ନିବେଦନ କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo